# ସରଳ

## ବହୁଭାଷୀ ଶିକ୍ଷାରେ ଶିକ୍ଷା ସହାୟକମାନଙ୍କ

## ଦକ୍ଷତା ବିକାଶ ଓ ନିର୍ଦ୍ଧାରଣ

## ପ୍ରଶିକ୍ଷଣ ପୁସ୍ତିକା

ପ୍ରସ୍ତୁତି
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଏବଂ
ଓଡିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ

ଓଡ଼ିଶା ସରକାର
୨୦୧୮

# ସରଳ

## ବହୁଭାଷୀ ଶିକ୍ଷାରେ ଶିକ୍ଷା ସହାୟକମାନଙ୍କ ଦକ୍ଷତା ବିକାଶ ଓ ନିର୍ଦ୍ଧାରଣ ପ୍ରଶିକ୍ଷଣ ପେଟିକା


**ନିର୍ଦ୍ଦେଶକ** : ପ୍ରଫେସର (ଡ) ଅଖିଳ ବିହାରୀ ଓତା
ସଦସ୍ୟ-ସଚିବ

**ସଂଯୋଜକ** : ଡ. ପରମାନନ୍ଦ ପଟେଲ

**ସଂସାଧକ** :
ଶ୍ରୀ ସୂର୍ଯ୍ୟ ନାରାୟଣ ପଣ୍ଡା
ଶ୍ରୀ ବିଜୟ କୁମାର ରଥ
ଶ୍ରୀ ଦ୍ୱିତୀ ଚନ୍ଦ୍ର ସାହୁ
ଶ୍ରୀ ଇନାମ୍ ଗମାଙ୍ଗ
ଶ୍ରୀ ଭୁବନେଶ୍ୱର ପଟେଲ
ଶ୍ରୀ ସୁଧାକର କୁଅଁର
ଶ୍ରୀ ଫରୋଜ ଖାନ୍ ଛିଞ୍ଚାଣୀ
ଶ୍ରୀ ଲାଲ ମୋହନ୍ ମାରାଣ୍ଡୀ
ଶ୍ରୀ ଫକୀର କିସ୍‌ପଟ୍ଟା
ଶ୍ରୀ କାଇରା ସିଂ ବାଲିଆ
ଶ୍ରୀ ଜଗୁ ମୁଣ୍ଡା
ଶ୍ରୀ ତ୍ରୀପତି ହିକ୍‌କା
ଶ୍ରୀ ରାମ ମାଡକାମୀ
ଶ୍ରୀ ଫିଲିପ୍ ମଣ୍ଡଳ
ଶ୍ରୀ ମାଛୁଆ ହୋ
ଶ୍ରୀ ସୂର୍ଯ୍ୟ ନାରାୟଣ ପାଢୀ
ଶ୍ରୀ ସୁଦର୍ଶନ ଜୁଆଙ୍ଗ

**ସମୀକ୍ଷକ**
ପ୍ରଫେସର ଉଦୟ ନାଥ ଦାଶ
ଶ୍ରୀ ସୂର୍ଯ୍ୟ ନାରାୟଣ ମିଶ୍ର
ଶ୍ରୀମତୀ ବିଦ୍ୟୁଲତା ମିଶ୍ର
ଶ୍ରୀ ପ୍ରଦୀପ କୁମାର ମାଝି
ଶ୍ରୀମତୀ ସଂଯୁକ୍ତା ଷଡଙ୍ଗୀ
ଶ୍ରୀ ବିଶ୍ୱନାଥ ତରାଇ
ଶ୍ରୀ ଚିନ୍ମୟୀ ସାହୁ



**ପ୍ରକାଶକ :**
ଆଦିବାସୀ ଭାଷା ଓ ସଂସ୍କୃତି ବିଭାଗ

**ସହାୟତା :**
ଓଡ଼ିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ
ଓଡ଼ିଶା ସରକାର

# ୧ମ ଦିବସ

# ପ୍ରଥମ ଅଧିବେଶନ

# ପଂଜିକରଣ

# କାର୍ଯ୍ୟସୂଚୀ (ସମୟ ନିର୍ଘଣ୍ଟ)

| ଦିବସ/ ସମୟ | ୯.୩୦– ୧୧.୦୦ | ୧୧.୦୦– ୧୨.୦୦ | ୧୨.୦୦ – ୧.୦୦ | ୧.୦୦– ୨.୦୦ | ୨.୦୦ – ୩.୦୦ | ୩.୦୦– ୪.୦୦ | ୪.୦୦– ୫.୦୦ | ତୁମ ପାଇଁ କାମ |
|---|---|---|---|---|---|---|---|---|
| ପ୍ରଥମ ଦିବସ | ପଂଜିକରଣ | ଉଦ୍‌ଘାଟନ ସମାରୋହ | ଅଭିଜ୍ଞତା ବିନିମୟ ଓ ବହୁଭାଷୀ ପ୍ରଶିକ୍ଷଣର ଉଦ୍ଦେଶ୍ୟ | ମ | ପ୍ରାକ୍-ମୂଲ୍ୟାୟନ | ଭାଷା ସଂପର୍କିତ ଅବବୋଧ | ବହୁଭାଷୀ ଶିକ୍ଷଣର ଉଦ୍ଦେଶ୍ୟ ଓ ଗୁରୁତ୍ୱ | |
| ଦ୍ୱିତୀୟ ଦିବସ | ପୁନରାଲୋଚନା | ମାତୃଭାଷା:କିପରି ଶିଖିବା ଓ ତାର ଆବଶ୍ୟକତା | ଭାଷା ଆହରଣ ଓ ଭାଷା ଶିକ୍ଷଣରେ ଶୁଣିବା | ଧ୍ୟା | ଭାଷା ଶିକ୍ଷଣରେ ଶୁଣିବା ଓ ଚାରି କୌଶଳ | ଶୁଣିବା ଦକ୍ଷତାର ପ୍ରତୀକ ଉପସ୍ଥାପନା (ଅଂଶଗ୍ରହଣକାରୀଙ୍କ ଦ୍ୱାରା) | | |
| ତୃତୀୟ ଦିବସ | ପୁନରାଲୋଚନା | ବହୁ ଭାଷୀ ଶିକ୍ଷଣରେ କହିବା | କହିବା ଦକ୍ଷତାର କୌଶଳ ଓ ମାଧ୍ୟମ | ହ୍ନ | ପରିପାର୍ଶ୍ୱ ପରିକ୍ରମା ଓ କହିବା ଦକ୍ଷତାର ବିକାଶ | ଶୁଣିବା ଓ କହିବାର ପ୍ରତୀକ ଉପସ୍ଥାପନା | | |
| ଚତୁର୍ଥ ଦିବସ | ପୁନରାଲୋଚନା | ବହୁଭାଷୀ ଶିକ୍ଷଣରେ ପଢ଼ିବା | ପଢ଼ିବା ଦକ୍ଷତାର କୌଶଳ ଓ ମାଧ୍ୟମ | ବି | ଚିତ୍ର ପଠନ ଓ ଅଭିନୟର ବିଭିନ୍ନ କୌଶଳ | ପଢ଼ିବାର ପ୍ରତୀକ ଉପସ୍ଥାପନା | | |
| ପଞ୍ଚମ ଦିବସ | ପୁନରାଲୋଚନା | ଶବ୍ଦ ଆହରଣ ସମୃଦ୍ଧିକରଣର ବିଭିନ୍ନ କୌଶଳ | ବହୁଭାଷୀ ଶିକ୍ଷଣରେ ବ୍ୟବହାରିକ ବ୍ୟାକରଣ | ର | ଦକ୍ଷତା ଆଧାରିତ ଭାଷା ଶିକ୍ଷଣ | ଶବ୍ଦ ଭଣ୍ଡାରର ଅଭିବୃଦ୍ଧି ପାଇଁ ପ୍ରତୀକ ଉପସ୍ଥାପନା | | |
| ଷଷ୍ଠ ଦିବସ | ପୁନରାଲୋଚନା | ବ୍ୟକ୍ତିଗତ ଉପସ୍ଥାପନା | ବହୁଭାଷୀ ଶିକ୍ଷଣରେ ପ୍ରାକ୍ ଲିଖନର ଗୁରୁତ୍ୱ | ତି | ଲିଖନର ବିଭିନ୍ନ କୌଶଳ ଓ ତାର ପ୍ରୟୋଗ | ଲିଖନ ସଂପର୍କିତ ପ୍ରତୀକ ଉପସ୍ଥାପନା | | |
| ସପ୍ତମ ଦିବସ | ପୁନରାଲୋଚନା | ପରବର୍ତ୍ତୀ ମୂଲ୍ୟାୟନ | ଅଂଶ ଗ୍ରହଣକାରୀଙ୍କ ଦ୍ୱାରା ପାରସ୍ପରିକ ମୂଲ୍ୟାୟନ | | ଉଦଯାପନୀ ସମାରୋହ | | | |

# ୧ମ ଦିବସ

# ଦ୍ୱିତୀୟ ଅଧିବେଶନ

# ଉଦ୍‌ଘାଟନ

# ସମାରୋହ

# ଅଭିଜ୍ଞତା ବିନିମୟ ଓ ବହୁଭାଷୀ ପ୍ରଶିକ୍ଷଣର ଉଦ୍ଦେଶ୍ୟ

**ପ୍ରଥମ ଦିବସ :** **ସମୟ : ୧.୦୦ ଘଣ୍ଟା**

**ତୃତୀୟ ଅଧିବେଶନ :**

**ପ୍ରତ୍ୟାଶିତ ଫଳାଫଳ :**

**ଅଂଶଗ୍ରହଣକାରୀମାନେ -**

- ❖ ପରସ୍ପରକୁ ଜାଣିବା ସହିତ ଅଭିଜ୍ଞତା ବିନିମୟ କରିପାରିବେ ।
- ❖ ବହୁଭାଷୀ ପ୍ରଶିକ୍ଷଣର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଜାଣିବେ ।

| ପ୍ରକ୍ରିୟା | ଆଲୋଚ୍ୟ ବିଷୟ |
|---|---|
| • ଅଂଶଗ୍ରହଣକାରୀ ଗୋଲାକାରରେ ବସିବେ ।<br>• ସକ୍ରିୟାତ୍ମକ କାର୍ଯ୍ୟ- ନିଜ ଭାଷାରେ ପରିଚୟ ପ୍ରଦାନ<br>• ପ୍ରତ୍ୟେକ ଅଂଶଗ୍ରହଣକାରୀ ସେମାନଙ୍କର ନାମ, ବିଦ୍ୟାଳୟର ନାମ ଓ ତାଙ୍କ ବିଦ୍ୟାଳୟରେ କେଉଁ ଭାଷାଭାଷୀର ପିଲାମାନେ ଅଛନ୍ତି ସେ ସମ୍ପର୍କରେ ସଂକ୍ଷେପରେ ଧାରଣା ଦେବେ । | ୧. ଆପଣମାନେ ପୂର୍ବରୁ କେଉଁ କେଉଁ କର୍ମଶାଳାରେ ଭାଗ ନେଇଛନ୍ତି ?<br>୨. ସେଗୁଡ଼ିକ କେଉଁ କେଉଁ ବିଷୟ ଉପରେ ପର୍ଯ୍ୟବେଶିତ ଥିଲା ?<br>୩. ଆପଣମାନେ ଏହି ବହୁଭାଷୀ ପ୍ରଶିକ୍ଷଣ କର୍ମଶାଳାରୁ କ'ଣ ସବୁ ଆଶା ରଖିଛନ୍ତି ?<br>୪. ଏହିଭଳି କାର୍ଯ୍ୟକ୍ରମକୁ ସଂଫଳ କରିବା ପାଇଁ ଆପଣମାନେ କ'ଣ କରିବେ ?<br>୫. ଏହି ପ୍ରଶିକ୍ଷଣ ଶିବିରର ସୁପରିଚାଳନା ପାଇଁ ଆମେ କେଉଁ କେଉଁ ଦିଗ ପ୍ରତି ଦୃଷ୍ଟି ଦେବା ? |

# ସାଧନ କର୍ମୀଙ୍କ ସୂଚନା

**(୧)**

### ସକ୍ରିୟାତ୍ମକ କାର୍ଯ୍ୟ

ପ୍ରଶିକ୍ଷକ ସମସ୍ତ ପ୍ରଶିକ୍ଷାର୍ଥୀମାନଙ୍କୁ ଗୋଲାକାରରେ ବସାଇ ଦୁଇଜଣିଆ ଦଳରେ ବିଭକ୍ତ କରିବେ କିମ୍ବା Chain Drill ମାଧ୍ୟମରେ ସମସ୍ତଙ୍କୁ ଦୁଇମିନିଟ ସମୟ ଦେଇ ଓ ପ୍ରତ୍ୟେକ ପ୍ରଶିକ୍ଷାର୍ଥୀ ଅନ୍ୟଜଣଙ୍କ ସହିତ ଆଞ୍ଚଳିକ ଭାଷାରେ ପରିଚୟ ପ୍ରଦାନ କରିବେ ।

ନିଜ ନାମ -

**ବିଦ୍ୟାଳୟର ନାମ –**

**ଗାଁର ନାମ –**

**ଆପଣଙ୍କର ରୁଚି –**

ଏହା ମଧ୍ୟ Chain Drill Method ରେ ଉପସ୍ଥାପନ କରାଯାଇପାରେ-

Chain Drill ର ଉଦ୍ଦେଶ୍ୟ ଓ କିପରି କରାଯିବ ତା ଉପରେ ସୂଚନା-

ନିଜକୁ ଜାଣିବା / ଜଣେଇବା ତାହା ସହିତ ନିଜ ଭିତରେ ଥିବା ସଙ୍କୋଚ ଦୂର କରି ଅନ୍ୟର ନିକଟତର ହେବା ଏହି Chain Drill ର ଅନ୍ୟତମ ଉଦ୍ଦେଶ୍ୟ । ନିଜ ଗାଁ / ନିଜ ନାମ ଓ ରଚି ବିଷୟରେ ଜଣେ କହିପାରେ ସେ ପାଖ ସାଥୀଙ୍କୁ ତା'ର ପରିଚୟ ମାଗେ ଯଥା ତୁମ ନାମ କ'ଣ ? ଏହାପରେ ପାଖ ସାଥୀଟି ନିଜର ପରିଚୟ ଓ ରଚି ବିଷୟରେ କହିବା ସହ ତୃତୀୟ ସାଥୀଙ୍କୁ ପୁନଶ୍ଚ ପ୍ରଶ୍ନ କରି । ଏପରି ପ୍ରଶ୍ନ ଉତ୍ତରରେ ଶେଷରେ ଅନ୍ୟ ସାଥୀମାନେ ନିଜ ଉତ୍ତର କିପରି ଦେବେ ସେଥି ନିମନ୍ତେ ପ୍ରସ୍ତୁତ ହୋଇଯାଆନ୍ତି । ଏହା ଆଦିବାସୀ ଭାଷାରେ ସମ୍ପାଦିତ ହୋଇପାରିଲେ ଭିନ୍ନ ଭିନ୍ନ ଭାଷା ସହିତ ସମସ୍ତଙ୍କର ଏକ ସ୍ଥୁଳ ଧାରଣା ଆସିଥାଏ । ଭାଷାର ଆହରଣ କୌଶଳ ସହ ସେମାନେ ପରିଚିତ ହୋଇଥାନ୍ତି ଏବଂ ଭାଷା ବୁଝିବା ଓ ବୁଝାଇବା ବ୍ୟବସ୍ଥାରେ ସୁଧାର ଆସିଥାଏ ।

**(୨)**

## ପ୍ରଶିକ୍ଷଣର ଲକ୍ଷ୍ୟ ଓ ଉଦ୍ଦେଶ୍ୟ (ବହୁଭାଷୀକ ଶିକ୍ଷା)

(ପ୍ରଶ୍ନ-୩) ଆମ ପିଲାମାନେ ଭିନ୍ନ ଭିନ୍ନ ଭାଷା ଗୋଷ୍ଠୀରୁ ଓ ଭିନ୍ନ ପରିବେଶରୁ ଆସିଥାନ୍ତି । ତେଣୁ ସେମାନଙ୍କ ମିଶିବା ସହଜ ହୋଇ ନ ଥାଏ । ଏହାର କାରଣ, ଭାଷା । ଏହାଛଡ଼ା ବିଦ୍ୟାଳୟରେ ଶିକ୍ଷକ ଯେଉଁ ଭାଷା ବ୍ୟବହାର କରନ୍ତି ଏବଂ ପାଠବହିରେ ଯେଉଁ ଭାଷା ବ୍ୟବହାର ହୁଏ, ତାହା ପିଲାର ଭାଷିକ ଜଗତ ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଫଳତଃ ଏଇଠି ପିଲା ଏକୁଟିଆ ହୋଇପଡ଼େ । ତା'ର ସମ୍ପର୍କ ନା ସାଥୀପିଲା ସାଙ୍ଗରେ ନା ଆଉ କାହା ସାଙ୍ଗରେ ସେ ସକ୍ଷମ ହୁଏ ନାହିଁ । ତେଣୁ ପିଲା, ଶିକ୍ଷକ ଓ ବିଦ୍ୟାଳୟ ଭିତରେ ଭାଷା ଭିତ୍ତିକ ଦୂରତା ବଢ଼େ । ଏହାକୁ ଦୂର କରିବା ଏହି ପ୍ରଶିକ୍ଷଣର ଲକ୍ଷ୍ୟ ।

ଆମେ ପିଲାଙ୍କୁ କେମିତି ବୁଝିବା, ପିଲା ସହିତ କେମିତି ଏକାତ୍ମ ହେବା ଏବଂ ପିଲା କିପରି ସହଜରେ ଶିକ୍ଷକଙ୍କ ଭାଷା ଓ ପାଠର ଭାଷା ବୁଝିବ ଏବଂ ସେ ନିଜକୁ ଏକୁଟିଆ ମନେ କରିବନି ସେଥିପାଇଁ କୌଶଳ ସବୁ ନିର୍ଦ୍ଧାରିତ କରିବା ଏହି ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ । (ପ୍ରଶ୍ନ ୪ ପାଇଁ)

- ❖ ବହୁଭାଷୀ ଶିକ୍ଷଣକୁ ସଫଳ କରିବା ପାଇଁ ଶିକ୍ଷକ ଶିକ୍ଷୟିତ୍ରୀମାନେ ଅନୌପଚାରିକ ଭାବରେ ସ୍ଥାନୀୟ ଗପ, ଗୀତ, ଢ଼ଗ ଢ଼ମାଳି, ପରିବେଶ ସମ୍ବନ୍ଧିତ ଖେଳ ଇତ୍ୟାଦିର ସାହାଯ୍ୟ ନେଇ ଶ୍ରେଣୀ ପରିଚାଳନା କରିବେ ।
- ❖ ଶିକ୍ଷକ ଶିକ୍ଷୟିତ୍ରୀ ନିଜ ଅଭିଜ୍ଞତାକୁ ଆଧାର କରି ନିଜ ମାତୃଭାଷା ବା ସେହି ଅଞ୍ଚଳରେ ସଂଯୋଗ ଭାଷା ପ୍ରୟୋଗ କରି ଶ୍ରେଣୀ ପରିଚାଳନା କରିପାରିବେ ।
- ❖ ପ୍ରଶ୍ନ ସବୁର ଆଲୋଚନା କାଳରେ ବହୁଭାଷୀ ପ୍ରଶିକ୍ଷଣର ଉଦ୍ଦେଶ୍ୟ କଳାପଟାରେ ଲେଖିବେ । ସମସ୍ତ ଅଂଶଗ୍ରହଣକାରୀଙ୍କୁ ୭ଟି ଦଳରେ ବିଭକ୍ତ କରି ନିମ୍ନ କାର୍ଯ୍ୟସୂଚୀ ଅନୁସାରେ ସାଧନକର୍ମୀ କାର୍ଯ୍ୟ ବଣ୍ଟନ କରିବେ ।

## ପ୍ରକ୍ରିୟା

୧) ବିବରଣୀ ଲିଖନ
୨) ପ୍ରାଚୀରପତ୍ର ସଂଯୋଜନା
୩) ଶୃଙ୍ଖଳା ରକ୍ଷା/ ଶିବିର ପରିଚାଳନା
୪) ସାଂସ୍କୃତିକ କାର୍ଯ୍ୟକ୍ରମ
୫) ମୁଖ୍ୟାଂଶ ଲିଖନ
୬) ପରିମଳ / ପରିଚ୍ଛନ୍ନତା/ ପ୍ରାର୍ଥନା
୭) ଖାଦ୍ୟ ପରିବେଷଣ

### ଆମ କାମ ଆମେ କରିବା

| | ଦ୍ୱିତୀୟ | ତୃତୀୟ | ଚତୁର୍ଥ | ପଞ୍ଚମ | ଷଷ୍ଠ | ସପ୍ତମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୨ | ୩ | ୪ | ୫ | ୬ | ୭ | ୧ |
| ୩ | ୪ | ୫ | ୬ | ୭ | ୧ | ୨ |
| ୪ | ୫ | ୬ | ୭ | ୧ | ୨ | ୩ |
| ୫ | ୬ | ୭ | ୧ | ୨ | ୩ | ୪ |
| ୬ | ୭ | ୧ | ୨ | ୩ | ୪ | ୫ |
| ୭ | ୧ | ୨ | ୩ | ୪ | ୫ | ୬ |

କାର୍ଯ୍ୟ ବଣ୍ଟନ ପରେ-

## ପ୍ରାକ୍ ମୂଲ୍ୟାୟନ

ଅଂଶ ଗ୍ରହକାରୀ ପ୍ରାକ୍ ମୁଲ୍ୟାୟନ ପରେ ନିଜ ନିଜ ମଧ୍ୟରେ ମୂଲ୍ୟାୟନ 'ର୍ଦ୍ଦକୁ ଅଦଳ ବଦଳ କରିବେ ଓ ସାଧନକର୍ମୀଙ୍କ ସୂଚନା ଅନୁସାରେ ସଂଶୋଧନ କାର୍ଯ୍ୟ କରିବେ । ସାଧନକର୍ମୀ ସମସ୍ତ ଅଂଶ ଗ୍ରହଣକାରୀଙ୍କୁ ପ୍ରାକ୍ ମୁଲ୍ୟାୟନର ଲବ୍ଧାଙ୍କ ଜଣାଇ ଦେବେ ଓ ନିମ୍ନ ପ୍ରଦତ୍ତ ପର 'ର୍ଦ୍ଦରେ ପୁରଣ କରିବେ ।

| କ୍ର. ସଂ | ଅଂଶଗ୍ରହଣକାରୀଙ୍କ ନାମ | ବିଦ୍ୟାଳୟର ନାମ | ପ୍ରାକ୍ ମୂଲ୍ୟାୟନ ଲବ୍ଧାଙ୍କ ୩୦ | ବ୍ୟକ୍ତିଗତ ଗୁଣାବଳୀ ୨୦ | ଶ୍ରେଣୀ ପରିଚାଳନା | ପ୍ରଶିକ୍ଷଣ ପରବର୍ତ୍ତୀ ମୂଲ୍ୟାୟନ ୩୦ | ମୋଟ ଲବ୍ଧାଙ୍କ | ମନ୍ତବ୍ୟ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |

# ୧ମ ଦିବସ

# ଚତୁର୍ଥ ଅଧିବେଶନ

# ପ୍ରାକ୍- ମୂଲ୍ୟାୟନ ଓ ସହଭାଗୀ ମୂଲ୍ୟାଙ୍କନ

# ପ୍ରାକ୍ ମୂଲ୍ୟାୟନ

୧. ଆତ୍ମ ପରିଚିତି

ନାମ ____________________

ପଦବୀ ____________________

ବିଦ୍ୟାଳୟର ଠିକଣା ____________________

ଶିକ୍ଷାଗତ ଯୋଗ୍ୟତା ____________________

୨. ଆପଣ କେଉଁ କେଉଁ ଭାଷା ଜାଣନ୍ତି ? (୩)

| | ଭାଷା \ ଦକ୍ଷତା | ସାଧାରଣ | ମଧ୍ୟମ | ଉତ୍ତମ |
|---|---|---|---|---|
| ୧ | | | | |
| ୨ | | | | |
| ୩ | | | | |
| ୪ | | | | |
| ୫ | | | | |

୩. ଆପଣ କେଉଁଥିରେ ବିଶେଷ ରଚି ରଖନ୍ତି ? (ନିଜ ଭାଷାରେ ଲେଖନ୍ତୁ) (୧)

କ. ଖେଳିବା

ଖ. ଖାଇବା

ଗ. ପାଠ ବିଷୟ

ଘ. ଅନ୍ୟାନ୍ୟ

୪. ଆପଣଙ୍କ ବିଦ୍ୟାଳୟରେ କେଉଁ କେଉଁ ଭାଷାଭାଷୀର ପିଲାମାନେ ପଢ଼ନ୍ତି ? (୧)

୫. ସେହି ପିଲାଙ୍କ ସହିତ ଆପଣ କେଉଁ ଭାଷାରେ କଥାବାର୍ତ୍ତା କରିବାରେ ସହଜ ଅନୁଭବ କରନ୍ତି ? (୧)

୬. ପିଲାମାନେ କେଉଁ ଭାଷାରେ କଥା ହୁଅନ୍ତି ? (୨)

କ) ଘରେ

ଖ) ପଡୋଶୀଙ୍କ ସହିତ

ଗ) ସାଙ୍ଗ ସାଥୀଙ୍କ ସହ

ଘ) ଶିକ୍ଷକ/ଶିକ୍ଷିକାଙ୍କ ସହ

୭.	ଶ୍ରେଣୀ ପରିଚାଳନାରେ ଆପଣ ଭାଷା ସମ୍ପର୍କିତ କି କି ସମସ୍ୟାର ସମ୍ମୁଖୀନ ହୁଅନ୍ତି ? (୨)

୮.	ଶ୍ରେଣୀ ପରିଚାଳନା ସମୟରେ ଆପଣ ପାଠ ବିଷୟବସ୍ତୁକୁ ଆଦିବାସୀ ପିଲାଙ୍କ ମାତୃଭାଷା ଗୁଡ଼ିକରେ ଅନୁବାଦ କରି ପାରନ୍ତି କି ?

ଯଦି ହଁ, ଗୋଟିଏ ବାକ୍ୟରେ ଉଦାହରଣ ଦିଅନ୍ତୁ । (୧)

୯.	ଶ୍ରେଣୀରେ ଶିକ୍ଷକ ଓ ଶିକ୍ଷାର୍ଥୀ ସାଙ୍କେତିକ ଭାଷାର ବ୍ୟବହାର କରିଥାନ୍ତି କି ? (୨)

କ) ଯଦି ହଁ, ତେବେ ତାର ଉଦାହରଣ ଦିଅନ୍ତୁ ।

ଖ) ଯଦି ନାଁ, ତେବେ ସେ କେଉଁ ଭାଷାରେ ପ୍ରଶ୍ନ ପଚାରେ ?

ଗ) ସେହି ପ୍ରଶ୍ନର ଉତ୍ତର ଆପଣ କିପରି ଦିଅନ୍ତି ?

୧୦.	ଆପଣ ଶ୍ରେଣୀ ପରିଚାଳନାରେ ପିଲାଙ୍କ ସାହାଯ୍ୟ ନିଅନ୍ତି କି ? (୧)

୧୧.	ମାତୃଭାଷାରେ ଶ୍ରେଣୀ ପରିଚାଳନା କରିବା ଦ୍ୱାରା ପିଲାଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି ହେବା ଅନୁଭବ କରି ପାରୁଛନ୍ତି କି ? (୧)

୧୨.	ପିଲାମାନଙ୍କ ସହିତ ଶ୍ରେଣୀ କକ୍ଷରେ ମାତୃଭାଷାରେ କଥାବାର୍ତ୍ତା ହେବା ସମୟରେ ସେମାନେ ସ୍ୱ-ଇଚ୍ଛାରେ ଉତ୍ତର ଦେବାରେ ଆଗ୍ରହ ରଖନ୍ତି କି ? (୧)

୧୩.	ଆପଣ ବିଦ୍ୟାଳୟରେ ନିଜ ଭାଷାର ଗୀତ ଗାଆନ୍ତି କି ? (୨)

କ) ଯଦି ହଁ, ଉଦାହରଣ ଦିଅନ୍ତୁ ।

ଖ) ସେହି ଗୀତର ଓଡ଼ିଆ ଅର୍ଥ କ'ଣ ଓ କେଉଁ ଭାଷାରେ ବୁଝାନ୍ତି ?

୧୪.	କାହାଣୀ କହିବା ସମୟରେ ଠିକ୍ ବୁଝିବା ପାଇଁ କେଉଁ ଭାଷାରେ ପ୍ରଶ୍ନ ପଚାରନ୍ତି ? (୧)

୧୫.	ଶ୍ରେଣୀ ପରିଚାଳନା କଲାବେଳେ ବହିର ଭାଷା ସହିତ ପିଲାର ଭାଷା ବ୍ୟବହାର କରନ୍ତି କି ? (୧)

୧୬.	ଏହା ଆପଣଙ୍କୁ ବୁଝିବା ପାଇଁ ସାହାଯ୍ୟ କରେ କି ? (୧)

୧୭.	ନିମ୍ନରେ ଥିବା ଶବ୍ଦଗୁଡ଼ିକୁ ନିଜ ମାତୃଭାଷାରେ ଅନୁବାଦ କରନ୍ତୁ । (୪)

ଆମ୍ବ, ଚମ୍ପା, ଲାଉ, ମଇଁଷି

୧୮. ଦିଆ ଯାଇଥିବା ଶବ୍ଦ ମଧ୍ୟରୁ ଯେ କୌଣସି ୨ଟିକୁ ନିଜ ଭାଷାରେ ବାକ୍ୟରେ ବ୍ୟବହାର କରନ୍ତୁ । (୨)

ଘର, ଫୁଲ, ଝରଣା

୧୯. (କ, ଗ, ତ, ପ, ନ) ବନ୍ଧନୀରେ ଥିବା ଯେ କୌଣସି ଗୋଟିଏ ଅକ୍ଷରକୁ ନେଇ ତିନୋଟି ଶବ୍ଦ ଗଠନ କରନ୍ତୁ, ଯେପରି ସେହି ଅକ୍ଷରଟି ଶବ୍ଦର ଆରମ୍ଭରେ, ମଝିରେ ଓ ଶେଷରେ ରହିବ । (୨)

୨୦. ତଳେ ଦିଆ ଯାଇଥିବା ଚିତ୍ର ଗୁଡିକର ନାମ ନିଜ ଭାଷାରେ ଲେଖନ୍ତୁ । (୩)







୨୧. ଆପଣଙ୍କ ବିଦ୍ୟାଳୟରେ ପଢୁଥିବା କେଉଁ ଗୋଷ୍ଠୀର ପିଲାଙ୍କ ଭାଷାର ଲିପି ଅଛି ? (୧)

୨୨. ନିମ୍ନୋକ୍ତ ବାକ୍ୟ ଗୁଡିକୁ ଆପଣଙ୍କ ମାତୃଭାଷାରେ ଅନୁବାଦ କରନ୍ତୁ । (୨)

(ପରୀକ୍ଷା ପରିଚାଳନା ସମୟରେ ଯେ କୌଣସି ପତ୍ରିକା / ପୁସ୍ତକରୁ ଛୋଟ ଅନୁଚ୍ଛେଦଟିଏ ଦିଆ ଯାଇପାରେ)

୨୩. ଆପଣଙ୍କ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ପାଠ ବହି ଭଲ ଭାବରେ ପଢ଼ି ପାରନ୍ତି କି ?

ଯଦି ନାହିଁ, ତେବେ କେଉଁ ପ୍ରମୁଖ ସମସ୍ୟାର ସମ୍ମୁଖୀନ ହୁଅନ୍ତି ? (୨)

୨୪. ନିଜ ମାତୃଭାଷା ବ୍ୟତୀତ ଅନ୍ୟ ଭାଷାର ପାଠ ବହି ପଢ଼ିବା ସମୟରେ ଉପଯୁକ୍ତ ଭାବରେ ସ୍ୱରର ଉତ୍ଥାନ ପତନ କରି ପାରନ୍ତି କି ? (୧)

୨୫. ବିଭିନ୍ନ ବର୍ଣ୍ଣ ଲେଖିବା ସମୟରେ ଆପଣଙ୍କର ଶିକ୍ଷାର୍ଥୀମାନେ କେଉଁ ପ୍ରଣାଳୀ ଅବଲମ୍ବନ କରନ୍ତି ? (୧)

୨୬. ଶିକ୍ଷାର୍ଥୀମାନଙ୍କୁ ବାକ୍ୟ ଲେଖାଇବା ସମୟରେ ଉପଯୁକ୍ତ ବିରାମ ଚିହ୍ନ ବ୍ୟବହାର କରାନ୍ତି କି ? (୧)

୨୭. ଉପରୋକ୍ତ ୨ଟି ପ୍ରଶ୍ନର ବ୍ୟବହାର ପାଇଁ ଆପଣ କ'ଣ କ'ଣ ଅଭ୍ୟାସ କରାଇଅଛନ୍ତି, ଉଦାହରଣ ଦିଅନ୍ତୁ । (୨)

୨୮. ଓଡ଼ିଆ ଅକ୍ଷରକୁ ଆପଣ କିପରି ଶିଖାନ୍ତି ଉଦାହରଣ ଦିଅନ୍ତୁ । (୧)

୨୯. ଭିନ୍ନ ଭିନ୍ନ ଅର୍ଥ ପ୍ରକାଶ କରୁଥିବା ୨ଟି ସମୋଚ୍ଚାରିତ ଶବ୍ଦ ମାତୃଭାଷାରେ ଲେଖନ୍ତୁ । (୨)

୩୦. ବହିର ଭାଷା ଶିଖିବାରେ ମାତୃଭାଷା ସାହାଯ୍ୟ କରେ କି ? (୧)

୩୧. ପାଠ ବହି ପଢ଼ାଇବାରେ ମାତୃଭାଷା ସହାୟକ ହୁଏ କି ? (୧)

୩୨. ଶ୍ରେଣୀ ପରିଚାଳନା ବେଳେ ମାତୃଭାଷାରେ ଶବ୍ଦ, ବାକ୍ୟ ଓ ନିଜସ୍ୱ ପାରମ୍ପରିକ ଶବ୍ଦାବଳୀକୁ ବ୍ୟବହାର କରନ୍ତି କି ? (୧)

୩୩. ଶିକ୍ଷଣ କାର୍ଯ୍ୟ ସମୟରେ ଶିକ୍ଷଣ ଉପକରଣ (TLM) ପିଲାଙ୍କ ମାତୃଭାଷାରେ ଅନୁବାଦ କରନ୍ତି କି ?

(ହଁ/ ନା) (୧)

୩୪. ଆପଣଙ୍କ ଭାଷାରେ ଉପଲବ୍ଧ ନଥିବା ପଦକୁ ଚିତ୍ର ମାଧ୍ୟମରେ ବୁଝାନ୍ତି କି ?

ଯେପରି ଜେବ୍ରା, ପେଙ୍ଗୋଇନ୍ । (୧)

# ଭାଷା ସଂପର୍କିତ ଅବବୋଧ

**ପ୍ରଥମ ଦିବସ :** **ସମୟ: ୧.୦୦ ଘଣ୍ଟା**

**ପଞ୍ଚମ ଅଧିବେଶନ :**

**ପ୍ରତ୍ୟାଶିତ ଫଳାଫଳ :**

- ଅଂଶଗ୍ରହଣକାରୀମାନେ
- ଭାଷା ସଂପର୍କରେ ଜାଣିବେ
- ଭାଷାର ବିଜ୍ଞାନ ସମ୍ମତ କାରକ ଗୁଡ଼ିକ ଜାଣିବେ

| ପ୍ରକ୍ରିୟା | ଆଲୋଚ୍ୟ ବିଷୟ |
|---|---|
| ସକ୍ରିୟାତ୍ମକ କାର୍ଯ୍ୟ କରିବେ । (ପରବର୍ତ୍ତୀ ପୃଷ୍ଠାରେ ପ୍ରଦତ୍ତ)<br>ପ୍ରଶ୍ନ ୧,୨ ଓ ଖୋଲା ଆଲୋଚନା<br>ପ୍ରଶ୍ନ ୩ ଦଳଗତ ଆଲୋଚନା<br>ପ୍ରଶ୍ନ ୪ ଖୋଲା ଆଲୋଚନା ସମସ୍ତ ପ୍ରକାର କ୍ରମରେ ପରବର୍ତ୍ତୀ ପୃଷ୍ଠାରେ ପ୍ରଦତ୍ତ :. | ୧. ଭାଷା କାହାକୁ କୁହାଯାଏ ?<br>୨. ଭାଷା ଶିକ୍ଷାର କୌଶଳ ସବୁ କ'ଣ ?<br>୩. ମାତୃଭାଷା କ'ଣ ? ଓଡ଼ିଶାର ଆଦିବାସୀ ଗୋଷ୍ଠୀ ଓ ସେମାନଙ୍କ ମାତୃଭାଷା ଶିକ୍ଷା ଅନ୍ୟ ଭାଷା ଶିକ୍ଷାରେ କିପରି ସାହାଯ୍ୟ କରେ ?<br>୪. ଭାଷା ଭାଷା ମଧ୍ୟରେ ଥିବା ସଂପର୍କ ଆହରଣ ପ୍ରକ୍ରିୟାକୁ କିପରି ସହଜ କରେ ? |

**ସୂଚନା-**

**ବି:ଦ୍ର:** ଆଲୋଚ୍ୟ ବିଷୟର ସମସ୍ତ ପ୍ରଶ୍ନର ସମ୍ଭାବ୍ୟ ଆଲୋଚନା ତଥ୍ୟ ପରବର୍ତ୍ତୀ ପୃଷ୍ଠାରେ ପ୍ରଦାନ କରାଯାଇଛି ।

: **ସକ୍ରିୟାତ୍ମକ କାର୍ଯ୍ୟ:**

– ଆସ ଆମେ ସାଥୀ ବାଛିବା–

ପ୍ରଶିକ୍ଷାର୍ଥୀ ମଧ୍ୟରେ କିଛି ଚିରୁକୁଟ ଦିଆଯିବ । ବିନା କଥନ ବା ବାକ୍ୟ ବିନିମୟରେ ନିଜ ପରିଚୟ ନ ଦେଇ କେବଳ ଧ୍ୱନି, ସ୍ୱର, ଅଭିନୟ ଜରିଆରେ ନିଜର ସାଥୀକୁ ବାଛିବେ । ଏଥିପାଇଁ ସାଧନକର୍ମୀ ପ୍ରଶିକ୍ଷାର୍ଥୀଙ୍କ ସଂଖ୍ୟା ଅନୁସାରେ ଆବଶ୍ୟକ ଦଳ ଅନୁଯାୟୀ ବିଭିନ୍ନ ପଶୁପକ୍ଷୀଙ୍କ ଚିରୁକୁଟ୍ ଦେବେ ଏବଂ ପ୍ରତି ପ୍ରଶିକ୍ଷାର୍ଥୀଙ୍କୁ ଇଚ୍ଛା ମୁତାବକ ଉଠାଇବାକୁ କହିବେ ।

କାର୍ଯ୍ୟ ଶେଷ ପରେ ସାଧନକର୍ମୀ ଦଳ କିପରି ବାଛିଲେ ସେ ସଂପର୍କରେ ଦଳଗତ ଭାବେ ଆଲୋଚନା କରିବେ ।

# ସାଧନକର୍ମୀଙ୍କ ପାଇଁ ସୂଚନା

**ସକ୍ରିୟାତ୍ମକ କାର୍ଯ୍ୟ:**

**ପ୍ରଶ୍ନ: ୧,୨,୩**

ଭାଷା ହେଉଛି ଏପରି ଏକ ମାଧ୍ୟମ ଯାହା, ଏକ କାର୍ଯ୍ୟକଳାପ ବା ଅବବୋଧକୁ ବୁଝିବାରେ ଓ ବୁଝାଇବାରେ ସହାୟକ ହୋଇଥାଏ । ଏହା ଆମ ପୂର୍ବରୁ ବାହାରୁଥିବା ବିଭିନ୍ନ ଧ୍ୱନିର ଅର୍ଥପୂର୍ଣ୍ଣ ଏକକ ହୋଇପାରେ ବା ସଂଙ୍କେତ ମାଧ୍ୟମରେ ଏକ ଅଭିବ୍ୟକ୍ତିକୁ ବୁଝିବା ଓ ବୁଝେଇବାର କୌଶଳ ହୋଇପାରେ । ମୂଳରୁ ଭାଷା ସଂପର୍କରେ ଆମର ପ୍ରାଚୀନ-ମନୀଷୀମାନେ ଯେଉଁ ମାଧ୍ୟମ ବ୍ୟବହାର କରୁଥିଲେ ବା ଶାସନକାର୍ଯ୍ୟ ଓ ବ୍ୟବସାୟରେ ଲଗାଉଥିଲେ ତାକୁ ଭାଷା ରୂପରେ ସ୍ୱୀକୃତି ଦେଉଥିଲେ । ଏହି ଭାଷାଗୁଡ଼ିକ ବ୍ୟାକରଣ ଆଧାରିତ ଥିଲା ଏବଂ ନିୟମାନୁବନ୍ଧ ଥିଲା । କିନ୍ତୁ ଏହି ଧାରଣା ବିଂଶ ଶତାବ୍ଦୀର ଦ୍ୱିତୀୟ ଭାଗରେ ଭୁଲ ପ୍ରମାଣିତ ହେଲା, ଯେତବେଳେ ଭାଷାକୁ ଭାଷା ବିଜ୍ଞାନ ଦୃଷ୍ଟିରୁ ଆକଳନ କରାଗଲା । ଦେଖାଗଲା ଯେ ସମସ୍ତ ମୌଖିକ ଭାଷାର ଏକ ସୁ-ଶୃଙ୍ଖଳିତ ବ୍ୟାକରଣ ରହିଛି ଏବଂ ଏହାର ଗଠନ ପ୍ରାକୃତିକ ଭାବରେ ସୃଷ୍ଟି ହୋଇଛି । ବିଶଂ ଶତାବ୍ଦୀର ତୃତୀୟ ପର୍ଯ୍ୟାୟରେ ଏହି ଧାରଣା କ୍ରମଶଃ ଆହୁରି ସାର୍ବଜନୀନ ହୋଇଛି ଏବଂ ଭାଷା ଭାଷା ଭିତରେ ଯେଉଁ ଦୂରତା ଥିଲା ତାହା କାଳକ୍ରମେ ଦୂର ହେବାରେ  ଲାଗିଛି । ଉଦ୍ଦେଶ୍ୟ ହେଉଛି, ଭାଷା ଭାବ ପ୍ରକାଶର ଏକ ମାଧ୍ୟମ । ଏହା ଓଡ଼ିଶାରେ ବା ଭାରତରେ ଯେତିକି ସତ୍ୟ, ବିଦେଶରେ ମଧ୍ୟ ସେତିକି ବାସ୍ତବ । ଦ୍ୱିତୀୟତଃ, ଭାଷାକୁ ଗୋଟିଏ ସାଧାରଣ ପରିବାରର ଶିଶୁ ଯେପରି ଆୟତ୍ତ କରିଥାଏ; କୌଣସି ଆନୁଷ୍ଠାନିକତା ନ ଥାଇ ସ୍ୱତଃ ପ୍ରବୃତ୍ତ ଭାବରେ ତା' ଭାଷା ବିକାଶ ସାଙ୍ଗକୁ ଏକ ନିର୍ଭୁଲ ବ୍ୟାକରଣଟିଏ ସୃଷ୍ଟି ହୋଇଥାଏ । ପ୍ରାୟତଃ, ଏକ ନିମ୍ନତମ ଅର୍ଥବୋଧକାରୀ ବାକ୍ୟଟିଏ ଅନ୍ୟୁନପକ୍ଷେ ଏକ କର୍ତ୍ତା, କର୍ମ, ଓ କ୍ରିୟା ସଂଯୋଗ (SOV) ହେଉଥିବାବେଳେ ଆଉ କେଉଁ ଭାଷାରେ କର୍ତ୍ତା ପଛକୁ କ୍ରିୟା ସଂଯୋଜିତ ହୋଇ କର୍ମ (SOV)  ଶେଷରେ ଉଲ୍ଲିଖିତ ହୁଏ । ତେଣୁ କ୍ରିୟାର ଉଦ୍ଦେଶ୍ୟ ଜଣା ପଡ଼ିଗଲେ କର୍ତ୍ତା, କର୍ମକୁ ବୁଝିବାରେ କୌଣସି ବାଧା ବା ଅସୁବିଧା ନ ଥାଏ । ଏହିପରି ଗଠନ କୌଶଳକୁ ଦେଖି ବା ବାକ୍ୟର ପ୍ରକୃତିକୁ ଆଲୋଚନା କରି ମନୀଷୀମାନେ ଭାଷାର ସାର୍ବଜନୀନତା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି ।

- ଭାଷା କେବଳ ଏକ କଥାବାର୍ତ୍ତା ବା ଭାବ ପ୍ରକାଶର ମାଧ୍ୟମ ନୁହେଁ । ଏହା ମଧ ମାନସିକ କାର୍ଯ୍ୟକଳାପ ଯାହା ଅହରହ ମନରେ ଚାଲିଥାଏ ।
- ଭାଷା ଭାଷା ମଧ୍ୟରେ ୮୦% ସାମଞ୍ଜସ୍ୟ ରହିଥାଏ ।
- ବିଭିନ୍ନ ଭାଷାର ବ୍ୟାକରଣଗତ ସାମଞ୍ଜସ୍ୟ ମଧ ରହିଛି ।
- ଉଦାହରଣ ପୃଥିବୀର ପ୍ରାୟ ସମସ୍ତ ଭାଷାରେ ବିଶେଷ୍ୟ ଓ କ୍ରିୟାପଦ ଭଳି ଶବ୍ଦାବଳୀ ରହିଥାଏ, ଯାହାକି ଏକ ସରଳ ଭାବ ପ୍ରକାଶରୁ ଜଟିଳ ଆଡ଼କୁ ଗତି କରେ ।
- ଭାଷା ଶିକ୍ଷଣର ସାଧାରଣ କୌଶଳ ଯଥା-ଶୁଣିବା, କହିବା, ପଢ଼ିବା ଓ ଲେଖିବା ଓ କିଛି ଉପଦକ୍ଷତା ମଧ ପ୍ରତ୍ୟେକ ଭାଷାରେ ରହିଥାଏ ।
- ମାତୃଭାଷା ଶିକ୍ଷା ଅନ୍ୟ ଭାଷା ଶିକ୍ଷାରେ ସାହାଯ୍ୟ କରେ ।
- ମାତୃଭାଷା ଶିକ୍ଷା ପ୍ରଥମେ ହେଲେ ଭାଷା ସରଳ ହୋଇଥାଏ ।
- ମନ ଭିତରେ ଭାଷାର କାମ ହେଲେ ଯାଇ ପାଟିରେ ଭାଷା ବାହାରେ ।

**ପ୍ରଶ୍ନ : ୨ ଭାଷା ଶିକ୍ଷାର କୌଶଳ :**

- ❖ ଶୁଣି ଶୁଣି
- ❖ ଦେଖି ଦେଖି
- ❖ ନିଜେ କାମ କରି
- ❖ ଅନ୍ୟ ସହ କଥା ହୋଇ
- ❖ ଆଲୋଚନା କରି
- ❖ ନାଚ, ଗୀତ, କାହାଣୀ, ଲୋରୀ ଶୁଣି
- ❖ ଅଭିନୟ

**ପ୍ରଶ୍ନ : ୩** ନିଜ ଚାରି ପାଖରେ ବହୁଳ ଭାବେ କୁହା ଯାଉଥିବା ଭାଷାକୁ ମାତୃଭାଷା କୁହାଯାଏ । ପିଲା ଦିନଠାରୁ ନିତିଦିନ ପରିବାର ଓ ତା ଆଖ ପାଖରେ ଯେଉଁ ଭାଷା ଶୁଣି ସେ ବଢ଼େ ସେହି ଭାଷାକୁ ମାତୃଭାଷା କୁହାଯାଏ ।

- ଆମ ବିଦ୍ୟାଳୟର ଶ୍ରେଣୀଗୃହ ପରିବେଶରେ ଦୁଇ କିମ୍ବା ଦୁଇରୁ ଅଧିକ ଭାଷାର ପ୍ରଚଳନ ଦେଖିବାକୁ ମିଳେ ।
- ପିଲାଙ୍କ ମାତୃଭାଷା ଓ ବିଦ୍ୟାଳୟର ଭାଷା ଅଞ୍ଚଳ ଭିତ୍ତିରେ ଭିନ୍ନ ଭିନ୍ନ ହୋଇଥାଏ ।
- ପିଲାଙ୍କ ବିଭିନ୍ନ ଭାଷାରେ ଦକ୍ଷତା ସେହି ଭାଷାର ବ୍ୟବହାର ଉପରେ ନିର୍ଭର କରେ ।
- ଏହା ସ୍ୱୀକାର କରିବାକୁ ହେବ ଯେ କଥନ ଓ ଲିଖନ ଶୈଳୀର ଦକ୍ଷତା ବିଭିନ୍ନ ଭାଷାରେ ଭିନ୍ନ ।
- ବହୁ ଭାଷାଭାଷୀ ପାଠ୍ୟକ୍ରମ ପିଲାମାନଙ୍କର ଆପଣା ସାଂସ୍କୃତିକ ଜ୍ଞାନ ଓ ଅନୁଭବର ଦୃଷ୍ଟିକୋଣରୁ ଆରମ୍ଭ କରି ବାହାର ପୃଥିବୀର ଜ୍ଞାନ ଓ ଅନୁଭବ ଆହରଣରେ ଗୁରୁତ୍ୱ ଦେଇଥାଏ ।
- ବହୁଭାଷାର ବ୍ୟବହାର କ୍ଷେତ୍ର, ପ୍ରୟୋଜନ ଅନୁସାରେ ଆପଣା ଛାଏଁ ସ୍ଥିର ହୋଇଥାଏ ।
- ବହୁଭାଷିକ ଶିକ୍ଷା ଏପରି ଏକ ପାଠ୍ୟକ୍ରମ ଏବଂ ଏପରି ଏକ ଶିକ୍ଷାଦାନ ପଦ୍ଧତି ଯାହା ଭିନ୍ନ ଭିନ୍ନ ଭାଷାଭାଷୀଙ୍କ ମଧ୍ୟରେ ସେତୁ ବାନ୍ଧେ ।
- ଏହା ମାତୃଭାଷା ମୂଳଦୁଆ ଉପରେ ଗଢ଼ାହୁଏ । ଏହା ଗୋଟିଏ ଭାଷାକୁ ଛାଡ଼ି ଅନ୍ୟ ଏକ ଭାଷାକୁ ଯିବା ନୁହେଁ ।
- ବହୁଭାଷିକ ଶିକ୍ଷା ଆପଣା ମାତୃଭାଷା ଓ ଅନ୍ୟାନ ସ୍ଥାନୀୟ ଭାଷାକୁ ସମ୍ମାନ କରିବାକୁ ଶିଖେ ।
- ବହୁଭାଷିକ ଶିକ୍ଷା ପିଲା ଜାଣିଥିବା ଭାଷା ଓ ପିଲା ଗଢ଼ିଥିବା ଜ୍ଞାନ ଉପରେ ଆଧାରିତ ହୁଏ ।
- ପିଲା ଯେଉଁ ଭାଷା ଜାଣିଥାଏ, କହିପାରେ ଏବଂ ବୁଝିପାରେ, ସେହି ଭାଷାରେ ସେ ଲେଖାପଢ଼ା କରିବା ଆରମ୍ଭ କରେ ।
- ପ୍ରାଥମିକ ସ୍ତରରେ ଛବି, କାହାଣୀ, ଗୀତ, ଅଭିନୟ ଇତ୍ୟାଦି ମାଧ୍ୟମରେ ପିଲାମାନେ ସହଜରେ ଭାଷା ଶିକ୍ଷା କରିବାର ପ୍ରବୃତ୍ତି ସୃଷ୍ଟି କରି ପାରନ୍ତି ।(ଅନ୍ୟାନ୍ୟ ପଠନ ଲିଖନ ସାମଗ୍ରୀ)
- ବହୁଭାଷୀ ଶ୍ରେଣୀରେ ଶିକ୍ଷକ, ପିଲା ଜାଣି ଥିବା ଗୋଟିଏ ଭାଷା ଜାଣିଥାଇ କିମ୍ବା ସେ ଗୋଟିଏ ହେଲେ ଭାଷା ଜାଣି ନ ଥାଇ ପାରନ୍ତି ।
- ଭାଷା ଶିକ୍ଷାରେ ସଂପୃକ୍ତ ଭାଷାର ଧ୍ୱନି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ନେଇଥାଏ
- ମାତୃଭାଷାର ଧ୍ୱନି ଅନୁକ୍ରମରେ ଅନ୍ୟଭାଷା ଶିଖିବା ସହଜ ହୁଏ ।
- ଧ୍ୱନି ଜାଣିବା ପାଇଁ ସଂପୃକ୍ତ ଭାଷାର ଉଚ୍ଚାରଣ କୌଶଳ ଆୟତ୍ତ କରିବା ନିହାତି ଆବଶ୍ୟକ ।

**ପ୍ରଶ୍ନ : ୩**

ଭାଷା ଭାଷା ମଧ୍ୟରେ ଥିବା ସମ୍ପର୍କ ପିଲାର ଆହାରଣ ପ୍ରକ୍ରିୟାକୁ ସୁଗମ କରିଥାଏ । ଏଇଠି ଏକ ଉଦାହରଣ ଦେବା ମନେ ଆବଶ୍ୟକ ମନେ ହେଉଛି । ଉଦାହରଣଟି ହେଲା , ଦେଶିଆ ଭାଷାରେ – "ସେ କାଇଲା" ଅର୍ଥ "ସେ ଖାଇଲା" ।(ଏଠାରେ ଓଡ଼ିଆରେ 'କ'ମହାପ୍ରାଣୀ ଭବନ ହୋଇ 'ଖ' ଏବଂ ଓଡ଼ିଆର ମହାପ୍ରାଣ 'ଖ' ହ୍ରସ୍ୱୀ ଭବନ ଦ୍ୱାରା 'କ' ହୋଇଛି ।) ଏହି ବାକ୍ୟରୁ ପ୍ରଲମ୍ବିତ କରି ବଡ଼ କଲେ ବାକ୍ୟଟି ହେବ ।

ଦେଶିଆ-ରାମର ସେ ଜି'ଟା ଦୁଇଟା ପାକଲା ଆମ୍ କାଇଲା ।

ଓଡ଼ିଆ- ରାମର ସେ ଝିଅଟା ଦୁଇଟା ପାଚିଲା ଆମ୍ବ ଖାଇଲା ।

ଉଭୟର ପ୍ରୟୋଗ ସ୍ଥାନ ସମାନ ଅର୍ଥବୋଧ ସମାନ, କେବଳ ଧ୍ୱନି ସ୍ତରରେ କିଛିଟା ଭିନ୍ନତା ରହିଛି । କିନ୍ତୁ ବୁଝିବାରେ କୌଣସି ଅସୁବିଧା ରହୁନାହିଁ । ଅସୁବିଧାଟି ହେଉଛି ଆଦିବାସୀ ପିଲାଟି ତା' ନିଜସ୍ୱ ପରିବେଶର ଉଚ୍ଚାରଣ କୌଶଳ ସହିତ ପରିଚିତ । ଓଡ଼ିଆ ଉଚ୍ଚାରଣ କୌଶଳ ସହିତ ତା'ର ପରିଚିତି ନାହିଁ । ଏଠି ଶିକ୍ଷକ କିନ୍ତୁ ପିଲାର ଏହି ଉଚ୍ଚାରଣକୁ ହୀନ ଦୃଷ୍ଟିରେ ଦେଖେ ଏବଂ ତାକୁ ଆକଟ କରେ । ଫଳତଃ ପିଲାର ଆହାରଣ କ୍ଷମତା କମିଯାଏ ଏବଂ ସେ ଚୁପ୍ ହୋଇଯାଏ । ଶିକ୍ଷକ ଯଦି ଏଠି ଉଦାର ହେଲା, ତା'ହେଲେ ଶିକ୍ଷଣ ପ୍ରକ୍ରିୟା ସରଳ ହେବ ଓ ପିଲାର ଭାଷା ଆହାରଣ କୌଶଳ ସହଜ ହେବ ।

ଶ୍ରେଣୀ କୋଠରୀ ବାହାରେ ବିଭିନ୍ନ ଜନଜାତି ଗୋଷ୍ଠୀର ପିଲାମାନଙ୍କ ସହ ଅନ୍ତରଙ୍ଗ ଆଳପ ପ୍ରସଂଗରେ ଓଡ଼ିଆ ପାଠବହି ଓ ଓଡ଼ିଆ ଭାଷା ବୁଝିବାରେ ସମସ୍ୟା ସଂପର୍କରେ ଆଳାପ କରୁ କରୁ ପିଲାମାନେ ଦେଇଥିବା ମନ୍ତବ୍ୟ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଏହି ମନ୍ତବ୍ୟରୁ କିଛି-

- ଓଡ଼ିଆ ବୁଝେ । ସାଙ୍ଗ ପାଖରେ କୁହେ । ନିଜ ସାଙ୍ଗ ପାଖରେ ଭଲରେ କଥା ଭାଷା ହୁଏ ।
- ଓଡ଼ିଆରେ କହେ । ଗୋଟିଏ ଗୋଟିଏ ଶବ୍ଦ ଉଚ୍ଚାରଣ କରିବାରେ ଅଭ୍ୟାସ ନାହିଁ ତେଣୁ ସାର୍ କହନ୍ତି ଭୁଲ୍ ହେଲା । ତେଣୁ ଚୁପ୍ ରହେ ।
- ଓଡ଼ିଆ ଜାଣିଛି । ପାଠ ପଢ଼ିବାରେ ଅସୁବିଧା ନାହିଁ । ବୁଝି କହିବା ଓ ଲେଖିବାରେ ଅସୁବିଧା ହୁଏ । ସାର୍ ପାଟି କରନ୍ତି ।
- ମୋ ଭାଷାରେ କହିଲେ ଠିକ୍ ହୁଏ । ଓଡ଼ିଆରେ କହିଲେ ଭୁଲ୍ ହୁଏ କାହିଁକି ।
- ଆମ ଭାଷା ମିଶାଇ କରି କହିଲେ ସାର୍ ଚୁପ୍ କରାଇ ଦିଅନ୍ତି ।
- ସାର୍ ପଚାରନ୍ତି । ମୁଁ ଛୋଟ ଉତ୍ତରଟିଏ ଦିଏ । ସାର୍ ଗାଳି କରନ୍ତି । ନୂଆ କଥା ପଢ଼ି /ଶୁଣି ତାକୁ ବୁଝି ଉତ୍ତର ଲେଖିବା ସହଜ ହୁଏ ନାହିଁ ।

ଯେଉଁଠି ସଂଯୋଗୀ ଭାଷାର ଅଭାବ ରହିଛି, ସେଠି ମଧ୍ୟ (ଯଥା- ସଉରା କ୍ଷେତ୍ରରେ) ସମାନ ପ୍ରଣାଳୀ ଅନୁସୃତ ହୋଇଥାଏ । ଶିକ୍ଷକର ପିଲା ସହିତ, ତା'ପରିବେଶ ସହିତ ଏକ ଆବେଗିକ ସମ୍ପର୍କ ରହିଛି । ପ୍ରଥମ ଶ୍ରେଣୀର ପାଠ୍ୟ ବିଷୟବସ୍ତୁକୁ , ଧ୍ୱନି ଭାବକୁ ଛାଡ଼ିଦେଲେ ସଙ୍କେତ ମାଧ୍ୟମରେ ମଧ୍ୟ କିଛିଟା ପ୍ରକାଶ କରାଯାଇପାରେ ଏବଂ ଶିକ୍ଷକ ଯଦି ସଚେତନ; ପୂର୍ବରୁ ଭିନ୍ନ ଭିନ୍ନ ଭାଷାର ଟିପ୍ପଣୀଟିଏ ପ୍ରସ୍ତୁତ କରି ଦେଇଥିଲେ ବୁଝାଇବା ସମୟରେ ବସ୍ତୁ ଓ ଭାବ ଶବ୍ଦ ବଦଳରେ ସେହି ଭାଷାର ଶବ୍ଦଟିଏ ସଂଯୋଜିତ କରିଦେଲେ ବିଷୟବସ୍ତୁ ବୁଝିବାରେ କୌଣସି ଅସୁବିଧା ହୁଏ ନାହିଁ । ଏହି ସବୁ ସାଦୃଶ୍ୟକୁ ଶିକ୍ଷକ ପୂର୍ବ ପ୍ରସ୍ତୁତି କ୍ରମେ ନିଜେ ଟିପା ଖାତାରେ ରଖି ଦେଇଥିଲେ ବିଦ୍ୟାଳୟର ଭାଷା ଓ ମାତୃଭାଷା ମଧ୍ୟରେ ସମ୍ପର୍କ ସ୍ଥାପନ ସୂଚାରୁରୂପେ ହୋଇଥାଏ ।ଏଥି ପାଇଁ ଶିକ୍ଷକର ପ୍ରାଥମିକ ଦାୟିତ୍ୱ ହୋଇଥାଏ ସଂପୃକ୍ତ ଭାଷାରେ ଦକ୍ଷତା ହାସଲ କରିବା ।

ପ୍ରଶ୍ନ-୪ :

(Language relativity)

ଆଦିବାସୀ ବହୁଳ ରାଜ୍ୟ ଭାବରେ ଓଡ଼ିଶା ଭାରତରେ ଏକ ବିଶିଷ୍ଟ ସ୍ଥାନ ଗ୍ରହଣ କରିଛି । ଏଠାରେ ୬୨ ପ୍ରକାରର ଜନଜାତି ବାସ କରନ୍ତି । ଏମାନଙ୍କ ମଧ୍ୟରେ ଅନ୍ୟୁନ ୨୨ଗୋଟି ଭାଷା ପ୍ରଚଳିତ ରହିଛି ଏବଂ ଅନେକ ଗୁଡ଼ିଏ ବୋଲି ମଧ୍ୟ ରହିଛି । ଓଡ଼ିଶାର ଆଦିବାସୀମାନଙ୍କ ଭାଷା ନିମ୍ନମତେ ବର୍ଗୀକୃତ।

୧) ଗୋଷ୍ଠୀ ପରିଚୟ ଥାଇ ସ୍ୱବର୍ଗୀୟ ଭାଷା

୨) ଗୋଷ୍ଠୀ ପରିଚୟ ଥାଇ ପରବର୍ଗୀୟ ଭାଷା

୩) ଗୋଷ୍ଠୀ ପରିଚୟ ନଥାଇ ମୌଳିକ ଭାଷା ବା ସଂଯୋଜକ ଭାଷା

- ପ୍ରଥମ ଗୋଷ୍ଠୀ ଅଧିନରେ ସାନ୍ତାଳ, ମୁଣ୍ଡା, ଜୁଆଙ୍ଗ, ବଣ୍ଡା, କୁଇ, ହୋ, କୁଭି, ଓରାମ ପ୍ରଭୃତି ଅନ୍ତର୍ଭୁକ୍ତ ।
- ଦ୍ୱିତୀୟ ଗୋଷ୍ଠୀ ଅଧୀନରେ ବାଥୁଡ଼ି, ଭୂୟାଁ, ଭତ୍ରା, ହାଲ୍‌ବୀ, ବିଂଝିଆ, ଭୂମିଆ ଓ ପରଜା ଅନ୍ତର୍ଭୁକ୍ତ । ଏମାନଙ୍କର ଓଡ଼ିଆ ଭାଷା ସହିତ ସମ୍ପର୍କ ବିଦ୍ୟମାନ ।
- ତୃତୀୟ ଗୋଷ୍ଠୀରେ କୌଣସି ନିର୍ଦ୍ଦିଷ୍ଟ ବର୍ଗ ସମ୍ପୃକ୍ତ ନ ଥିଲେ ସୁଦ୍ଧା ସେମାନେ ଆର୍ନ୍ତଗୋଷ୍ଠୀୟ ସ୍ତରରେ କହୁଥିବା ଏକ ତୃତୀୟ ଭାଷା ସାଦ୍‌ରୀ, ଦେଶିଆ, ସମ୍ବଲପୁରୀ ଇତ୍ୟାଦିକୁ ଗ୍ରହଣ କରଛନ୍ତି । ଏହି ତୃତୀୟ ଭାଷା ଗୋଷ୍ଠୀ ଓଡ଼ିଆ ଭାଷା ପ୍ରତି ସମ୍ବେଦନଶୀଳ ।

**ଓଡ଼ିଶାର ଆଦିବାସୀ ସମାଜ ତ୍ରିବିଧ ଭାଷା ପରିବାରର ଅନ୍ତର୍ଭୁକ୍ତ । ଯଥା-ଅଷ୍ଟ୍ରଏସିଆଟିକ(ମୁଣ୍ଡା), ଦ୍ରାବିଡ଼ ଓ ଭାରତୀୟ ଆର୍ଯ୍ୟ ।**

- ପ୍ରତ୍ୟେକ ଜନଜାତି ପରିବାରର ଭାଷା ସ୍ୱତନ୍ତ୍ର ଏବଂ ପ୍ରତ୍ୟେକ ପରିବାର ଅନ୍ତର୍ଭୁକ୍ତ ଗୋଷ୍ଠୀ ଗୁଡ଼ିକର ଭାଷା ମଧ ଭିନ୍ନ ଭିନ୍ନ ।
- ପ୍ରାୟ ୨୨ରୁ ଅଧିକ ଗୋଷ୍ଠୀ ନିଜର ମାତୃଭାଷା ବ୍ୟବହାର କରୁଥିଲା ବେଳେ ଅବଶିଷ୍ଟ ଗୋଷ୍ଠୀ ସ୍ଥାନୀୟ ଓଡ଼ିଆ ଉପଭାଷାକୁ ନିଜର ପ୍ରଥମ ଭାଷା ରୂପେ ଗ୍ରହଣ କରି ନେଇଛନ୍ତି । ତେବେ ସ୍ୱବର୍ଗୀୟ ଭାଷା ଗୋଷ୍ଠୀର ମଧ୍ୟ ସ୍ଥାନୀୟ ଓଡ଼ିଆ ସହିତ ସଂପର୍କ ପ୍ରମାଣିତ ।
- ତିନି ଭାଷା ଗୋଷ୍ଠୀଙ୍କ ଭିତରେ ନିମ୍ନଲିଖିତ ଭାଷା-ଉପଭାଷା ପ୍ରଚଳିତ ।
- ଆର୍ଯ୍ୟ- ବାତୁଡ଼ି, ଭୁୟାଁ, କୁର୍‌ମାଳୀ, ସାଦ୍ରୀ, କନ୍ଧାନ, ଅଘ୍ରିଆ, ଦେଶିଆ, ଝରିଆ, ହାଲ୍‌ବି, ଭତ୍‌ରି, ଭୁଞ୍ଜିଆ ଇତ୍ୟାଦି ।
- ଦ୍ରାବିଡ଼- ଗୋଣ୍ଡୀ, କଣ୍ଡା, କୁଇ, କୁଭି-କନ୍ଧ, କିସାନ, କୋୟା, ଓଲାରୀ, ପାର୍ଜୀ, ଗୁଡୁଖ(ଓରାଓଁ) ତେଲୁଗୁ ଇତ୍ୟାଦି ।
- ମୁଣ୍ଡା- ଭୂମିଜ୍, ବିରହୋର, ରୋମ (ବଣ୍ଡା), ଗତାଃ (ଡ଼ିଡ଼ାୟୀ) , ଗୁତବ୍ (ଗଦ୍‌ବା), ସୋରା (ସଉରା), ଗୋରୁମ୍ (ପାରେଙ୍ଗା), ଖଡିଆ, ଜୁଆଙ୍ଗ, ସାନ୍ତାଳୀ, ହୋ, ମୁଣ୍ଡାରୀ ଇତ୍ୟାଦି ।
- ସମସ୍ତ ଆଦିବାସୀ ଭାଷା ମଧ୍ୟରୁ କେବଳ ୬ ଗୋଟି ଭାଷାରେ ଲିପି ବିକଶିତ ହୋଇଛି । ଯଥା- ସାନ୍ତାଳୀ, ସଉରା, ହୋ, ଭୂମିଜ, ମୁଣ୍ଡାରୀ ଏବଂ କୁଇ ଏଥି ମଧ୍ୟରୁ ସାନ୍ତାଳୀ, ହୋ ଓ ସଉରା ଲିପିରେ ବହିପତ୍ର ମୁଦ୍ରଣ ହେଉଛି ।
- ସାନ୍ତାଳୀ ଭାଷା ସମ୍ବିଧାନର ଅଷ୍ଟମ ଅନୁଛେଦରେ ଅନ୍ତର୍ଭୁକ୍ତ ହୋଇ ସାରିଛି । ଏହି ଭାଷାର ପ୍ରସାର କ୍ଷିପ୍ରତର ହେଉଛି । ଏହାର ଲିପି **ଅଲ୍ ଚିକି** ରେ ପୁସ୍ତକ/ ପତ୍ରପତ୍ରିକା ପ୍ରକାଶିତ ହେବା ସାଙ୍ଗକୁ ଏହି ଭାଷା ଶିକ୍ଷା ବ୍ୟବସ୍ଥା ଅନ୍ତର୍ଭୁକ୍ତ ହୋଇ ସାରିଛି ।

## ଭାଷା ସମ୍ପର୍କିତ ଧାରଣା

## ସାଧନକର୍ମୀ ପ୍ରଶିକ୍ଷାର୍ଥୀଙ୍କ ମାତୃଭାଷା ଭିତ୍ତିରେ ଏଭଳି ଉପସ୍ଥାପନା କରିପାରିବେ ।

❖ **ଭାରତର ଜନସଂଖ୍ୟା ଓ ଜନଜାତି ସଂଖ୍ୟା ବିବରଣ ।**

- ସେମାନଙ୍କ ଉତ୍ପତ୍ତି ଓ ବିକାଶ ଉପରେ ସ୍ଥୁଳ ଧାରଣା ।
- ମହାଭାରତୀୟ ସଂସ୍କୃତି ଓ ଜନଜାତି ସଂସ୍କୃତି ଉପରେ ସାଧାରଣ ଆଲୋଚନା ।

❖ **ଓଡ଼ିଶାର ଜନଜାତି ବିସ୍ତରଣ ।**

- ଭାରତୀୟ ଆର୍ଯ୍ୟ, ଦ୍ରାବିଡ଼, ଅଷ୍ଟ୍ରୋ-ଏସିଆଟ୍ରିକ୍ ବା ମୁଣ୍ଡାଗୋଷ୍ଠୀ ଉପରେ ପୂର୍ବାଭାଷ ।
- ପ୍ରତ୍ୟେକ ଗୋଷ୍ଠୀର ସ୍ୱତନ୍ତ୍ର ପରିଚିତି / ଧାରଣା ।
- ଗୋଷ୍ଠୀ ପରିଚିତି ଭିତ୍ତିରେ ଆଲୋଚିତ ଭାଷା ଗୋଷ୍ଠୀର ସ୍ଥିତି ।
- ସଉରା ଭାଷାଭାଷୀଙ୍କର ସାଂସ୍କୃତିକ ପରିଚିତି ।
- ସେମାନଙ୍କର ସାମାଜିକ, ରାଜନୈତିକ, ସାଂସ୍କୃତିକ ଓ ଭୌଗୋଳିକ ପୃଷ୍ଠଭୂମି ।
- ଅପରାପର (ପଡୋଶୀ) ଗୋଷ୍ଠୀ ସହିତ ସଂପର୍କ ।
- ପଡୋଶୀ ଗୋଷ୍ଠୀ ସହିତ ଭାଷା ଓ ସଂସ୍କୃତିର ସମ୍ପର୍କ ।

ଓଡ଼ିଶାର ଆଦିବାସୀ ୬୨ ଜନଜାତି ସଂପ୍ରଦାୟ ଭେଦରେ ଅନୁସୂଚିତ ଜନଜାତି (ଆଦିବାସୀ) ସଂପ୍ରଦାୟ ବିଶେଷ ଭିନ୍ନ ଭିନ୍ନ ଭାଷାଭାଷୀ ଏବଂ ସେମାନଙ୍କ ଭାଷା ସମୂହ ତିନୋଟି ଭାଷା ପରିବାର ଅନ୍ତର୍ଭୁକ୍ତ – ମୁଣ୍ଡା, ଦ୍ରାବିଡ଼, ଆର୍ଯ୍ୟ । ମୁଣ୍ଡା ଓ ଦ୍ରାବିଡ଼ ସମ୍ପ୍ରଦାୟ ମଧ୍ୟରୁ କେତେକ ଅଦ୍ୟାବଧି ନିଜସ୍ୱ ଭାଷା ବ୍ୟବହାର କରୁଛନ୍ତି; ଅବଶିଷ୍ଟ ସମ୍ପ୍ରଦାୟ ସମୂହ ଆର୍ଯ୍ୟଭାଷା ସହ ସମ୍ବନ୍ଧିତ ସ୍ଥାନୀୟ ଉପଭାଷାକୁ ମାତୃଭାଷା ଭାବେ ଗ୍ରହଣ କରିଛନ୍ତି ।

**ଆଦିବାସୀ ଭାଷା**

**(କ) <u>ମୁଣ୍ଡା</u> :** ଗତା (ଡିଡାୟୀ), ଗୁତବ୍ (ଗାଦ୍‌ବା), ରେମ୍ (ବଣ୍ଡା), ଗୋରୁମ୍ (ପାରେଙ୍ଗା), ସରା (ସଉରା), (ଲଞ୍ଜିଆ, ଜୁରାଇ, ଆରସି, ଶୁଦ୍ଧ), ଖଡିଆ (ଦୁଧ/ଢ଼େଲ୍‌କି); ଜୁଆଙ୍ଗ (ଥାନିଆ/ଭାଗୁଡିଆ), ସାନ୍ତାଳୀ (ସାନ୍ତାଳ/ମାହାଲି), (କୋହ୍ଲ ହୋ); ଭୂମିଜ (ଭୁମିଜ), ମୁଣ୍ଡାରି (ମୁଣ୍ଡା), ମାଙ୍କିଡିଆ (ବିରହୋର), ମୁଣ୍ଡା (କୋଡା) ଇତ୍ୟାଦି ।

**ପ୍ରତ୍ନ – ମୁଣ୍ଡା**




(ଖ) ଦ୍ରାବିଡ଼ : କନ୍ଧ (ଡ଼ଙ୍ଗରିଆ, କୁଟିଆ, ଦେଶିଆ), ଧାରୁଆ (ପାର୍ଜି), କୋୟା, କଣ୍ଡା, ଦୋରା, ଓଲାରି (ଗଦ୍‌ବା), (ଓରାଓଁ), କୁଡୁଖ୍(କିସାନ୍),ମିର୍‌ଧା କୁଣ୍ହା, ପେଙ୍ଗ(କନ୍ଧ), ମଆ, (ଗଣ୍ଡ) ଗୋଣ୍ଡି, ଜାତପ, ତେଲୁଗୁ ଇତ୍ୟାଦି ।

**ଦ୍ରାବିଡ଼**



## ଆଦିବାସୀ କଥିତ ଆର୍ଯ୍ୟ ଉପଭାଷା:

ଓଡ଼ିଶାରେ ଆଦିବାସୀମାନଙ୍କ ମଧ୍ୟରେ ପ୍ରଚଳିତ ଆର୍ଯ୍ୟ ଉପଭାଷାର ସୂଚନା ନିମ୍ନଲିଖିତ ସୂଚୀରେ ଦ୍ରଷ୍ଟବ୍ୟ ।

| ଉପଭାଷା | ସମ୍ବନ୍ଧିତ ଆର୍ଯ୍ୟଭାଷା |
|---|---|
| ଦେଶିଆ | ଦକ୍ଷିଣାଞ୍ଚଳୀୟ ଓଡ଼ିଆ |
| ଭୂୟାଁ | ଉତ୍ତର- ପଶ୍ଚିମାଞ୍ଚଳୀୟ ଓଡ଼ିଆ |
| ଭତ୍ରୀ | ଦକ୍ଷିଣାଞ୍ଚଳିୟ ଓଡ଼ିଆ |
| ଝରିଆ | ଦକ୍ଷିଣାଞ୍ଚଳିୟ ଓଡ଼ିଆ |
| ମାଟିଆ | ଦକ୍ଷିଣାଞ୍ଚଳିୟ ଓଡ଼ିଆ |
| କନ୍ଧାନ୍ | ପଶ୍ଚିମାଞ୍ଚଳୀୟ ଓଡ଼ିଆ |
| ଲରିଆ | ପଶ୍ଚମାଞ୍ଚଳୀୟ ଓଡ଼ିଆ |
| ଅଘ୍ରିଆ | ପଶ୍ଚିମାଞ୍ଚଳୀୟ ଓଡ଼ିଆ |
| କୁଡ୍ମୀ | ଉତ୍ତରାଞ୍ଚଳୀୟ ଓଡ଼ିଆ |
| ସାଉଁତି | ଉତ୍ତରାଞ୍ଚଳୀୟ ଓଡ଼ିଆ |
| ବାଥୁଡ଼ି | ଉତ୍ତରାଞ୍ଚଳୀୟ ଓଡ଼ିଆ |
| ସାଦ୍ରୀ | ପଶ୍ଚିମାଞ୍ଚଳୀୟ ଓଡ଼ିଆ ଓ ନାଗପୁରୀୟା ହିନ୍ଦୀ |
| ବିଂଝିଆ | ଛତିଶଗଡ଼ି ହିନ୍ଦୀ |
| ବାଇଗା | ଛତିଶଗଡ଼ି ହିନ୍ଦୀ |
| ବନଜାରା | ଉତ୍ତରାଞ୍ଚଳୀୟ ହିନ୍ଦୀ-ଓଡ଼ିଆ |
| ଭୂଂଜିଆ | ମରାଠୀ- ଓଡ଼ିଆ |
| ହାଲବୀ | ଓଡ଼ିଆ-ମରାଠୀ ଛତିଶଗଡ଼ୀ |

ଏହି ଉପଭାଷାଗୁଡିକର ବଂଶାନୁକ୍ରମିକ ବିକାଶ ଓ ଭୌଗୋଳିକ ବିତରଣ ପରପୃଷ୍ଠାରେ ନକ୍ସାରେ ଅବଧାରଣୀୟ ।

- ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷା
  - ମଧ୍ୟ ଭାରତୀୟ ଆର୍ଯ୍ୟଭାଷା
    - ଅପଭ୍ରଂଶ
      - ଆଞ୍ଚଳିକ ଉପଭାଷା
        - ଲିଖିତ ସାହିତ୍ୟିକ ଭାଷା
          - ଓଡ଼ିଆ
          - ବଙ୍ଗଳା
          - ହିନ୍ଦୀ
          - ମରାଠୀ
          - ଇତ୍ୟାଦି ।
        - ମୌଖିକ ଉପଭାଷା
          - <u>ଦକ୍ଷିଣାଞ୍ଚଳୀୟ</u>
            - ଦେଶିଆ, ଝରିଆ, ମାଟିଆ, ଭତ୍ରୀ, ହାଲ୍‌ବୀ, ଭୁଂଜିଆ ଇତ୍ୟାଦି ।
          - <u>ଉତ୍ତରାଞ୍ଚଳୀୟ</u>
            - ବାଥୁଡ଼ି, ଭୂୟାଁ, କୁରମାଳୀ, ସାଉଁତି ଇତ୍ୟାଦି ।
          - <u>ପଶ୍ଚିମାଞ୍ଚଳୀୟ</u>
            - ସାଦ୍ରୀ, ଲରିଆ, ଭୁଲିଆ, ଅଘ୍ରିଆ, ବାଇଗା, ବିଂଝିଆ, ବନ୍‌ଜାରା, କନ୍ଧାନ୍ ଇତ୍ୟାଦି ।

# ଦ୍ୱିତୀୟ ଦିବସ

# ପ୍ରଥମ ଅଧିବେଶନ

# ୧ମ ଦିବସର

# ପୁନରାଲୋଚନା

## ଭାଷା କିପରି ଶିଖିବା ଓ ତାର ଆବଶ୍ୟକତା

**ଦ୍ୱିତୀୟ ଦିବସ :** **ସମୟ: ୧.୦୦ ଘଣ୍ଟା**

**ଦ୍ୱିତୀୟ ଅଧିବେଶନ :**

**ପ୍ରତ୍ୟାଶିତ ଫଳାଫଳ :**

- ଅଂଶଗ୍ରହଣକାରୀମାନେ
- ପିଲାମାନେ ଭାଷାକୁ କିପରି ଶିଖନ୍ତି ଜାଣିବେ...
- ଭାଷାକୁ ପିଲାଏ କିପରି ବ୍ୟବହାର କରନ୍ତି ଜାଣିବେ...

| **ପ୍ରକ୍ରିୟା** | **ଆଲୋଚ୍ୟ ବିଷୟ** |
|---|---|
| (ସକ୍ରିୟାତ୍ମକ କାର୍ଯ୍ୟ)<br>ପ୍ରଶ୍ନ ୧ ର ଦଳଗତ ଆଲୋଚନା<br>ପ୍ରଶ୍ନ ୨ ଖୋଲା ଆଲୋଚନା<br>ପ୍ରଶ୍ନ ୩ ଦଳଗତ ଉପସ୍ଥାପନା<br>ସମସ୍ତ ପ୍ରକ୍ରିୟାର କ୍ରମ ପରବର୍ତ୍ତି ପୃଷ୍ଠାରେ ଦ୍ରଷ୍ଟବ୍ୟ । | ୧. ପିଲାମାନେ ଭାଷା ଶିଖିବାର ବିଭିନ୍ନ ଦିଗ ଗୁଡ଼ିକ କ'ଣ ହୋଇପାରେ ?<br>୨. ପିଲାଏ ଶିଖିଥିବା ଭାଷାକୁ କିଭଳି ପ୍ରୟୋଗ କରନ୍ତି ?<br>୩. ମାତୃଭାଷା ଭିତ୍ତିକ ଶିକ୍ଷଣ କାର୍ଯ୍ୟରେ ଶିକ୍ଷକଙ୍କର ଭୂମିକା କ'ଣ ରହିବା ଆବଶ୍ୟକ ? |

ବି:ଦ୍ର: ପ୍ରତ୍ୟେକ ପ୍ରଶ୍ନର ସମ୍ଭାବ୍ୟ ଆଲୋଚନା ତଥ୍ୟ ପରବର୍ତ୍ତୀ ପୃଷ୍ଠାରେ ପ୍ରଦତ୍ତ ଅଛି । ଆଲୋଚନା ପରେ ସଉରା ଭାଷାରେ ଏକ ଶିକ୍ଷଣ କାର୍ଯ୍ୟ ପ୍ରଦାନ କରାଯାଇଛି । ସାଧନକର୍ମୀ ଏହିଭଳି ନିଜ ମାତୃଭାଷାରେ ମଧ୍ୟ କରିପାରିବେ ।

ସାଧନକର୍ମୀଙ୍କ ଲାଗି ସୂଚନା

ପ୍ରଶ୍ନ ୧ :

ସାଧନକର୍ମୀ ଅଭିନୟ ପ୍ରଦର୍ଶନ କରିବେ । ପ୍ରଶିକ୍ଷାର୍ଥୀଙ୍କୁ ଅଭିନୟ ସଂପର୍କରେ ପଚାରିବେ । (ଯଥା- କାଠ କାଟିବା, ପରିବା କାଟିବା, ଲୁଗା ସଫା କରିବା, ମାଛ ଧରିବା ଇତ୍ୟାଦି ଇତ୍ୟାଦି)

# ମାତୃଭାଷାରେ ଶିକ୍ଷାର ଆବଶ୍ୟକତା

**Ans-(1)**

ଅନ୍ୟ ଭାଷା ଶିଖିବାରେ ମାତୃଭାଷାର ଆବଶ୍ୟକତା ଉପରେ ଚର୍ଚ୍ଚା କରିବା ପୂର୍ବରୁ ଏକ ଛୋଟିଆ ଉଦାହରଣଟିଏ ଦେବା ଯୁକ୍ତି ସଂଗତ ଆବଶ୍ୟକତା ହେଉଛି –

ଥରେ ଜଣେ ଇଂରାଜୀ ଭଦ୍ରଲୋକ ଓଡ଼ିଶାକୁ ଆସି ଉତ୍କଳ ବିଶ୍ୱବିଦ୍ୟାଳୟରେ ଭାଷା ବିଭାଗକୁ ଯାଇ ଓଡ଼ିଆ ଭାଷା ଶିଖିବା ପାଇଁ କୌଣସି ପୁସ୍ତକ ଅଛି କି ବୋଲି ଜିଜ୍ଞାସା କରିଥିଲେ । ସେଥିରୁ ନିରାଶ ହୋଇ ଫେରିଲା ପରେ ସେ ନିଜେ ଓଡ଼ିଆ ଭାଷା ଶିକ୍ଷିବା ପାଇଁ ଏକ ପଦ୍ଧତି ଅବଲମ୍ବନ କରିଥିଲେ । ଯାହା କୌଣସି ବ୍ୟାକରଣ ସିଦ୍ଧାନ୍ତ ଉପରେ ଆଧାରିତ ନଥିଲା । ତାଙ୍କ ରହିବା ସ୍ଥାନରୁ ଜଳଖିଆ ଦୋକାନ, ବଜାର, କିରାନା ଦୋକାନକୁ ଯାଇ ଆବଶ୍ୟକ ସଉଦାପତ୍ର କିଣିବା ସମୟରେ ସେ ଇଂରାଜୀ ଭାଷାରେ ଓଡ଼ିଆ ବେପାରୀଙ୍କୁ କଥାବାର୍ତ୍ତା କରି ନିଜ ଆବଶ୍ୟକ ଜିନିଷପତ୍ର ନେବା ସହ ଓଡ଼ିଆ ଭାଷାକୁ ସୁନ୍ଦର ଭାବରେ ଆୟତ୍ତ କଲେ ଏବଂ ପରବର୍ତ୍ତୀ ସମୟରେ ସହଜରେ ଏବଂ ବିନା ଗୁରୁରେ ଓଡ଼ିଆ ଭାଷା କିପରି ଶିଖାଯାଇପାରେ, ତା' ଉପରେ ଏକ ସୁନ୍ଦର ପୁସ୍ତକଟିଏ ରଚନା କରିଛନ୍ତି (odia in small bites) । ତାଙ୍କ ଶିଖିବା ସମୟରେ ଯେଉଁ ଶବ୍ଦ ସଂସ୍ପର୍ଶରେ ଆସୁଥିଲେ, ତାହାକୁ ବିଖଣ୍ଡିତ ଭାବରେ ପ୍ରକାଶ କରି ହାସ୍ୟାସ୍ପଦ ହେଉଥିଲେ ମଧ୍ୟ ଶିଖିବାର ଉଦ୍ଦେଶ୍ୟ ନେଇ ସେ ଆଗେଇ ଚାଲିଥିଲେ ଏବଂ ଏଥିପାଇଁ ସେ କହିଛନ୍ତି ଯେ ଓଡ଼ିଆ ଶିଖିବାରେ ମୋର ମାତୃଭାଷା ହିଁ ମୋତେ ସାହାଯ୍ୟ କରିଛି । good morning ରୁ ନମସ୍ତେ, ନମସ୍ତେରୁ ନମସ୍କାର, ତା' ପରେ ଜୁହାର । ଏହି ସ୍ତରକୁ ଆସି sir, ଆପଣରୁ , ତୁ ପର୍ଯ୍ୟନ୍ତ ଯାଇଛନ୍ତି ଏବଂ ଲୋକଙ୍କର ନିକଟବର୍ତ୍ତୀ ହୋଇ ଭାଷାକୁ ଆୟତ୍ତ କରିଛନ୍ତି । ଏହା କହିବାର ଉଦ୍ଦେଶ୍ୟ ହେଉଛି ଇଚ୍ଛାଶକ୍ତି ଥିଲେ କୌଣସି ଭାଷା ଆୟତ୍ତ କରିବା ଅସମ୍ଭବ ନୁହେଁ ।

ବିଦ୍ୟାଳୟ ପରିପ୍ରେକ୍ଷୀରେ ମଧ୍ୟ ଏହା ଉଣା ଅଧିକେ ପ୍ରୟୋଗକୁ ଆସିଥାଏ । ତଫାତ୍ ହେଉଛି ଏଇଠି ପିଲାମାନେ ସାନ ଏବଂ ଏକମାତ୍ର ଶିକ୍ଷକ ଯେ ବିଦେଶୀ (ଭାଷା ଦୃଷ୍ଟିରୁ) ସେମାନଙ୍କର ଭାବଗତ ଆଦାନପ୍ରଦାନ ବା ବ୍ୟବସାୟ ପରସ୍ପର ଅପରିଚିତ ଭାଷାରୁ ଏକ ପରିଚିତ ଜଗତକୁ ଆସିବାର ସାଧନକୁ ବୁଝାଏ ।

ଶିକ୍ଷକ ପାଖରେ ପ୍ରଚୁର ସମ୍ବଳ ଅଛି । ସମସ୍ତ ପିଲା ଶିକ୍ଷକ ପାଇଁ ଗୋଟିଏ ଗୋଟିଏ ମୂଲ୍ୟବାନ ସମ୍ବଳ । ଭିନ୍ନ ଭାଷା, ଭିନ୍ନ ସଂସ୍କୃତି, ଭିନ୍ନ ପରିବେଶର ଏହି ପିଲାମାନେ ତାଙ୍କ ଭାଷା-ସଂସ୍କୃତି-ପରିବେଶରେ ଏକ ଏକ ଗନ୍ତାଘର । ଏହା ଶିକ୍ଷକ ଉପଲବ୍ଧି କରିବା ଆବଶ୍ୟକ ଓ ସେହି ସମ୍ବଳର ସଦୁପଯୋଗ କରିପାରିଲେ ଶିକ୍ଷଣ ପଥ ସରଳ ହୋଇ ପାରିବ ।

## ତଥ୍ୟଫର୍ଦ୍ଦ

(ପ୍ରଶ୍ନ ( ୨ ) ପାଇଁ)

ଭାଷା ବୈଶିଷ୍ଟ୍ୟ (Main Features of Language)

### ୧. ଭାବ ନିରୂପଣ ବା ଭାବ ସ୍ଥାନାନ୍ତରର ପ୍ରକ୍ରିୟା (Displacement)

ମଣିଷ ଭାଷାର ସ୍ୱାତନ୍ତ୍ର୍ୟ ଏହା ଯେ ସେ ବର୍ତ୍ତମାନ ଅତୀତ ଓ ଭବିଷ୍ୟତକୁ ପ୍ରକାଶ କରିପାରେ । ଯାହାକି ପଶୁ ତଥା ଇତର ପ୍ରାଣୀ କରିପାରେ ନାହିଁ । ଭାଷାକୁ ସଠିକ୍ ବ୍ୟବହାର କରିବା ପାଇଁ ବର୍ତ୍ତମାନ ଅତୀତ ଓ ଭବିଷ୍ୟତ ସମୟକୁ ଜାଣିବା ଆବଶ୍ୟକ । ମଣିଷର ଭାଷା ଏଭଳି ବି ହୋଇଥାଏ ଯେ ନିଜର ପାରିପାର୍ଶ୍ୱିକ ପରିବେଶରେ ନ ଥିବା ଜିନିଷ ମଧ୍ୟ ଭାଷାରେ ପ୍ରକାଶ ହୋଇପାରେ ।

ଉଦାହରଣ – ଆମେ ବିଭିନ୍ନ ସ୍ଥାନର ଘଟଣାବଳୀକୁ ଭାଷା ମାଧ୍ୟମରେ ଗୋଟିଏ ସ୍ଥାନରେ ରହି ପ୍ରକାଶ କରିପାରୁ ।

### ୨. ମଧ୍ୟସ୍ଥତା ବା ନିଷ୍ପତ୍ତିକାରକ (Arbitrariness)

ଭାଷା ବସ୍ତୁତଥା ବ୍ୟକ୍ତି ବିଶେଷକୁ ଚିହ୍ନଟରେ ସାହାଯ୍ୟ କରେ । ସାଧାରଣ ଭାବରେ କୌଣସି ବସ୍ତୁ ସହିତ ତାର ନାମକରଣର ସାମଞ୍ଜସ୍ୟ ଭାଷା ମାଧ୍ୟମରେ କରାଯାଏ । ଯଦିଓ ଗୋଟିଏ ବସ୍ତୁ ଅର୍ଥ ଓ ଲିଖିତ ସଙ୍କେତ ପ୍ରକୃତରେ ଉକ୍ତ ବସ୍ତୁ ହୋଇ ନ ପାରେ । ଉଦାହରଣ ସ୍ୱରୂପ ବିରାଡ଼ି କହିଲେ ଏହା ଏକ ପଶୁର ନାମ ବୁଝାଏ । କିନ୍ତୁ ପ୍ରାକୃତିକ ଭାବରେ ଏହା ଧ୍ୱନି ବା ଲିଖିତ ସଙ୍କେତ ସହିତ ପଶୁଟିର କୌଣସି ସମ୍ପର୍କ ନାହିଁ । ଆମେ ଯେଉଁ ଭାଷା ବ୍ୟବହାର କରୁ ତାହା କେବଳ ପରିସ୍ଥିତି ଆଧାରରେ ବ୍ୟବହୃତ ହୋଇଥାଏ । ପିଲାଟି ବିଦ୍ୟାଳୟ ବାହାର ପରିବେଶରୁ ଭାଷା ସମ୍ବନ୍ଧୀୟ ଅନେକ ଜ୍ଞାନ ଆହାରଣ କରିଥାଏ । ଯାହା କି ଶ୍ରେଣୀଗୃହ ପରିବେଶରେ ନିୟନ୍ତ୍ରିତ ଭାବରେ ହୋଇଥାଏ ।

### ୩. ଭାଷା ଭାବର ସଠିକ ପରିମାପକ :(Chain and Choice)

ଭାଷା ଗୋଟିଏ ମାଳା/ ଶୃଙ୍ଖଳ ସଦୃଶ ଏହା ବଢ଼ିଯାଇପାରେ । ତାତ୍ତ୍ୱିକ ଭାବରେ ବାକ୍ୟକୁ ଶବ୍ଦ ସଂଯୋଜନା କରି ଅନେକ ବାଟ ବଢ଼ାଯାଇପାରେ । କିନ୍ତୁ ଭାଷା ଅଧିକ ବୋଧଗମ୍ୟ ହେବାପାଇଁ ତାକୁ ସଂକ୍ଷିପ୍ତ ଭାବରେ ବ୍ୟବହାର କରାଯାଏ ।

**ଉଦାହରଣ ସ୍ୱରୂପ–**

ରବି ଘରକୁ ଆସିଲା । ବ୍ୟାଗ୍ ଟିଏ ଧରି ବଜାରକୁ ଗଲା ତା'ପରେ ବଜାରରୁ ପରିବା କିଣି ତା ସାଙ୍ଗ ଘର ଦେଇ ଘରକୁ ଫେରିଲା ବେଳେ ବାଟରେ ଦେଖିଲା ଜଣେ ଲୋକର ବସ୍ ଦୁର୍ଘଟଣା ହୋଇ ରକ୍ତ ଜୁଡୁବୁଡୁ ଶରୀରରେ ରାସ୍ତାରେ ଗଡୁଛି ।

ଆଦିବାସୀ ଭାଷାରେ ଉଦାହରଣ ସାଧନକର୍ମୀ ରଖିବ

### ୪. ଭାଷାର ପୁନରାବୃତ୍ତି (Repetition)

ଦୁଇଜଣ ବ୍ୟକ୍ତିଙ୍କ ବାର୍ତ୍ତାଳପ ବେଳେ ସମୟ ସମୟରେ ବିଭିନ୍ନ କାରଣରୁ କଥୋପକଥନ ବ୍ୟାହତ ହୋଇଥାଏ । ଯାହା ଫଳରେ ସେମାନେ ପୁନର୍ବାର କଥାବାର୍ତ୍ତା କରି ଭାବକୁ ସମ୍ପୂର୍ଣ୍ଣ କରିଥାନ୍ତି । ଏହିଭଳି ଭାବରେ ଗୋଟିଏ ଭାଷା ବାରମ୍ବାର ବ୍ୟବହାର ହୋଇଥାଏ ।

### ୫. ସାଂସ୍କୃତିକ ଆଦାନ ପ୍ରଦାନ ବିନିମୟ (Cultural Transmission)

ପିଲାଟି ଯେଉଁ ପରିବେଶରେ ରହେ ସେ ସେଠାକାର ଭାଷା ଆହରଣ କରିଥାଏ । ଧରାଯାଉ ଭାରତରେ ଜନ୍ମିତ ଶିଶୁଟିକୁ ଜନ୍ମପରେ ଆମେରିକାରେ ତାର ଏକ ସମ୍ପର୍କୀୟଙ୍କ ଘରେ ରଖାଯାଏ, ତେବେ ଏଠାରେ ଶିଶୁ ପିତାମାତାଙ୍କ ଭାଷା ଶିକ୍ଷା ନ କରି ସେ ଆମେରିକାର ଭାଷା ଓ ସଂସ୍କୃତି ଶିକ୍ଷା ଲାଭ କରିଥାଏ ।

**ପ୍ରଶ୍ନ -୩)**

- ଆଂଚଳିକ ଗପ, ଗୀତ, ପର୍ବପର୍ବାଣୀ ସଂପର୍କରେ ଜାଣିଥିବା ଆବଶ୍ୟକ
- ଗପ ଓ କାହାଣୀ, ଢ଼ଗ ଢ଼ମାଳି ସଂଗ୍ରହ କରି ରଖିବେ
- ଅଭିନୟ କରିବେ
- ପିଲାଙ୍କ ଆଗ୍ରହକୁ ସମ୍ମାନ ଦେଇ ଶିକ୍ଷଣ କାର୍ଯ୍ୟ କରିବେ
- ପିଲାଙ୍କ ଭାଷାକୁ ଅଧିକ ଗୁରୁତ୍ୱ ଦେବେ ଓ ତାର ବ୍ୟବହାର କରିବେ
- ସଂସ୍କୃତି, ଐତିହ୍ୟକୁ ଗୁରୁତ୍ୱ ଦେଇ ଶିକ୍ଷଣ କାର୍ଯ୍ୟରେ ତାର ବ୍ୟବହାର

(ସାଧନକର୍ମୀଙ୍କ ସୂଚନା ପାଇଁ ଏକ ଉଦାହରଣ ସଉରା ଭାଷାରେ ପ୍ରଦାନ କରାଗଲା । ଏହି କର୍ମରେ ବିଭିନ୍ନ ଭାଷାରେ ଉଦାହରଣ ପ୍ରସ୍ତୁତ କରାଯାଇପାରେ ।)

---

**(ପରିଶିଷ୍ଟ)**

## ଅତିରିକ୍ତ ସୂଚନା

**ବିଷୟ** **ପ୍ରଣାଳୀ/ ପ୍ରକ୍ରିୟା**

- ସଉରା ଗୋଷ୍ଠୀର ଭାଷା ।
- ସଉରା ଭାଷାଗୋଷ୍ଠୀର ଜନସଂଖ୍ୟା ବିସ୍ତରଣ ।
- ଶିକ୍ଷକଙ୍କ ନିଜସ୍ୱ କଥିତ ଭାଷା ।
- ସଉରା ଗୋଷ୍ଠୀର ଭାଷା ଓ ଶିକ୍ଷକଙ୍କ ଭାଷା ମଧ୍ୟରେ ବ୍ୟବଧାନ ।
- ଶିକ୍ଷକଙ୍କ ସଉରା ଭାଷା ଉପରେ ଧାରଣା ଓ ସମସ୍ୟା ।
- ସଉରା ଗୋଷ୍ଠୀର ପାଠ୍ୟ ପୁସ୍ତକର ଭାଷା ଉପରେ କି ଧାରଣା ରହିଛି ।
- ପିଲାର ଶିକ୍ଷକଙ୍କ ଭାଷା ଉପରେ କି ଧାରଣା ରହିଛି ?
- ଏହା କୌଣସି ସମସ୍ୟା ସୃଷ୍ଟି କରୁଛି କି ?
- ଯଦି ହଁ, ଏ ସମସ୍ୟାକୁ କିପରି ସମାଧାନ କରିବା ?
- ଓଡ଼ିଆ ସମତୁଲ୍ୟ ଶବ୍ଦାବଳୀ ସଂଗ୍ରହ (ଓଡ଼ିଆ - ଆଦିବାସୀ ଭାଷା) ।
- ଏହି ଶବ୍ଦାବଳୀକୁ ନେଇ ଛୋଟ ଛୋଟ ବାକ୍ୟ ଗଠନ ।
  (ବାକ୍ୟ ଗୁଡ଼ିକ ଦୁଇ ବା ତିନି ଶବ୍ଦ ହେବା ଆବଶ୍ୟକ )
- ଏହାକୁ ପ୍ରୟୋଗ କରି ଭାଷା ଜ୍ଞାନ ବଢ଼ାଇବେ ।

## ସଉରା ଭାଷାର ବୈଶିଷ୍ଟ୍ୟ

- ❖ ପ୍ରଶିକ୍ଷକ ପ୍ରଥମେ ଗପଟିଏ ସଉରା ଭାଷାରେ ପଢ଼ିବେ ।
- ❖ ପ୍ରତିଧାଡିର ଓଡିଆ ଅନୁବାଦ କହିବେ ।
- ❖ ଶବ୍ଦ ଉଚ୍ଚାରଣକୁ ଅଭ୍ୟାସ କରାଇବେ ।
- ❖ ପ୍ରତ୍ୟେକ ପ୍ରଶିକ୍ଷାର୍ଥୀର ଉଚ୍ଚାରଣ କୌଶଳକୁ ଜାଣିବେ ।
- ❖ ପ୍ରଶିକ୍ଷକ ସଉରା ସଉରା ଗୋଷ୍ଠୀର ଧ୍ୱନି ସମୂହକୁ ଜାଣିବେ ।
- ❖ ଧ୍ୱନିର ଉଚ୍ଚାରଣ ସ୍ଥାନ ସହ ପରିଚିତି ହେବେ ।
- ❖ ବିଭିନ୍ନ ଶବ୍ଦକୁ ନେଇ ପ୍ରଶିକ୍ଷକଧ୍ୱନିର ଉଚ୍ଚାରଣ ସ୍ଥାନ ସହ ପରିଚିତ କରାଇବେ ।
- ❖ ଶବ୍ଦ ସମୂହର ଉଚ୍ଚାରଣ କୌଶଳ ସହ ପ୍ରଶିକ୍ଷାର୍ଥୀଙ୍କୁ ପରିଚିତ କରାଇବେ ।
- ❖ ଦଳ ଭିତରେ  ପ୍ରଶିକ୍ଷକ ଶବ୍ଦ ଶିକ୍ଷଣ ଜାରି ରଖିବେ ।

**ଉଦାହରଣ :**

ବାରୁନ୍ ଆଜାଇତ୍ । ଗରଜାଙ୍ଗ୍ନ ତାର ସମାନି ଡେତି ।
(ଡଙ୍ଗର ଆରପଟ ଗାଁରେ ଯାତ୍ରା ହେଉଛି ।)
ତତେ୍ ବିଗଡ଼ା ବିଗଡ଼ା ତଙ୍ସେଙ୍, କିଳିଙ୍ ଡେତି ।
(ସେଠାରେ ବିଭିନ୍ନ ପ୍ରକାର ନାଚଗୀତ ହେଉଛି ।)
ତାରସ୍ମାନିଲୁଙ୍ ବାର ବିଗଡ଼ା କୁଣ୍ଡାଇ, ଆନ୍ଡିଡ୍ ଡ଼ ଜାନୁମ୍ଜି ତିମ୍ତିମ୍ ତେଜି ।
(ଯାତ୍ରାରେ ମଧ୍ୟ କେତେ ପ୍ରକାର କଣ୍ଢେଇ, ଖେଳଣା ଓ ଖାଇବା ଜିନିଷ ବିକ୍ରି ହେଉଛି ।)
ଗୋପାଳ, ହରି, ରାଧୁ, ନଈ ଡ଼ ବିଗଡ଼ା ଅଙ୍ଗେରସିଜାନ୍ଦି ତାରସ୍ମାନି ଗିଏଁବିନ୍ ଡୁଙ୍ଲିଙଜି ।
(ଗୋପାଳ, ହରି, ରାଧୁ, ନରି ଓ ଅନ୍ୟ ପୁଅ ପିଲାମାନେ ଯାତ୍ରା ଦେଖିବାକୁ ବାହାରିଲେ ।)
ଗରଜାଙ୍ଗ୍ନ୍ ଡ଼ାଙଡିନ୍ ସିଜାନ୍ଜିଆଡ଼ଙ୍ ତାର ସମାନି ଗିଏଁବିନ୍ ଆସନ୍ ଗୁଡିଙ୍ଲେଜି ।
(ଗାଁର ଯୁବତୀ ଝିଅମାନଙ୍କୁ ଯାତ୍ରା ଦେଖିବାକଚୁ ଯିବା ପାଇଁ ଡାକିଲେ ।)
ମାନି, ସଂଜୁ, ଚୁନି ଲତା ଡ଼ ସୀତା ତାରସମାନି ଗିଏଁବିନ୍ ଆସନ ଅସକାଇ୍ଲିନ୍ଜି ।
(ମାନି, ସଂଜୁ, ଚୁନି, ଲତା ଓ ସୀତା ଯାତ୍ରା ଦେଖିବାକୁ ସଜ ହେଲେ ।)
ତାରସାତ୍ମାନି ଗରଡ଼ାନ୍ ଆୟମ୍ ନରି ସଂଜୁନ୍ଆଡ଼ଙ୍ ଉପୁଙେତିନ୍ ପୁପୁନ ଜୁମ୍ତେପ ?
(ଯାତ୍ରା ବୁଲିବା ବେଳେ ନରି ସଂଜୁକୁ କହିଲା ଖଜା ଖାଇବୁ କି ?)
ସଂଜୁ ଗରଇଲେ ମାଆଙ୍ଲେ ଉପୁଙେତିନ୍ ଉଉ ।
(ସଂଜୁ ଲାଜରେ ହସି କହିଲା ହଁ ।)
ସଂଜୁ ନେଇଥିବା ପଇସାରେ ନରି ପାଇଁ ଗୋଟେ ଟୋପି କିଣିଦେଲା ।
(ସଂଜୁ ପାଙେ୍ତିନ୍ ଆଲେବୁନ୍ନବାତି ନରିଆସନ୍ ଆବଏଁ ତୁପି ନିଲେତିୟେତିନ୍ ।)
ନରି ଜାନାଭ୍ ସଂଜୁ ଆସନ୍ ମନଇବିନ୍ ଆପାତି୍ ନିଲେ ତିୟେତିନ ।
(ନରି ମଧ୍ୟ ସଂଜୁ ପାଇଁ ତା' ମନଲାଖି ପାଉଁଞ୍ଜି କିଣିଦେଲା ।)
ଆଏଁତାଇ ଆଙ୍ଗାଇ ଲୁଙ୍ ଆନିନ୍ଜି ବାଗୁନ୍ଜି ଆସିରୁଙ୍ଡେତି ।
(ଆସନ୍ତା ତିଥିରେ ସେ ଦୁହିଁଙ୍କର ବାହାଘର ହେବ ।)

**କାର୍ଯ୍ୟ ପ୍ରଣାଳୀ :** ପାଠଟିକୁ ପଢ଼ନ୍ତୁ ଶବ୍ଦଗୁଡିକ ଉଚ୍ଚାରଣ କରନ୍ତୁ

ଧ୍ୱନିଗୁଡିକ ଚିହ୍ନନ୍ତୁ ଶବ୍ଦର ଆଦ୍ୟରେ ମଧ୍ୟରେ ଓ ଅନ୍ତରେ କେଉଁ କେଉଁ ଧ୍ୱନି ଗୁଡିକ ଉଚ୍ଚାରିତ ହେଉଛି ବାଛନ୍ତୁ ।

| ସ୍ୱରଧ୍ୱନୀ ଉଦାହରଣ | ଆଦ୍ୟ | ମଧ୍ୟ | ଅନ୍ତ |
|---|---|---|---|
| ଅ | ଅଙ୍ତାଙ୍, ଅଏର୍ | ଅଅନ | କୁରିଅ |
| ଆ | ଆଡ଼ିଲ | ଡୁଆଡ଼ | ଉଆ |
| ଇ | ଇତିକ | ଆଜାଇମାଡ୍ | ଅଡ଼ାଇ |
| ଉ | ଉସାଲ | ସାଉମାର | ଜେରଉ |
| ଏ | ଏନ୍ଜୁକ | ଜେଏସଲ | ଜେଏ୍ |
| ଐ | ଐଗୁଲ୍ | ଆଐତେ | ଆବଐ୍ |

| ବ୍ୟଞ୍ଜନ ଧ୍ୱନି ଉଦାହରଣ | ଆଦ୍ୟ | ମଧ୍ୟ | ଅନ୍ତ |
|---|---|---|---|
| କ | କଡା | କାକିଙ୍ | କାକା |
| ଗ | ଗରଜାଙ୍ | ଗାଗାନା | ଡ଼ାଗା |
| ଙ | ଙ୍ଲ | ତନ୍ନଙ୍ଗାଲ | ଡ଼ିଆସିଙ୍ |
| ଚ | ଚିନିନ୍ଡା | - | - |
| ଜ | ଜେଲୁ | ଆଜାଙ୍ | ଉନ୍ଜି |
| ଞ | ଞାଙ୍ | - | - |
| ଡ | ଡାଆ | ଆଡ଼ାଙ୍ | କାନ୍କୁଡ୍ (କାନ୍ଡୁଡ୍) |
| ତ | ତାରମାଲ୍ | ଆତାଲସି | କିନ୍ତେ |
| ନ | ନସ୍ତ | ଆନିଙ୍ | ଆନିନ୍ |
| ପ | ପାରଗଡ଼ାବ୍ | ଆପବାଃ | ଓ୍ୱାମ୍ |
| ବ | ବାର | ଆବଐ୍ | ଆବା |
| ୟ | ୟାଗା | ଆୟେଂଙ୍ଂ | ଆୟ |
| ମ | ମାରା | କାମ୍ଭଲ | କାନ୍ସିମ୍ |
| ର | ରାଆ | ଡ଼ିର୍ନା | କାନ୍ତୁର୍ |
| ଲ | ଲଲ | କୁଲମ୍ | ଆଲ୍ |
| ଓ୍ୱ | ଓ୍ୱାଙ୍ | - | - |
| ସ | ସାଲୁଅ | ଆସର୍ | ବାସାଂ |
| ହ | ହ | | |

ପ୍ରଶିକ୍ଷକ ପ୍ରଶିକ୍ଷାର୍ଥୀଙ୍କୁ ଦୁଇଟି ଦଳରେ ବିଭକ୍ତ କରି ଗୋଟିଏ ଦଳକୁ ସ୍ୱର ଧ୍ୱନି ଓ ଅନ୍ୟ ଦଳକୁ ବ୍ୟଞ୍ଜନ ଧ୍ୱନି ନିମନ୍ତେ ପ୍ରଦତ୍ତ ଗପରୁ ଶବ୍ଦ ଚୟନ କରାଇ ଅଭ୍ୟାସ କରାଇବେ ଓ ସାରଣୀକୁ ପୂରଣ କରାଇବେ ।

# ଭାଷା ଆହରଣ ଓ ଭାଷା ଶିକ୍ଷଣ

**ଦ୍ୱିତୀୟ ଦିବସ :** **ସମୟ : ୧.୦୦ ଘଣ୍ଟା**

**୩ୟ ଅଧିବେଶନ :**

**ପ୍ରତ୍ୟାଶିତ ଫଳାଫଳ :**

ଅଂଶଗ୍ରହଣକାରୀମାନେ, ପିଲାଏ କିଭଳି ଭାଷା ଆହରଣ କରନ୍ତି ସେ ବିଷୟରେ ଧାରଣା ପାଇବେ ।

ଶୁଣିବା, କହିବା, ପଢ଼ିବା ଓ ଲେଖିବା ମାଧ୍ୟମରେ ଭାଷା ଶିକ୍ଷଣ ପିଲାମାନଙ୍କୁ କିପରି ସାହାଯ୍ୟ କରେ ତାହା ଜାଣି ପାରିବେ ।

| ପ୍ରକ୍ରିୟା | ଆଲୋଚ୍ୟ ବିଷୟ |
|---|---|
| ପ୍ରଶ୍ନ ୧ ପାଇଁ ଖୋଲା ଆଲୋଚନା<br>ପ୍ରଶ୍ନ ୨ ପାଇଁ ଖୋଲା ଆଲୋଚନା<br>ପ୍ରଶ୍ନ ୩ ଖୋଲା ଆଲୋଚନା<br>'ଭାଷା ଶିଖିବାର ବିଭିନ୍ନ ସ୍ତର' ସୂଚନା ଫର୍ଦ୍ଦଟି ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ପ୍ରଦାନ କରାଯିବ ଓ ଖୋଲା ଆଲୋଚନା ହେବ । | ୧. କେଉଁ ପରିବେଶରେ ପିଲାମାନଙ୍କର ଭାଷା ଆହରଣ ପ୍ରକ୍ରିୟା ଅଧିକ ଫଳପ୍ରଦ ଓ ସହଜ ହୋଇଥାଏ ?<br>୨. ଶୁଣିବା ଓ କହିବା ଭାଷା ଶିକ୍ଷଣରେ ଛୋଟ ପିଲାଙ୍କୁ କିଭଳି ସାହାଯ୍ୟ କରେ ?<br>୩. ବହୁଭାଷା ଶିକ୍ଷଣ ପାଇଁ ଏ ସବୁ କାର୍ଯ୍ୟ କିପରି ପିଲାଙ୍କୁ ସାହାଯ୍ୟ କରିବ ? |

**ବି : ଦ୍ର: –** ପ୍ରତ୍ୟେକ ପ୍ରଶ୍ନର ସମାଧାନ ପରବର୍ତ୍ତୀ ପୃଷ୍ଠାରେ ପ୍ରଦତ୍ତ ।

ସାଧନକର୍ମୀ 'ଆମେ ଭାଷା ଶିଖୁ କିପରି' ସୂଚନା ଫର୍ଦ୍ଦ ବ୍ୟବହାର କରିବେ । ଅଂଶ ଗ୍ରହଣକାରୀଙ୍କୁ ଚାରୋଟି ଦଳରେ ବିଭକ୍ତ କରାଯାଇ ଡ୍ରଇଂ ସିଟ୍ ପ୍ରଦାନ କରାଯିବ । ପିଲାମାନେ କେଉଁ ପ୍ରକାରରେ ଶୁଣିବା, କହିବା, ପଢ଼ିବା ଓ ଲେଖିବା କୌଶଳ ଆହରଣ କରନ୍ତି ଏବଂ ଏଥିରେ ଶିକ୍ଷକଙ୍କ ଭୂମିକା କଣ ସେ ବିଷୟରେ ଲେଖିବେ ଓ ଉପସ୍ଥାପନ କରିବେ ।

## ସାଧନଫର୍ଦ୍ଦ – (ପ୍ରଶ୍ନ -୧ ପାଇଁ)

ପିଲାମାନେ ସାଧାରଣତଃ ଶୁଣିବା ଓ କହିବା କୌଶଳଗୁଡିକୁ କୌଣସି ଶିଖିବାର କର୍ମକୁ ଅନୁସରଣ ନ କରି ନିଜ ପରିବେଶରୁ ନିଜ ସାଙ୍ଗସାଥୀମାନଙ୍କ ଠାରୁ ନିଜ ପରିବାରରୁ ଆନନ୍ଦର ସହିତ ଅନୌପଚାରିକ ଭାବରେ ଶିଖିଥାନ୍ତି । ଯାହା କି ତାର ପ୍ରଥମ ପର୍ଯ୍ୟାୟ ଭାଷା ଶିକ୍ଷଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । କୌଣସି ପ୍ରକାର ବାଧାବିଘ୍ନ ନ ଥାଇ ପିଲାଟି ସ୍ୱତଃସ୍ଫୁର୍ତ୍ତ ଭାବରେ ତଥା ଅନିୟମିତ ଭାବରେ ଅନେକ କଥା ଆପେ ଆପେ ଶିଖିଥାଏ ।

ବିଦ୍ୟାଳୟରେ ଏକ ନିୟମ ଆଧାରରେ, ପର୍ଯ୍ୟାୟ କ୍ରମରେ ଏକ ନିୟନ୍ତ୍ରିତ ପରିବେଶରେ ଶିଶୁଟି ଭାଷା ଶିକ୍ଷା କରିବାକୁ ପଡିଥାଏ । ପୁଣି ଏକ ଲିଖିତ ପୁସ୍ତକର ମାନକ ଭାଷା ପ୍ରାଥମିକ ସ୍ତରରେ ଶିଶୁଟିଏର ମାତୃଭାଷା ସହିତ କୌଣସି ସଂଯୋଗ ବା ସମ୍ପର୍କ ସ୍ଥାପନ କରିପାରି ନ ଥାଏ । ଯାହା କି ତାହା ପାଇଁ ଭାଷା ଶିକ୍ଷା କରିବାରେ ବାଧକ ସାଜିଥାଏ ।

ପିଲାଟିଏ ନିଜ ମାତୃଭାଷାରେ ଅନେକ କିଛି ଶୁଣିଥାଏ ଓ କହିବାର ଶଖିଥାଏ ଯାହାକୁ ଶ୍ରେଣୀଗୃହ ପରିବେଶକୁ ଅଣାଯାଇ ପାରିଲେ ତା'ର ଶିକ୍ଷଣ ପ୍ରକ୍ରିୟା ଅଧିକ କ୍ଷିପ୍ର ଓ ବୋଧଗମ୍ୟ ହୋଇଥାଏ ।

ଶୁଣିବା ଓ କହିବା କୌଶଳଗୁଡିକ ଆହରଣ ପାଇଁ ବିଭିନ୍ନ ଗଳ୍ପ, ଗୀତ, ଧନ୍ଦା, ଛବି, ଅଭିନୟ ଇତ୍ୟାଦିକୁ ଯଥେଷ୍ଟ ମାତ୍ରାରେ ଶିକ୍ଷଣ କାର୍ଯ୍ୟରେ ପ୍ରୟୋଗ କରାଯିବା ଦରକାର । ଏହି ସବୁରେ ପିଲାର ମାତୃଭାଷା ବ୍ୟବହାର କଲେ ଶିକ୍ଷଣ ଅଧିକ ଫଳପ୍ରଦ ହୋଇପାରିବ ।

### ପିଲାମାନେ ଭାଷାସହ ଯାହା କରନ୍ତି:-

- ନିଜକୁ ନିଜେ ନିର୍ଦ୍ଦେଶ ଦେବା ।
- ଅନ୍ୟମାନଙ୍କ କାର୍ଯ୍ୟକଳାପ ଓ ମନୋଯୋଗକୁ ନିର୍ଦ୍ଦେଶ ଦେବା ।
- ଖେଳି ଖେଳି ଶିଖିବା ।
- ବିଭିନ୍ନ ଘଟଣାକୁ ବୁଝାଇବେ ।
- ଘଟଣା ସହ ନିଜକୁ ସାମିଲ କରିବା ।
- ଅନୁମାନ କରିବା ।
- କାରଣ ଖୋଜିବା ଓ ବିଚାର କରିବା ।

ଏହା ବ୍ୟତୀତ ବହୁଭାଷୀ ଶ୍ରେଣୀରେ ପିଲାଙ୍କୁ ନିଜ ସମ୍ପର୍କରେ କହିବାର ସୁଯୋଗ ବିଭିନ୍ନ ଘଟଣାର ବର୍ଣ୍ଣନା, କ୍ଷେତ୍ରଭ୍ରମଣ ଓ ପରେ ଅନୁଭୂତି ବର୍ଣ୍ଣନା, ସଂଗୃହୀତ ବିଭିନ୍ନ ଜିନିଷ ସମ୍ପର୍କରେ ବର୍ଣ୍ଣନା ପିଲାମାନଙ୍କୁ ଭାଷା ଆହରଣରେ ସାହାଯ୍ୟ କରେ ।

## ପ୍ରଶ୍ନ ୩ ପାଇଁ ୪ଟି ଦଳର ସୂଚନା ଫର୍ଦ୍ଦ ପ୍ରଦାନ କରାଯିବ

### ସୂଚନା ଫର୍ଦ୍ଦ

**ଦଳ-୧**

**୧. ଶୁଣିବା**

ସାଧାରଣତଃ ପିଲାମାନେ ଗୀତ, ଗପ ଶୁଣିବାକୁ ଭଲ ପାଆନ୍ତି ଏବଂ ଆମ ପାଖକୁ ଆସିଲା ବେଳକୁ ସେମାନେ କିଛି ଗୀତ ଓ ଗପ ଜାଣିଥାଆନ୍ତି । ଛୋଟ ପିଲାମାନେ ବିଭିନ୍ନ ଶବ୍ଦକୁ ଖେଳ ସାମଗ୍ରୀ ଭାବେ ବ୍ୟବହାର କରିଥାଆନ୍ତି ଯାହା କି ତାଙ୍କର ସର୍ଜନା ଶକ୍ତିର ବିକାଶ କରାଇଥାଏ ।

## ଆମ ପାଇଁ କାମ

- ❖ ପିଲାମାନେ ଘରେ ବାହାରେ ଖେଳୁଥିବା, ଦୌଡୁଥିବା ସମୟରେ ଶୁଣିଥିବା ଛୋଟ ଛୋଟ ଛନ୍ଦ ଗାଆନ୍ତି ।
- ❖ ସେଇ ଗୀତ ସବୁକୁ ମନ ଦେଇ ଶୁଣି ସଂଗ୍ରହ କରିବା । ଫଳରେ ଆମ ସମସ୍ତଙ୍କ ପାଖରେ ପ୍ରଚଳିତ, ଜଣାଶୁଣା ଲୋକଗୀତ (ବିଭିନ୍ନ ଆଞ୍ଚଳିକତା ଭିତ୍ତିରେ) ର ସମ୍ବଳ ହୋଇ ପାରିବ ।
- ❖ ଏ ପ୍ରକାର ସଂଗ୍ରହ ଏକ ସମୃଦ୍ଧ ସୃଜନଶୀଳ ଭାଷା ବିକାଶରେ ଏକ ମୂଲ୍ୟବାନ ସମ୍ବଳ ହେବ ।
- ❖ ଏହାକୁ ଅନ୍ୟାନ୍ୟ ଦକ୍ଷତା ବିକାଶ ଯଥା- ପଠନ ଓ ଲିଖନ ପାଇଁ ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟରେ ବ୍ୟବହାର କରାଯାଇ ପାରିବ ।

**ଗପ ଶୁଣିବା**

ଆମେମାନେ ଦେଖିଛେ ଯେ ପିଲାମାନେ ଗପ ଶୁଣିବାକୁ ଭଲ ପାଆନ୍ତି । ମନସ୍ତାତ୍ତ୍ୱିକମାନେ କହନ୍ତି, ଏହାଦ୍ୱାରା ସେମାନଙ୍କର ମନୋଯୋଗିତା ବୃଦ୍ଧି ପାଏ, ଶ୍ରବଣ ଇନ୍ଦ୍ରିୟ ଦକ୍ଷତା ଲାଭ କରେ ଓ ପିଲା ମାନଙ୍କର ସର୍ଜନା ଶକ୍ତି ବୃଦ୍ଧି ପାଏ ଏବଂ ନିଜ ନିଜର ଭାବ ପ୍ରକାଶ କରିବାରେ ସେମାନେ ସମର୍ଥ ହୁଅନ୍ତି । ତେଣୁ ପିଲାମାନଙ୍କର ଏହି ବହୁମୁଖୀ ପ୍ରତିଭା ବିକାଶରେ ଗପ ବିଶେଷ ଭାବରେ ସହାୟତା କରିଥାଏ । ପିଲାମାନଙ୍କ ପାଇଁ ଅଳ୍ପ ଚରିତ୍ର ଥିବା ଛୋଟ ଛୋଟ ଗପ ବାଛିବା ଆବଶ୍ୟକ ।

**ଗପ କହିବା କେମିତି ?**

ଗପ କହିଲା ବେଳେ ଭାବ ଅନୁସାରେ କଣ୍ଠ ସ୍ୱରକୁ ଉଠାଇ ପକାଇ କହିଲେ ପିଲାମାନେ ଆକୃଷ୍ଟ ହେଲେ ପଶୁପକ୍ଷୀ, ରାଜାରାଣୀ, ପରୀ, ଦେବଦେବୀ ଇତ୍ୟାଦି ଚରିତ୍ର ଥିବା ଗପ ଶୁଣିବାକୁ ପିଲା ବେଶୀ ଭଲ ପାଆନ୍ତି । ଆମେମାନେ ଗପ କହିଲା ବେଳେ ପଶୁପକ୍ଷୀଙ୍କ ଚାଲି, ବୋଲି ଏବଂ ଭାବଭଙ୍ଗୀର ଅଭିନୟ କରି କହିଲେ ଅଧିକ ମନକୁ ଛୁଏଁ ।

- ❖ ଚିତ୍ର ବା ଫ୍ଲାସ କାର୍ଡ ସାହାଯ୍ୟ ନେଇ ଗପ କହିବା ଅଧିକ ଆନନ୍ଦ ଦେଇଥାଏ ।
- ❖ Canvas କନା ଉପରେ ଛବି ସାହାଯ୍ୟରେ ଗଳ୍ପ କହିଲେ ପିଲାଙ୍କ ମନରେ କୌତୂହଳ ସୃଷ୍ଟି ହୋଇଥାଏ । ଏଥିରେ କନା ଉପରେ ଚିତ୍ରଗୁଡ଼ିକ ନାଟକୀୟ ଢ଼ଙ୍ଗରେ ଗୋଟିଏ ପରେ ଗୋଟିଏ ଲଗାଇ ଗପଟି ଶୁଣାଇ ପାରିବେ ।
- ❖ ଟି.ଭି. ମାଧ୍ୟମରେ
- ❖ ଅଭିନୟ ମାଧ୍ୟମରେ
- ❖ କଣ୍ଢେଇ ନାଚ ମାଧ୍ୟମରେ
- ❖ ଗୀତ ମାଧ୍ୟମରେ ଯେପରିକି (୧) ଲୋଭୀ କୁକୁର, (୨) ଶୋଷିଲା କାଉ

ଏହି ଗୀତଗୁଡିକ ନମୁନା ମାତ୍ର । ଆସନ୍ତୁ ଆମେ ଏଭଳି ଆହୁରି ଗୀତ ପ୍ରସ୍ତୁତ କରିବା । ଛନ୍ଦ/ କବିତା ଭଳି ଲୋକକଥା ଓ ଛୋଟ ଛୋଟ ଗପ ମଧ୍ୟ ସଂଗ୍ରହ କରିବା ।

ଏହାଛଡା ଶିକ୍ଷକ / ଶିକ୍ଷୟିତ୍ରୀ ହିସାବରେ ଆମେମାନେ ଛାତ୍ରଛାତ୍ରୀଙ୍କ ସହ ସ୍ନେହଶ୍ରଦ୍ଧା ବଳରେ ସୁ-ସମ୍ପର୍କ ସ୍ଥାପନ କରିବା । ଜଣାଶୁଣା ବିଷୟରେ ସେମାନଙ୍କ ସହ କଥୋପକଥନ କରିପାରିବା ସେମାନଙ୍କ ନିଜ ବିଷୟରେ, ପରିବାର, ପର୍ବପର୍ବାଣି, ଅଭ୍ୟାସ, ସକାଳୁ ସଞ୍ଜ ଯାଏଁ କାର୍ଯ୍ୟାବଳୀ ସମ୍ବନ୍ଧରେ ମଧ୍ୟ କଥାବାର୍ତ୍ତା କରିପାରିବା ।

**ଦଳ -୨**

**୨. କହିବା କାମ**

ଶୃଙ୍ଖଳା ନାଁରେ ଆମ୍ଭେମାନେ ବିଦ୍ୟାଳୟରେ ପିଲାମାନଙ୍କ କଥାବାର୍ତ୍ତା କରିବାକୁ ନାପସନ୍ଦ କରିଥାଉ । ଶିକ୍ଷକମାନେ କହିବା ଏବଂ ଶିକ୍ଷାର୍ଥୀମାନେ ଶୁଣିବାର ପରମ୍ପରା ରହିଆସିଛି । ପିଲାମାନଙ୍କୁ କେବଳ ଖେଳ ଛୁଟି ସମୟରେ ବା ଶିକ୍ଷକ ଶ୍ରେଣୀରେ ଅନୁପସ୍ଥିତ ଥିବା ସମୟରେ କଥାବାର୍ତ୍ତା କରିବାକୁ ସୁଯୋଗ ମିଳିଥାଏ । ଆମ୍ଭମାନଙ୍କର ଏହି ପ୍ରକାର ଦୃଷ୍ଟିକୋଣ ଯୋଗୁଁ ପିଲାମାନଙ୍କର ଉଚ୍ଚତର ଶିକ୍ଷଣରେ କଥୋପକଥନ ମାଧ୍ୟମ ପ୍ରାକ୍ ବିଦ୍ୟାଳୟ ଏବଂ ପ୍ରାଥମିକ ବିଦ୍ୟାଳୟ ସ୍ତରରେ ଶିକ୍ଷଣ ସ୍ତରକୁ ଉନ୍ନତ ଓ ଦୃଢ଼ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ତେଣୁ ଯେଉଁ ବିଦ୍ୟାଳୟ ସମୂହରେ ଏ ଦିଗରେ ପିଲାମାନଙ୍କୁ ଯଥେଷ୍ଟ ସୁଯୋଗ ଓ ପ୍ରେରଣା ଦିଆଯାଏ ନାହିଁ, ସେଠାରେ ଏହି ମୂଲ୍ୟବାନ ଶିକ୍ଷଣ ଉପଯୋଗୀ ସମ୍ବଳର ଅପଚୟ କରାଯାଏ ନାହିଁ କି ?

ଉଦାହରଣ ସ୍ୱରୂପ ଶିକ୍ଷକ ଅନ୍ୟ କାର୍ଯ୍ୟରେ ବ୍ୟସ୍ତ ଥିବା ସମୟରେ ଦୁଇଟି ପିଲାଙ୍କ କଥୋପକଥନକୁ ବିଶ୍ଳେଷଣ କରିବେ । ଏଥିରୁ ଆମେ କ'ଣ ଜାଣିବା ? ପିଲାମାନଙ୍କର କହିବା ଦକ୍ଷତା ବୃଦ୍ଧି କରିବା ପାଇଁ ଆମକୁ ସେମାନଙ୍କ କଥାବାର୍ତ୍ତାକୁ ଧୈର୍ଯ୍ୟର ସହ ଶୁଣିବା ସହିତ ନିମ୍ନଲିଖିତ ବିଷୟରେ କଥା କହିବା ପାଇଁ ସେମାନଙ୍କୁ ସୁଯୋଗ ଦେବା ଦରକାର ।

କ) ନିଜ ସମ୍ବନ୍ଧରେ, ନିଜ ଘର ଓ ପରିବାର ସମ୍ବନ୍ଧରେ

ଖ) ବିଦ୍ୟାଳୟ ସମ୍ପର୍କିତ ବସ୍ତୁ ଓ ଅନୁଭୂତି ସମ୍ବନ୍ଧରେ

ଗ) ଫ୍ଲାସ କାର୍ଡ ସମ୍ପର୍କରେ

ଘ) କୌଣସି ଚିତ୍ର ସମ୍ପର୍କରେ- (ଆପଣ ଯଦି ନିଜେ ଚିତ୍ର ଆଙ୍କିପାରିବେ ତେବେ ଖୁବ୍ ଭଲ ନ ହେଲେ ପୁରୁଣା ମାଗାଜିନ ବା ପତ୍ର ପତ୍ରିକାରୁ ସଂଗ୍ରହ କରିପାରନ୍ତି ।

**ଗପ -** ଭଲ ଗପ ବାଛି ବାରମ୍ବାର କହିବା ଦ୍ୱାରା ପିଲାଙ୍କର ଶବ୍ଦ ବା ଜ୍ଞାନ ବଢ଼ିଥାଏ ଏବଂ ମନେ ରହିଥାଏ ।(ଏକାଡେମୀ ବିଭିନ୍ନ ଆଦିବାସୀ ଭାଷାରେ ଛବିଳ କଥା ଓ କାହାଣୀ ପ୍ରକାଶ କରିଛନ୍ତି ଏହାର ସାହାଯ୍ୟ ନିଆଯାଇପାରେ ।)

## ଚିହ୍ନିବା

ଧରାଯାଉ "ମାଙ୍କଡ କୁମ୍ଭୀର କଥା" କୁ ହିସାବରେ ନେବା । ପ୍ରତ୍ୟେକ ଆଦିବାସୀ ଭାଷାରେ ଏହି କାହାଣୀଟି ଅନୁଦିତ ହୋଇଥିଲେ ପ୍ରାଥମିକ ପର୍ଯ୍ୟାୟରେ ସେହି ଭାଷାରେ ପାଠଟି ଅଭ୍ୟାସ ଉପରାନ୍ତ ପ୍ରଶ୍ନ ପଚାରି ପାରିବେ ।

- ❖ ଏହି ଚିତ୍ରରେ କଣ ଦେଖୁଛ ?
- ❖ ମାଙ୍କଡ଼ଟି କେଉଁଠି ଅଛି ?
- ❖ ମାଙ୍କଡ କ'ଣ କରୁଛି ?
- ❖ ମାଙ୍କଡ କେଉଁଠି ବସିଛି ?
- ❖ ମାଙ୍କଡ କୁଆଡେ ଯାଉଛି ?

| ଗପ | ଚିତ୍ର |
|---|---|
| | |
| | |
| | |
| | |

## କଳ୍ପନା କରିବା

- ❖ ମାଙ୍କଡ କ'ଣ ଭାବୁଛି ?
- ❖ ଏଠି କୁମ୍ଭୀର କ'ଣ ଭାବୁଛି ?

## ପୂର୍ବ ସୂଚନା

- ❖ ଏଠାରୁ ମାଙ୍କଡ କେଉଁଠାକୁ ଯିବ ?
- ❖ କେମିତି ଗଛ ଉପରକୁ ଯିବ ?

## ପୂର୍ବ ଅନୁଭୂତି ସହ ସମ୍ପର୍କ

- ❖ ତମେ କେବେ ଜାମୁକୋଳି ଖାଇଛ ?କେମିତି ଲାଗେ ?
- ❖ ଅନ୍ୟ କି କି କୋଳି ସବୁ ଖାଇଛ ?

## ଏପରି କରିବା କାହିଁକି

- ❖ ଗପ କହିବା ସଙ୍ଗେ ସଙ୍ଗେ 'କଣ ଶିଖିଲ' ତାହା ପିଲାମାନଙ୍କୁ ପଚାରିବା ନାହିଁ । କାରଣ ପିଲାଙ୍କ ପାଇଁ ଗପଟି ଆନନ୍ଦଦାୟକ ଏବଂ ଆଗ୍ରହ ଉଦ୍ଦୀପକ । ଏହା ନୀତି କଥା ନୁହେଁ । ଗପଟି କୌତୁହଳପୂର୍ଣ୍ଣ ହୋଇଥିଲେ ପିଲାମାନେ ତାହାର ମୂଳ କଥାଟିକୁ ନିଶ୍ଚୟ ମନେ ରଖିବେ । ତେଣୁ ସଙ୍ଗେ ସଙ୍ଗେ ପ୍ରଶ୍ନ ପଚାରି ଆମର ନିଜ କାମର ସଫଳତାକୁ ହାତଛଡା କରିବା ନାହିଁ ।
- ❖ ଗପରେ ବ୍ୟବହୃତ ଶବ୍ଦକୁ ପିଲାମାନେ ମନେ ରଖିବା ପାଇଁ ଜୋର୍ ଦେବା ନାହିଁ । କାରଣ ପିଲାମାନେ ସେହି ଶବ୍ଦଗୁଡ଼ିକୁ ମନେ ରଖିବା ପାଇଁ ଚେଷ୍ଟା କରିବାରେ ଗପ ଶୁଣିବାରେ ଆନନ୍ଦ ହରାଇଥା'ନ୍ତି । ତେଣୁ ଗପର ଶବ୍ଦ ଅପେକ୍ଷା ଭାବ ଏବଂ ଆତ୍ମ ପ୍ରକାଶ ଉପରେ ଜୋର୍ ଦେବା ।
- ❖ ଗପର ଚିତ୍ରକୁ ଗୋଟିଏ ପରେ ଗୋଟିଏ ଫ୍ଲାନେଲ୍ ବୋର୍ଡ/ କଳାପଟା ସାହାଯ୍ୟରେ ଦେଖାଇ କ'ଣ ଦେଖୁଛ ବୋଲି ପ୍ରଶ୍ନ କରି ପିଲାଙ୍କୁ ଗପ କହିବାକୁ ଉତ୍ସାହିତ କରିବା ।

ଗୀତ – ପ୍ରଶିକ୍ଷାର୍ଥୀମାନଙ୍କ ଭିତରୁ ଜଣେ ଦୁଇ ଜଣ ଗୀତ ଗାଇ ପାରନ୍ତି । ଗୀତ ଗାଇବା ପରେ ଗୀତ ସମ୍ବନ୍ଧୀୟ ପ୍ରଶ୍ନ ପଚାରି ପାରିବା ।

**ଅଭିନୟ –**

ଅତିଧୀର ଓ ଲାଜକୁଳା ପିଲାମାନଙ୍କୁ ନେଇ ଉପର ଲିଖିତ କାର୍ଯ୍ୟଗୁଡିକ କରିବାରେ ଅସୁବିଧା ହୋଇପାରେ । କିନ୍ତୁ ଏହି ପିଲାମାନଙ୍କର ଏପରି ସ୍ୱଭାବର କାରଣ ଗୁଡିକୁ ଜାଣିପାରିଲେ ଆମେମାନେ ପରିସ୍ଥିତିରେ କିଛି ପରିବର୍ତ୍ତନ ଆଣିପାରିବା । ଆସନ୍ତୁ ଏହି ପରିବର୍ତ୍ତନ ପାଇଁ ନିମ୍ନଲିଖିତ ତଥ୍ୟ ପ୍ରତି ଧ୍ୟାନ ଦେବା ।

- ❖ କହିଲା ବେଳେ ପିଲାମାନଙ୍କୁ ବାକ୍ୟ ସମ୍ପୂର୍ଣ୍ଣ କରିବା ଯାଏ ସୁଯୋଗ ଦେବା ।
- ❖ ପିଲାମାନଙ୍କ କଥାବାର୍ତ୍ତାରେ ଆଗ୍ରହ ଦେଖାଇବା ।
- ❖ ପ୍ରତିବାଦ କରିବା ବା ଅସ୍ୱୀକାର କରିବାର ଇଚ୍ଛାକୁ ଦମନ କରିବା ।
- ❖ ପିଲାମାନଙ୍କର ବାକ୍ୟକୁ ସମ୍ପୂର୍ଣ୍ଣ କରିବାରେ ସାହାଯ୍ୟ କରେ ।

**ଉଦାହରଣ ସ୍ୱରୂପ –** ଗଛରେ ଗୁଣ୍ଡୁଚି ମୂଷା ବାକ୍ୟ ଭଳି ଅସମ୍ପୂର୍ଣ୍ଣ ବାକ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ଗଛରେ ଗୁଣ୍ଡୁଚି ମୂଷା ଚଢୁଥିବାର ତମେ ଦେଖିଲ କହି ନୂତନ ଭାବର ପ୍ରକାଶ କରିବା ।

**ଦଳ – ୩**

**୩. ପଢ଼ିବା**

- ❖ ଆମେମାନେ ଜାଣିଛେ ଯେ ପଠନକ୍ରିୟା ପିଲାମାନଙ୍କ ପିଲାମାନଙ୍କର ଭବିଷ୍ୟତ ବ୍ୟକ୍ତିତ୍ୱ ଗଢ଼ିବାରେ ମୁଖ୍ୟ ଭୂମିକା ଗ୍ରହଣ କରେ । ଭଲ ଭାବରେ ଅକ୍ଷର ଚିହ୍ନି ପଢ଼ିବା ପ୍ରକ୍ରିୟା ପିଲାମାନଙ୍କୁ କୌତୁହଳୀ ଓ ଆଗ୍ରହୀ କରିଥାଏ । ତଦ୍ଦ୍ୱାରା ସେମାନେ ବିଭିନ୍ନ ପତ୍ର ପତ୍ରିକା ଓ ବହି ପଢ଼ିଥାନ୍ତି ଯାହା କି ତାଙ୍କର ବ୍ୟକ୍ତିତ୍ୱ ଉପରେ ପ୍ରଭାବ ପକାଇଥାଏ । କିନ୍ତୁ ଏକଥା ମଧ୍ୟ ସତ ଯେ, ଯଦି ସେମାନଙ୍କୁ ଅନାକର୍ଷଣୀୟ ମାଧ୍ୟମରେ ଏହି ମୌଳିକ ଶିକ୍ଷା ଦିଆ ଯାଇଥାଏ ତେବେ ସେମାନେ ପରବର୍ତ୍ତୀ ପର୍ଯ୍ୟାୟରେ ପଢ଼ିବା କ୍ଷେତ୍ରରେ ଆଗ୍ରହ ପ୍ରକାଶ କରି ନ ଥା'ନ୍ତି ଯାହା ଫଳରେ ସେମାନେ ମଧ୍ୟ ଦକ୍ଷତା ହାସଲ କରି ପାରନ୍ତି ନାହିଁ ।
- ❖ ଶିକ୍ଷକ ଶିକ୍ଷୟିତ୍ରୀ ହିସାବରେ ଆମେମାନେ ଏକଥା ସ୍ୱୀକାର କରିବା ଯେ ପିଲାମାନଙ୍କୁ ଶିକ୍ଷା ଦେବାବେଳେ ଯେଉଁସବୁ ଆହ୍ୱାନର ସମ୍ମୁଖୀନ ହୋଇଥାଉ ସେ ମଧ୍ୟରୁ ପିଲାମାନଙ୍କର ପଠନ ଦକ୍ଷତା ହାସଲ କରାଇବା ସବୁଠାରୁ କଷ୍ଟକର । କିନ୍ତୁ ଶିକ୍ଷକର ସାମର୍ଥ୍ୟ ପ୍ରତି ଏହା ଏକ ଆହ୍ୱାନ ।

'ପଢ଼ିବା' କହିଲେ ଆମେ କ'ଣ ବୁଝୁ ?

<u>ପଢ଼ିବା କହିଲେ କିଛି କୌଶଳକୁ ବୁଝାଏ । ଯାହାଦ୍ୱାରା ଛାପା ଏବଂ ହାତ ଲେଖା ଅକ୍ଷରରେ ଅର୍ଥ ବୁଝାପଡେ ।</u>

<u>ପଠନ : ଗୋଟିଏ ସରଳ କ୍ରିୟା ପରିବର୍ତ୍ତେ କେତେଗୁଡ଼ିଏ ବୌଦ୍ଧିକ ଓ ଅଣ-ବୌଦ୍ଧିକ କୌଶଳର ସମାହାର ହୋଇଥିବାରୁ ଏହି ଦକ୍ଷତା ବୃଦ୍ଧି କରିବା ପାଇଁ କୌଣସି ଗୋଟିଏ ସମ୍ପୂର୍ଣ୍ଣ ରୂପେ ତ୍ରୁଟି ଶୂନ୍ୟ ପରୀକ୍ଷିତ ପଦ୍ଧତି ନାହିଁ ।</u>

ଲକ୍ଷ ଲକ୍ଷ ପିଲା ପ୍ରତିବର୍ଷ ଅକ୍ଷର ଚିହ୍ନିବା, ପଢ଼ିବା ଶିଖିଥାନ୍ତି ଓ ସେମାନଙ୍କ ମଧ୍ୟରୁ ବହୁତ ଭାଗ ପିଲା ଏ ଦିଗରେ ଅସଫଳ ହୋଇଥାଆନ୍ତି । ଯେଉଁ ଅଳ୍ପ କିଛି ପଲା ବିଦ୍ୟାଳୟ ଶିକ୍ଷା କୌଣସିମତେ ଶେଷ କରନ୍ତି ସେମାନେ ପଢ଼ିବା କ୍ଷେତ୍ରରେ ବିଶେଷ ଆଗ୍ରହ ଦେଖାଇନଥାନ୍ତି । ଆଉ କିଛି ପିଲା ପଢ଼ିପାରିଲେ ମଧ୍ୟ କିଛି ବୁଝି ନଥାନ୍ତି । ଏହି ସବୁ ସମସ୍ୟା ଗୁଡିକ ପାଇଁ ଆମର ଅନାକର୍ଷଣୀୟ ଶିକ୍ଷାଦାନ ହିଁ ଦାୟୀ । ଯେପରିକି ମୁଖସ୍ଥ କରିବା ବା କେବଳ ବଡ ପାଟିରେ ଅକ୍ଷର ଗୁଡ଼ିକୁ ଦୋହରାଇବା ଦ୍ୱାରା ପିଲାମାନେ ବିଶେଷ କିଛି ଶିଖି ପାରନ୍ତି ନାହିଁ । ଅପର ପକ୍ଷର ସେମାନେ ଏଭଳି ପ୍ରକ୍ରିୟା ଦ୍ୱାରା ଅଶ୍ୱସ୍ତି ଅନୁଭବ କରିଥାନ୍ତି କାରଣ ପିଲାମାନେ ସକ୍ରିୟ କାର୍ଯ୍ୟକ୍ରମରୁ ହିଁ ଅଧିକ ଶିଖିଥାଆନ୍ତି । ଏଭଳି କିଛି ସକ୍ରିୟ କାର୍ଯ୍ୟକ୍ରମ ବିଷୟରେ ଆମେ ପରବର୍ତ୍ତୀ ପୃଷ୍ଠାରେ ଜାଣିବା ।

ପ୍ରଥମରୁ ହତାଶା ଓ ବିରକ୍ତି ଭାବ ମଧ୍ୟ ପିଲାମାନଙ୍କୁ ବିଦ୍ୟାଳୟ ଛାଡିବାକୁ ବାଧ୍ୟ କରିଥାଏ । ତେଣୁ ଆମ ବିଦ୍ୟାଳୟମାନଙ୍କରେ ପିଲାମାନଙ୍କର ଅକ୍ଷର ଚିହ୍ନିବା ବା ପଢ଼ିବା ଦିଗରେ କ୍ରମଶଃ ବୃଦ୍ଧି ପାଉଥିବା ଅସଫଳତା ହାରକୁ ଦେଖିଲେ ମନରେ ପ୍ରଶ୍ନ ଉଠେ ପିଲାମାନଙ୍କୁ ପଢ଼ିବା କ୍ଷେତ୍ରରେ କିପରି ଦକ୍ଷ କରିବା ? ଆସନ୍ତୁ ସେହିପରି କିଛି ପଦ୍ଧତି ବିଷୟରେ ଜାଣିବା ।

## ୪. ପ୍ରାକ୍ ଲିଖନ

ନିଜ ଭାବନା ଲିପିବଦ୍ଧ କରିବାକୁ ଲେଖିବା କହନ୍ତି । ଏକଥା ମଧ ସତ୍ୟ ଯେ, ଆମେ ଲେଖିବା ଦ୍ୱାରା କିଛି ସୂଚନା , ସ୍ମୃତି ଓ ଧାରଣାକୁ ସ୍ଥାୟୀତ୍ୱ ଦେଇଥାଉ । ଲେଖିବା ସମୟରେ ମଧ୍ୟ ଆମେ ନିଜେ ନିଜ ସହ କଥାବାର୍ତ୍ତା କରିଥାଉ । ଶିକ୍ଷକ ହିସାବରେ ଆମେ ଛୋଟ ଶିଶୁକୁ ଲେଖି ଶିଖାଇବା ସମୟରେ ଏକ ରକମର କଥାବାର୍ତ୍ତା କଲାଭଳି ଶିଖାଇବା ଭଲ । କାରଣ ପିଲାମାନେ ଆମ ପାଖକୁ ବିଦ୍ୟାଳୟରେ ଆସିବା ବେଳକୁ ଆତ୍ମ ବିଶ୍ୱାସର ସହ ବିଭିନ୍ନ ଲୋକଙ୍କ ସହ ଭିନ୍ନ ଭିନ୍ନ ବିଷୟରେ କଥାବାର୍ତ୍ତା କରିପାରିବାର ଦକ୍ଷତା ନେଇ ଆସିଥାଆନ୍ତି । ତେବେ ପିଲାମାନଙ୍କୁ ଲେଖି ଶିଖାଇବା ପୂର୍ବରୁ ଆସନ୍ତୁ ନିମ୍ନଲିଖିତ ବିଷୟ ପ୍ରତି ଦୃଷ୍ଟି ଦେବା ।

- ପିଲାମାନେ ଲେଖିବା ପୂର୍ବରୁ, ନିଜ ବିଷୟ ଓ ଘଟଣା ସମ୍ପର୍କରେ ଭଲ ଭାବରେ, ଦୃଢ଼ ଭାବରେ ଓ ଆତ୍ମ ବିଶ୍ୱାସର ସହିତ ସେମାନଙ୍କର ନିଜ ବିଶ୍ୱାସ ଓ ଘଟଣା ସମ୍ପର୍କରେ କହିବାକୁ ଯେପରି ସମର୍ଥ ହୁଅନ୍ତି ତାହା ଦେଖିବା ।

- ପିଲାମାନଙ୍କୁ ନିଜ ଅନୁଭୂତି ବର୍ଣ୍ଣନା ଓ ଉପସ୍ଥାପନା କରିବା ପାଇଁ ସୁଯୋଗ ଦେବା ।

- ପିଲାମାନଙ୍କୁ ଚିତ୍ର ଆଙ୍କିବା ପାଇଁ ଉତ୍ସାହିତ କରିବା । କାରଣ ଲେଖିବା କୌଶଳ ହାସଲ ଲାଗି ଦରକାର କରେ ବିଭିନ୍ନ ଆକୃତି ବିଷୟରେ ଜ୍ଞାନ ଏବଂ ସେମାନଙ୍କ ମଧରେ ଥିବା ପ୍ରଭେଦକୁ ଜାଣିବା ଦରକାର ।

- ଅକ୍ଷର ଲେଖି ଶିଖିବାକୁ ଆରମ୍ଭ କଲାବେଳେ ପ୍ରଥମେ ବଡ ବଡ ଅକ୍ଷର ଲେଖିବା ଦରକାର । ଧୀରେ ଧୀରେ ପିଲାଙ୍କର ହାତ ଓ ଆଙ୍ଗୁଠିର ପେଶୀ ଚାଳନା ସୁସଂହତ ହେଲାପରେ କ୍ରମଶଃ ସାନ ଅକ୍ଷର ଲେଖି ଶିଖିବେ ।

- ପ୍ରତ୍ୟେକ ଅକ୍ଷରର ଆକୃତି କେଉଁଠାରୁ ଆରମ୍ଭ କରି କେଉଁଠାରୁ କିପରି ଶେଷ କରାଯାଏ ପିଲାଙ୍କୁ ଆମେ ଦେଖାଇ ଦେବା ।

# ବହୁଭାଷୀ (ମାତୃଭାଷା) ଶିକ୍ଷଣରେ ଶୁଣିବା କୌଶଳ ନିର୍ଦ୍ଧାରଣ

**ଦ୍ୱିତୀୟ ଦିବସ** **ସମୟ- ୧ ଘଣ୍ଟା**

**୪ର୍ଥ ଅଧିବେଶନ**

**ପ୍ରତ୍ୟାଶିତ ଫଳାଫଳ :**

- ଅଂଶଗ୍ରହଣକାରୀମାନେ ବହୁଭାଷୀ ପରିସ୍ଥିତିରେ ପିଲାଙ୍କ ଶୁଣିବା ଦକ୍ଷତା ବିକାଶର କୌଶଳଗୁଡିକୁ ଜାଣିବେ ଓ ପ୍ରୟୋଗ କରିବେ ।
- ଧ୍ୱନି, ସ୍ୱରର ଶ୍ରବଣ ମାଧ୍ୟମରେ ଶ୍ରବଣ ଦକ୍ଷତା ବୃଦ୍ଧି ହୋଇଥାଏ, ତାହା ଜାଣିବେ ।

| ପ୍ରକ୍ରିୟା<br>(ସକ୍ରିୟାତ୍ମକ କାର୍ଯ୍ୟ) | ଆଲୋଚ୍ୟ ବିଷୟ |
|---|---|
| ୧. ଖୋଲା ଆଲୋଚନା<br>୨. ଖୋଲା ଆଲୋଚନା<br>୩.୪. ଦଳଗତ ଆଲୋଚନା ଓ ଉପସ୍ଥାପନା<br>୫ . ଖୋଲା ଆଲୋଚନା | ପ୍ରଶ୍ନ ୧ : ସକ୍ରିୟାତ୍ମକ କାର୍ଯ୍ୟଟି କେମିତି ଲାଗିଲା ?<br>ପ୍ରଶ୍ନ ୨ : ବଂଶୀଟି ବାଜିଲା ବୋଲି କମିତି ଜାଣିଲ ? (ଏପରି ଅନ୍ୟ ବାଦ୍ୟ ଯନ୍ତ୍ରର ନେଇ ହେବ)<br>ପ୍ରଶ୍ନ ୩: ପିଲାମାନେ ସାଧାରଣତଃ କ'ଣ ଶୁଣିବାକୁ ଭଲ ପାଆନ୍ତି ?<br>ପ୍ରଶ୍ନ ୪ : ବହୁଭାଷୀ ଶିକ୍ଷଣ କାର୍ଯ୍ୟକ୍ରମରେ ଶ୍ରବଣ ଦକ୍ଷତା ବୃଦ୍ଧି ନିମନ୍ତେ କିପରି ଆଗ୍ରହ ସୃଷ୍ଟି କରାଯିବ ?<br>ପ୍ରଶ୍ନ ୫: ଶ୍ରବଣ ଦକ୍ଷତା ବୃଦ୍ଧି ନିମନ୍ତେ ଶିକ୍ଷକ କ'ଣ କରିବା ଆବଶ୍ୟକ ? |

**ବି:ଦ୍ର:- ଉପରୋକ୍ତ ପ୍ରଶ୍ନର ସମ୍ଭାବ୍ୟ ଉତ୍ତର ଓ ପରିଚାଳନାର କୌଶଳ ପରବର୍ତ୍ତୀ ପୃଷ୍ଠା ଦେଖନ୍ତୁ ।**

## ସାଧନକର୍ମୀ ପାଇଁ ସୂଚନା

ସକ୍ରିୟାତ୍ମକ କାର୍ଯ୍ୟ

ଅଂଶ ଗ୍ରହଣକାରୀ ମାନଙ୍କ ମଧ୍ୟରୁ ଜଣକୁ ଡାକିବି । ସେହି ଶିକ୍ଷକଙ୍କୁ ସୂଚନା ଦିଆଯିବ ଯେ, ଶ୍ରେଣୀ ଗୃହ ବାହାରେ ଥିବା ବାଦ୍ୟଯନ୍ତ୍ର, ଘୁଙ୍ଗୁର, ସାରଙ୍ଗୀ, ବଂଶୀ, ରେଗା ରେଗା ବଜାଇବେ ଏବଂ ମୁଦ୍ରାଟିକୁ ତଳେ ପକାଇବେ, ଯେପରି ତାର ଶବ୍ଦ ଉତ୍ପନ୍ନ ହେବ ।

ଏହାପରେ ଅଂଶଗ୍ରହଣକାରୀମାନଙ୍କୁ ଗୋଟି ଗୋଟି ବାଦ୍ୟଯନ୍ତ୍ର ଧ୍ୱନି ସଂପର୍କରେ ସାଧନକର୍ମୀ ପଚାରିବେ ।

ବଂଶୀ- ବଂଶୀର ଧ୍ୱନି

ମୁଦ୍ରା- ଟିଡିଙ୍ଗ୍ ଇତ୍ୟାଦି

(ସାଧନକର୍ମୀ ନିଜ ସୁବିଧା ମୁତାବକ ବିଭିନ୍ନ ଧ୍ୱନି ଉତ୍ପନକାରୀ ଯନ୍ତ୍ରକୁ ବ୍ୟବହାରକୁ ଆଣି ପାରନ୍ତି ।)

**ପ୍ରକ୍ରିୟା** **ସମ୍ଭାବ୍ୟ ଉତ୍ତର**

ପ୍ରଶ୍ନ ନଂ ୧ – ଭଲ ଲାଗିଲା

ପ୍ରଶ୍ନ ନଂ ୨ – ଶୁଣିକରି, ବାଦ୍ୟଯନ୍ତ୍ର ବାଜିବାରୁ , ଶବ୍ଦ ହେବାରୁ , ତଳେ ପଡିବା ଶବ୍ଦ

ପ୍ରଶ୍ନ ନଂ ୩ – (ଦଳ ଗଠନ କଳାପରେ ) ଗପ, ଗୀତ, ଢ଼ଗଢ଼ମାଳି, ବିଭିନ୍ନ ପକ୍ଷୀର ସ୍ୱର, ସଂଳାପ, ବାଦ୍ୟ ଯନ୍ତ୍ରର ଶବ୍ଦ ।

ପ୍ରଶ୍ନ ନଂ ୪ –
- ❖ ଏହି ପରିସ୍ଥିତିରେ ପିଲାମାନଙ୍କୁ ତାଙ୍କରି ଭାଷାରେ ଗପ ଶୁଣିବାର ସୁଯୋଗ ଦେବା ।
- ❖ ନିଜ ଅଂଚଳର ଜାଣିଥିବା ଗୀତ ଶୁଣିବାକୁ ସୁଯୋଗ ଦେବା ।
- ❖ ବିଭିନ୍ନ ବାଦ୍ୟଯନ୍ତ୍ରର ଶବ୍ଦ ଶୁଣିବାକୁ ସୁଯୋଗ ଦେବା ।
- ❖ ବିଭିନ୍ନ ମିମିକିରି (ଅନୁକରଣ) କରିବାକୁ ସୁଯୋଗ ଦେବା ।

ପ୍ରଶ୍ନ ନଂ ୫ - ଶିକ୍ଷକ ଏହି ପରିସ୍ଥିତିରେ ସମସ୍ତ ଅଂଶଗ୍ରହଣକାରୀ ମାନେ ଯେପରି ଶୁଣିବେ, ସେଥିପ୍ରତି ଦୃଷ୍ଟିଦେବେ ଏବଂ ବିଭିନ୍ନ ପ୍ରଶ୍ନ ମାଧ୍ୟମରେ ସକ୍ରିୟ କରାଇବେ ।

## ପରିଶିଷ୍ଟ(୩୯-୪୩)

ସୂଚନା:- ସୂଚନାକର୍ମୀ ଆବଶ୍ୟକ ମନେ କଲେ ଏହି ଗୀତ / ଗପ / ମିମିକ୍ରିର ସାହାଯ୍ୟ ନେଇ ପାରନ୍ତି ।

| ଗୀତ | -କୋୟା- |
|---|---|
| କକରେ କଁ.... (ଅଭିନୟ କରି)<br>କକରେ କଁ କକରେ କଁ ଡାକେ କୁକୁଡା<br>ଠେଙ୍ଗା ଧରି ବାହାରିଲା ଅଗାଧୁ ବୁଡା<br>ବୁଡାକୁ ଦେଖି ସାହି କୁକୁର ଭୁକିଲା ଭୋଭୋ... ଭାଇ ଭୋ ଭୋ<br>(Activity)<br>ଠେଙ୍ଗା ଉଠାଇ ବୁଢ଼ା କହିଲା ଯ ଯ ଯ .../ଭାଇ ଯ.. ଯ.. ଯ..<br>ଗଛରେ ଥାଇ ଗାଇ ଡାକିଲା କା.. କା.. କା.. ଭାଇ କା.. କା..<br>କା..<br>ଗୁହାଳ ଭିତରୁ ବାଛୁରୀ କଲା ହା ମ୍ବା ଆ .. ଭାଇ ହା ମ୍ବା ଆ...<br>ବାଛୁରୀ ଡାକ ଶୁଣି ଛେଳି କଲା ମେଁ, ମେଁ, ମେଁ ଭାଇ ମେଁ, ମେଁ<br>ଟିକି ଚଢ଼େଇ ସେତିକି ବେଳେ କଲା ଚେଁ..ଚେଁ.. ଭାଇ ଚେଁ ଚେଁ<br>ପାହାଡ ଫାଙ୍କୁ ଉଠିଲା ବେଳେ<br>ନାଲି କିରଣ ଦେଇ<br>ଦୁନିଆ ସାରା ହସି ଉଠିଲା<br>ଗୀତ ଗାଇବା ପାଇଁ.. | କକରେ କଁ କକରେ କଁ<br>କକରେ କଁ କକରେ କଁ ଖୁଶିତ୍ କର<br>ପେଇତ୍ ଥୋଣ୍ଡ ମୁ ୟତ ଥୋଣ୍ଡ ଡୁଡ ପଇସ ଗୁ- ସ୍ୱାତା<br>ଭୋ ଭୋ ଭୁଃହୁଶଥା ମୁୟତୋଙ୍କ ଭିଡ ନେଇକ<br>ଡୁଡ ତୋସ ନେତଥୋଣ୍ଡଆନ୍ ଆନ୍<br>ମାର’ ଣା ମାଞ୍ଜା କାକାଡ୍ କେୟପା କା’ କା’ କା’<br>ପା’ କାଟ୍ ଲୋପି କେୟଥା ପେଇୟା<br>ଓଭୋଁ.... ଓଭୋଁ.... ଓଭୋଁ<br>ପେଇୟା କେୟାନାଦ କେ’ଞ୍ଜି<br>ମେ’କା କେଥୟ ମେଁ ମେଁ<br>ପିଟେ କେୟିପା ଆକସି ଚେଁ..ଚେଁ..ଚେଁ<br>ମେଟ୍ଟା ଗାଣ୍ଡିନା ପେୟଥା ଓ୍ୱେଲା<br>ଏଟରା ଟିଣ୍ଡ୍ରା କା’ ସି<br>ଦୁନିଆ ଥୋର କାଓ୍ୱସ ତେଦଥୋର<br>ପା’ଟା ପା’ ରାନ୍ ସେଙ୍ଗା |

| Active Work: | |
|---|---|
| ୧. ଚିତ୍ର ଦେଖି ନିଜ ଭାଷାରେ କୁହ ?<br>(ବିଭିନ୍ନ ପ୍ରକାର ପଶୁପକ୍ଷୀଙ୍କ ଚିତ୍ର ଦେଖାଇବେ)<br>୨. କିଏ କେଉଁଠାରେ ରହନ୍ତି ପଚାରିବେ ?<br>୩. ସେମାନଙ୍କର ସ୍ୱର କହିବାକୁ କହିବେ ?<br>୪. ବିଭିନ୍ନ ଖଣ୍ଡବିଖଣ୍ଡିତ ପଶୁପକ୍ଷୀଙ୍କ ଚିତ୍ରକୁ ସଜାଇବାକୁ କହିବେ ? | ସାଧନ କର୍ମୀ ଚିତ୍ରଗୁଡ଼ିକ ଶିଶୁର ପରିଚିତ ପଶୁପକ୍ଷୀର ହୋଇଥିବା ଆବଶ୍ୟକ । |

| ସାଧନକର୍ମୀଙ୍କ ସୂଚନା | ଶିକ୍ଷକଙ୍କ ପାଇଁ ସୂଚନା | | | |
|---|---|---|---|---|
| | ଓଡିଆ | କୁଭି | ସଉରା | କୋୟା |
| ୧. ଏହି ଗୀତଟିକୁ ଶ୍ରେଣୀ କକ୍ଷରେ / ସକ୍ରିୟାତ୍ମକ ଭାବେ ଉପସ୍ଥାପନ କରିପାରିବେ ।<br>୨. ଗୀତଟିକୁ ଅଙ୍ଗଭଙ୍ଗୀ ପ୍ରଦର୍ଶନୀ ବ୍ୟତୀତ ଚରିତ୍ର ଭିତ୍ତିକ ଚିତ୍ର ଜରିଆରେ କୋରସ ଭାବେ ଉପସ୍ଥାପନ କରିପାରିବେ ।<br>୩. ଗୀତରେ ଥିବା ଚିତ୍ରକୁ ନେଇ ନୂତନ ଗୀତ ମଧ୍ୟ ସୃଷ୍ଟି କରିପାରିବେ । | କାଉ | କାଂକା | କାକା | କା, କାଡ୍ |
| | କୁକୁର | ବାଉଡି | କୀନସେ | ନେୟ |
| | ବାଛୁରୀ | ଡ୍ରାଡୁ | ଆଥିତାଙ୍ଗ୍ | ପେଇୟା |
| | କୁକୁଡା | କଜୁ | କାନସିଙ୍ଗ୍ | କର୍ |
| | ପକ୍ଷୀ | ପଟା | ଅନ୍ତିଡ | ପିଙ୍ଗେ |
| | ଠେଙ୍ଗା | ଡୁଡା | ଡାଙ୍ଗୁ | ଡୁଡ |
| | ବୁଢ଼ା | ବୁଡା | ତଲାଇବା | ମୁଇତ |
| | ଗୁହାଳ | | | |
| | ଗଛ | | | |
| | ପାହାଡ | | | |
| | କିରଣ | | | |
| | ଦୁନିଆ | | | |
| | ଡାକିବା | | | |
| | ନାଲି | | | |
| | ଏଭଳି ଅନ୍ୟାନ୍ୟ ପଶୁପକ୍ଷୀଙ୍କ ନାମକୁ ନେଇ ପ୍ରତ୍ୟେକ ମାତୃଭାଷା ସହ ସଂପୃକ୍ତି କରାଇ ଉପସ୍ଥାପନ କରାଇବେ । | | | |

ସାଧନକର୍ମୀ ଙ୍କ ସୂଚନା ପାଇଁ ଏକ ଉଦାହରଣ ସଉରା ଭାଷାରେ ପ୍ରଦାନ କରାଗଲା । ଏହି କ୍ରମରେ ବିଭିନ୍ନ ଭାଷାରେ ଉଦାହରଣ ପ୍ରସ୍ତୁତ କରାଯାଇପାରେ ।

## ଝାଁଙ୍ଗ୍ ନାନ୍ ଆଡ଼ଇଲି

ବ ଡିନା ତୁଲବ୍ ଲିଙାନ୍ ଜନ୍ତୁନ୍‌ଜି ଡ ଅନ୍ତିଡାନ୍‌ଜି ଆବଇ ଇସ୍କୁଲାନ୍ ଆସାବ୍‌ଜାବିନ୍ ଆସାନ୍ ମିଟିଂ ଲିନ୍‌ଜି । କୁନ୍ ମିଟିଂ ଲିଙ୍ଗାନ୍ ଜନ୍ତୁନ୍‌ଜି ସାରିଂ କିନାନ୍ , ସାଲୁନ୍, ସିଅକିଡାନ୍, ଆଲିବାନ୍ , ବୁଡାନ୍ ଡ ପାଣ୍ଡେରାନ୍ ଡାକୁଲିନ୍‌ଜି । ଅନ୍ତିଡାନ୍‌ଜି ସାରିଂ ରୁପଡିନ୍ କାକାନ୍, ଆଡ଼ାଙ୍ଗାନ୍, ଜିର୍‌ଗାନ୍, ପାରୁଆନ୍ ଡ ମାରାନ୍ ଡାକୁଲିଜି ।

ସିଅକିଡାନ୍ କୁଡ୍‌ଡୁବାନ୍‌ଜି ଆଡ- ଅଃଙ୍ଗ୍ ଉଆଲ୍ଲେ ଗାମେତିବ୍ ବୁତିନ୍ ଝାଁଙ୍ଗ୍ ଝାଁଙ୍ଗ୍ ବାରାନ୍ ଲୁମ୍‌ତେ ? ବୁଡାନ୍ ଗାମଲେ "ବୁତିନ୍ତି ଆବାନୁଡ୍‌ଡି ଆଭର୍ ଡାକୁ, ଆଭର୍ ତାରାକ୍‌କା ଡାକୁ ଆନିନ୍ ଝାଁଙ୍ଗ୍ ଝାଁଙ୍ଗ୍‌ମାର୍ ଡେବିନ୍ ଡେତି ।"

ରୁପ୍‌ଡ଼ିନ୍ ଗାମ୍‌ଲେ – " ବୁତିତ୍ ଲାଙ୍ଗା କାନିନାନ୍ କିନ୍‌ଲେ ରାବ୍‌ତିତେ, ଆନିନ୍ ଝାଁଙ୍ଗ ଝାଁଙ୍ଗମାର ଡେବିନ୍‌ଡେତି ।"

ମାରାନ୍ ଗାମ୍‌ଲେ – " ବୁତିନ୍ତି ଲାଙ୍ଗା ଢ଼ଙ୍ଗ୍‌ସେଙ୍ଗାନ୍ ଗଇତେ, ଆନିନ୍ ଝାଁଙ୍ଗ୍ ଝାଁମ୍‌ାର ଡେବିନ୍ ଡେତି ।"

କାନ୍ ଆବିର୍‌ନା ବାତ୍ତି କୁଡ୍‌ଡୁବ୍ ଜନ୍ତୁନ୍‌ଜି ଡ ଅନ୍ତି ଡାନ୍‌ଜି ରୁଡ଼ିଲିନ୍‌ଜି । ଇସ୍କୁଲାନ୍ ଆସାନାବ୍‌ଜା ଆଡ଼ଇଲି । ଝାଁଙ୍ଗ୍‌ନାନ୍ ଜାନାଙ୍ଗ୍ ଆଡଇଲି ।

**<u>ପାଠପଢ଼ା ବନ୍ଦ ହେଲା</u>**

ଦିନେ ଜଙ୍ଗଲରେ ସ୍କୁଲ ତିଆରି କରିବା ପାଇଁ ପଶୁପକ୍ଷୀଙ୍କର ସଭା ହେଲା । ସେହି ସଭାରେ ପଶୁ ମାନଙ୍କ ଧରୁ ବାଘ, ଭାଲୁ, ସିଂହ, ହରିଣ, ବିଲୁଆ ଏବଂ ଠେକୁଆ ଥିଲେ । ପକ୍ଷୀ ମାନଙ୍କ ଧରୁ ଶୁଆ, କାଉ, ଚିଲ, ଶାଗୁଣା, ପାରା, ଓ ମୟୁର ଥିଲେ ।

ସିଂହ ସମସ୍ତଙ୍କୁ ପଚାରିଲା – କିଏ ପାଠ ପଢ଼ାଇବା କାର୍ଯ୍ୟ କରିବ ? ବିଲୁଆ କହିଲା- " ଯିଏ ଅଧିକ ବୁଦ୍ଧିମାନ ଓ ଚତୁର ସେ ଶିକ୍ଷକତା କରିବ ।"

ଶୁଆ କହିଲା – " ଯିଏ ଅଧିକ ସୁନ୍ଦର ଗୀତ ଗାଇ ପାରିବ, ସେ ପଢ଼ାଇବ"

ମୟୁର କହିଲା- " ଯିଏ ଅଧିକ ସୁନ୍ଦର ଭାବରେ ନାଚି ପାରିବ, ସେ ପାଠ ପଢ଼ାଇବ ।"

ଏହି କଥାରେ ସମସ୍ତ ପଶୁପକ୍ଷୀଙ୍କ ଧରେ ଗଣ୍ଡଗୋଳ ହେଲା । ସ୍କୁଲ ଘର ତିଆରି ହୋଇପାରିଲା ନାହିଁ । ପାଠପଢ଼ା ବନ୍ଦ ହେଲା ।

(**ବି:ଦ୍ର:-** ଏହି ସମ୍ପର୍କରେ ସୂଚନା ପରବର୍ତ୍ତୀ ପୃଷ୍ଠା ନଂ ଦେଖନ୍ତୁ ।)

## ଶିଶୁ ଗପର ଗୁଣାବଳୀ

୧. ସରଳ ହୋଇଥିବ

୨. ଚରିତ୍ର କମ୍ ଥିବ

୩. କିଛି ବାର୍ତ୍ତା ଥିବ

୪. ଗପଟି ଶେଷ ହେଉଥିବ କିନ୍ତୁ ବର୍ଦ୍ଧିତ କରିବାରେ ସୁଯୋଗ ଥିବ ।

**<u>ସାଧନକର୍ମୀଙ୍କ ସୂଚନା</u>**

ଗପ କହିବା ବେଳେ ଅଙ୍ଗଭଙ୍ଗୀ / ଉପଯୁକ୍ତ ସ୍ୱର ଦେଇ କହିବେ । ଗପ ମଝିରେ, ମଝିରେ କିଏ, କାହାକୁ, କେତେବେଳେ ଏହିପରି ପ୍ରଶ୍ନ ପଚାରୁଥିବେ ଏବଂ ମଝିରେ ଚିନ୍ତାମୂଳକ ପ୍ରଶ୍ନ ପଚାରିବେ , ଯେପରିକି କ'ଣ ହୋଇଥିବ ? କ'ଣ ହୋଇଥାନ୍ତା ?

**<u>ଗୀତ</u>**

୧) ସହଜ ଓ ସରଳ ପଦ ଥିବ ।

୨) ପିଲାମାନେ ଗାଇବା ପାଇଁ ସହଜ ହୋଇଥିବ ।

୩) ତାଳ ଦେଇ ଗୀତ ବୋଲିବେ ।

୪) ସମୋଚ୍ଚାରିତ ଶବ୍ଦ/ ଯତିପାତ ପଦ ରହିବ ।

୫) ପିଲାଙ୍କ ଦ୍ୱାରା ଗୀତ ଆବୃତ୍ତି କରାଇବେ ।

**<u>ଢ଼ଗଢ଼ମାଳୀ</u>**

୧) ନିଜ ଅଂଚଳର ହୋଇଥିବ ।

୨) ଛୋଟ ଓ ବୁଝିଲା ଭଳି ହୋଇଥିବ ।

# ଶୁଣିବା ଦକ୍ଷତାର ପ୍ରତୀକ ଉପସ୍ଥାପନା

**୨ୟ ଦିବସ :**

**୪ର୍ଥ ଓ ୫ମ ଅଧିବେଶନ :**

**ପ୍ରତ୍ୟାଶିତ ଫଳାଫଳ :**

ଅଂଶଗ୍ରହଣକାରୀମାନେ, ଆବୃତ୍ତି ମାଧ୍ୟମରେ କିପରି ଶ୍ରବଣ କରାଇବେ ଜାଣିବେ ।
ଅଭିନୟ ସହ ଗୀତର ପ୍ରତିଟି ପାଦକୁ କିପରି ଆବୃତ୍ତି କରିବେ ।
ଛବି ଦେଖାଇ ଭିନ୍ନ ଭିନ୍ନ ବସ୍ତୁ ଓ ଜୀବଜନ୍ତୁଙ୍କୁ ନିଜ ଭାଷାରେ ପରିଚିତ କରାଇବେ ।

| ପ୍ରକ୍ରିୟା | ଆଲୋଚ୍ୟ ବିଷୟ |
|---|---|
| ଦଳଗତ ଉପସ୍ଥାପନ | ଶିକ୍ଷାଦାନ କିପରି ଲାଗିଲା ? |

**ସାଧନକର୍ମୀ ସମୟ ଓ ପ୍ରଶିକ୍ଷାର୍ଥୀଙ୍କ ମାନସିକତାକୁ ଦୃଷ୍ଟିରେ ରଖି ବିଭିନ୍ନ ଉପାୟ ଅବଲମ୍ବନ କରିବେ ।**

# ୩ ୟ ଦିବସ

# ପ୍ରଥମ ଅଧିବେଶନ

# (୨ୟ ଦିବସର ପୁନରାଲୋଚନା)

# ବହୁଭାଷୀ ଶିକ୍ଷଣରେ କହିବା

**୩ୟ ଦିବସ** **ସମୟ : ୨ ଘଣ୍ଟା**

**୨ୟ ଅଧିବେଶନ**

**ପ୍ରତ୍ୟାଶିତ ଫଳାଫଳ:**

- ❖ ଅଂଶଗ୍ରହଣକାରୀମାନେ, ଭାଷା ଶିକ୍ଷଣରେ କହିବା ଦକ୍ଷତାର ଗୁରୁତ୍ୱ ଉପଲବ୍ଧି କରିବେ
- ❖ ବହୁଭାଷୀ ଶବ୍ଦ ଓ ପାଠ୍ୟ ପୁସ୍ତକର ଭାଷା ସହିତ ପରିଚିତ ହେବେ ।
- ❖ ସରଳ ବାକ୍ୟ କହିବେ ।

| | |
|---|---|
| ସକ୍ରିୟାତ୍ମକ କାର୍ଯ୍ୟ<br>(ସୂଚନା ଫର୍ଦ୍ଦ-୧ ଦ୍ରଷ୍ଟବ୍ୟ)<br>ପ୍ରଶ୍ନ ୧, ୨, ୩ ପାଇଁ ଖୋଲା ଆଲୋଚନା<br>ପ୍ରଶ୍ନ ୪ ଦଳଗତ ଆଲୋଚନା<br>↓<br>ଉପସ୍ଥାପନା<br>↓<br>ସଂକ୍ଷେପଣ<br>ପ୍ରଶ୍ନ ୫ ଦଳଗତ ଆଲୋଚନା<br>ଦଳଗତ କାର୍ଯ୍ୟ: ଶିକ୍ଷଣ କାର୍ଯ୍ୟ<br>↓<br>ଉପସ୍ଥାପନା<br>↓<br>ସଂକ୍ଷେପଣ | ପ୍ରଶ୍ନ ୧. ସକ୍ରିୟାତ୍ମକ କାର୍ଯ୍ୟଟି କିପରି ଥିଲା ?<br>୨. ଏହି କାର୍ଯ୍ୟଟି କାହିଁକି ଭଲ ଲାଗିଲା ?<br>୩. ପିଲାମାନେ ସ୍ୱାଭାବିକ ଭାବେ କାହା ସମ୍ପର୍କରେ କହିବାକୁ ଭଲ ପାଆନ୍ତି ?<br>୪. ଭାଷା ଶିକ୍ଷଣରେ କହିବା ଦକ୍ଷତା ବୃଦ୍ଧି ନିମନ୍ତେ କିପରି ଆଗ୍ରହ ସୃଷ୍ଟି କରାଯିବ ?<br>୫. କଥନ ଦକ୍ଷତା ବୃଦ୍ଧି ନିମନ୍ତେ ଶିକ୍ଷକ କଣ କରିବେ ? |

ବି: ଦ୍ର:- ସମସ୍ତ ଆଲୋଚ୍ୟ ପ୍ରଶ୍ନର ସମ୍ଭାବ୍ୟ ଉତ୍ତର ଗୁଡିକ ପରବର୍ତ୍ତୀ ପୃଷ୍ଠାରେ ଦିଆ ଯାଇଛି ।

# ସାଧନକର୍ମୀଙ୍କ ପାଇଁ ସୂଚନା

(ଚିତ୍ର ପଦର୍ଶନ କରି ଉକ୍ତ ଚିତ୍ର ସଂପର୍କରେ ସ୍ୱାଧୀନ ଚିତ୍ତରେ ଉପସ୍ଥାପନ କରିବାକୁ ସୁଯୋଗ ଦେବେ ।)

ସୂଚନା ଫର୍ଦ୍ଦ -୧ ପରବର୍ତ୍ତୀ ପୃଷ୍ଠାରେ ଅଛି (ବଗ ଓ ବିଲୁଆ ଗଳ୍ପ ଓ ଏହାର ପ୍ରଶ୍ନ)

ସାଧନକର୍ମୀ ନିଜସୁବିଧା ଅନୁସାରେ ନିଜ ଅଂଚଳର ଜଣାଶୁଣା ଗପ ନେଇ ପାରିବେ ।

**ପ୍ରଶ୍ନ ୧ ଓ ୨**

- ସ୍ୱାଧୀନତା ଥିଲା
- ସ୍ପଷ୍ଟ ସୂଚନା ଥିଲା
- ଆଗ୍ରହ ଓ ଆହ୍ୱାନ ଥିଲା
- ସକ୍ରିୟ ଅଂଶଗ୍ରହଣ ପାଇଁ ସୁଯୋଗ ଥିଲା

**ପ୍ରଶ୍ନ ୩**

- ଦେଖିଥିବା ଜିନିଷ
- ଶୁଣିଥିବା ଗପ, ଗୀତ
- ନିଜ ପରିବେଶ, ପରିବାର ସଂପର୍କରେ
- ପୂର୍ବ ଅଭିଜ୍ଞତା, ଅନୁଭୂତି

**ପ୍ରଶ୍ନ ୪**

- ଚିତ୍ର ପଠନ
- ଅନୁଭୂତି/ ଅଭିଜ୍ଞତା ବର୍ଣ୍ଣନ
- ପରିବେଶ ସଂପର୍କରେ କଥନ
- ଚରିତ୍ର ଅଭିନୟ- ସଂଳାପ କଥନ

**ପ୍ରଶ୍ନ ୫**

- ସ୍ୱାଧୀନ ଆଲୋଚନା ପାଇଁ ସୁଯୋଗ
- Chain drill ଚିତ୍ର ପଠନ, ଆଲୋଚନା, ଧନ୍ଦା
- ଅଂଶଗ୍ରହଣରେ ସୁଯୋଗ ଦେବା
- ମତାମତ ଉପରେ ଗୁରୁତ୍ୱ
- ବହୁଭାଷୀକ ସ୍ଥିତିରେ ଶ୍ରେଣୀ ସଜ୍ଜା
- ପିଲାଙ୍କ ଭାଷାରେ ଆଲୋଚନା
- ପିଅର ଗ୍ରୁପ/ ଦ୍ୱିତ ଶିକ୍ଷଣ ସୁଯୋଗ
- ଖାଦ୍ୟ, ଘର କରଣା, ପରିବେଶ ଇତ୍ୟାଦି ସଂପର୍କରେ କଥୋପକଥନ
- ଅଭିନୟ...

# ସୂଚନାପର୍ଦ୍ଧ

## କହିବା (୨)

❖ ଶୃଙ୍ଖଳା ନାଁରେ ଆମ୍ଭେମାନେ ବିଦ୍ୟାଳୟରେ ପିଲାମାନଙ୍କ ଧରେ କଥାବାର୍ତ୍ତା କରିବାକୁ ନାପସନ୍ଦ କରିଥାଉ । ଶିକ୍ଷକମାନେ କହିବା ଏବଂ ଶିକ୍ଷାର୍ଥୀମାନେ ଶୁଣିବାର ପରମ୍ପରା ରହିଆସିଛି । ପିଲାମାନଙ୍କୁ କେବଳ ଖେଳଛୁଟି ସମୟରେ ବା ଶିକ୍ଷକ ଶ୍ରେଣୀରେ ଅନୁପସ୍ଥିତ ଥିବା ସମୟରେ କଥାବାର୍ତ୍ତା କରିବାକୁ ସୁଯୋଗ ମିଳିଥାଏ । ଆମ୍ଭମାନଙ୍କର ଏହି ପ୍ରକାର ଦୃଷ୍ଟିକୋଣ ଯୋଗୁଁ ପିଲାମାନଙ୍କର ଉଚ୍ଚତର ଶିକ୍ଷଣରେ ବାଧା ସୃଷ୍ଟି ହୁଏ । କଥୋପକଥନ ମାଧ୍ୟମ ପ୍ରାକ୍ ବିଦ୍ୟାଳୟ ଏବଂ ପ୍ରାଥମିକ ବିଦ୍ୟାଳୟ ସ୍ତରରେ ଶିକ୍ଷଣ ସ୍ତରକୁ ଉନ୍ନତ ଓ ଦୃଢ଼ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ତେଣୁ ଯେଉଁ ବିଦ୍ୟାଳୟ ଗୁଡ଼ିକରେ ଏ ଦିଗରେ ପିଲାମାନଙ୍କୁ ଯଥେଷ୍ଟ ସୁଯୋଗ ବା ପ୍ରେରଣା ଦିଆ ଯାଏ ନାହିଁ, ସେଠାରେ ଏହି ମୂଲ୍ୟବାନ ଶିକ୍ଷଣ ଉପଯୋଗୀ ସମ୍ବଳର ଅପଚୟ କରାଯାଏ ନାହିଁ କି ?

❖ କହିବା ଅଭ୍ୟାସ ବିଭିନ୍ନ ପ୍ରକାରରେ କରାଯାଇ ପାରେ । ପିଲା ଯେଉଁଠିରେ ଆଗ୍ରହ ପ୍ରକାଶ କରୁଛି ଓ କହି ପାରୁଛି ସେ ପ୍ରକ୍ରିୟା ଗ୍ରହଣ କରିବାରେ କିଛି ଆପତ୍ତି ନାହିଁ । ତେବେ ଚିତ୍ର ଦେଖାଇ ତାକୁ କୁହାଇବା ଅଭ୍ୟାସ କରିବା । ଖେଳ ସମୟରେ ଗପଗୀତ ମାଧ୍ୟମରେ ଏ ଅଭ୍ୟାସକୁ ବଢ଼ାଇବା ସମ୍ଭବ । ଉଦାହରଣତଃ ଆମେ ବଗ ଓ ବିଲୁଆ ଗପର ଏକ ଚିତ୍ରକୁ ନେଉଛେ । ତାକୁ ଚିହ୍ନାଇବା ଓ ତା ମାଧ୍ୟମରେ କହିବା ଅଭ୍ୟାସକୁ ବଢ଼ାଇବା ।

- **ଚିହ୍ନିବା**
- ଏହି ଚିତ୍ରରେ କ'ଣ ଦେଖୁଛ ?
- ବିଲୁଆଟି କେଉଁଠି ଅଛି ? ଏଇଟା କ'ଣ ?
- ବିଲୁଆ କ'ଣ କରୁଛି ?
- ବିଲୁଆ କେଉଁଠି ବସିଛି ? ଏଇଟା କ'ଣ ?
- **କଳ୍ପନା କରିବା**
- ବିଲୁଆ କ'ଣ ଭାବୁଛି ?
- ଏଠି ବଗ କ'ଣ ଭାବୁଛି ?
- **ପୂର୍ବ ସୂଚନା**
- ଏଠାରୁ ବିଲୁଆ କ'ଣ କରିବ ?
- ବଗ କିପରି ବିଲୁଆକୁ ପାନେ ଦେଲା ?
- **ପୂର୍ବ ଅନୁଭୂତି ସହ ସମ୍ପର୍କ**
- ତମେ କେବେ ମାଛ ଖାଇଛ ? କେମିତି ଲାଗେ ?
- ଅନ୍ୟ କି କି ମାଛ ସବୁ ଖାଇଛ ?

ଚିତ୍ର

# ଦଳଗତ ଶିକ୍ଷଣ କାର୍ଯ୍ୟ

ସାଧନକର୍ମୀ ପ୍ରଶିକ୍ଷାର୍ଥୀ ମାନଙ୍କୁ ଦଳରେ ବିଭକ୍ତ କରି ଭିନ୍ନ ଭିନ୍ନ ଶିକ୍ଷଣ କାର୍ଯ୍ୟ ଦେବେ । ପ୍ରଶିକ୍ଷାର୍ଥୀମାନେ ଓଡ଼ିଆ ଓ ନିଜ ଭାଷାରେ ଶିକ୍ଷଣ କାର୍ଯ୍ୟ ସମ୍ପାଦାନ କରିବେ ।

ଶିକ୍ଷଣ କାର୍ଯ୍ୟ:୧ - ଦୈନନ୍ଦିନ ବ୍ୟବହାରରେ ଆସୁଥିବା ଶବ୍ଦାବଳୀର ପ୍ରୟୋଗ

ଶିକ୍ଷଣ କାର୍ଯ୍ୟ: ୨ - କୌଣସି ନିର୍ଦ୍ଦିଷ୍ଟ ବିଷୟରେ କଥୋପକଥନ (ପର୍ବପର୍ବାଣୀ, ନୃତ୍ୟ, ଉତ୍ପତ୍ତି କଥା)

ଶିକ୍ଷଣ କାର୍ଯ୍ୟ: ୩- ଗାଁ ଭୂଗୋଳ ସମ୍ପର୍କିତ ଶବ୍ଦାବଳୀ

ଶିକ୍ଷଣ କାର୍ଯ୍ୟ: ୪ –ଗଳ୍ପ କଥନ

ଶିକ୍ଷଣ କାର୍ଯ୍ୟ: ୫ – ନିର୍ଦ୍ଦିଷ୍ଟ ଅନୁଭୂତି ସଂପର୍କରେ କଥନ ।(କୃଷି, ରୋଗ, ପ୍ରାକୃତିକ ବିପର୍ଯ୍ୟୟ)

ବି: ଦ୍ର:- ଦୈନନ୍ଦିନ ବ୍ୟବହାରରେ ଆସୁଥିବା ଶବ୍ଦ ଗୁଡିକ

(ବସ୍ତୁ, କାର୍ଯ୍ୟ, 'ଳ, ପନିପରିବା, ପଶୁପକ୍ଷୀ, ବିଭିନ୍ନ ସମ୍ପର୍କ, ରୋଗ, ବିଦ୍ୟାଳୟ ସମ୍ପର୍କିତ ଶବ୍ଦ ନେବେ ।)

# -କହିବା ଦକ୍ଷତାର କୌଶଳ ଓ ମାଧ୍ୟମ-

**ତୃତୀୟ ଦିବସ :** **ସମୟ : ୧.୦୦ ଘଣ୍ଟା**

**୩ୟ ଅଧିବେଶନ :**

**ପ୍ରତ୍ୟାଶିତ ଫଳାଫଳ :**

- ଅଂଶଗ୍ରହଣକାରୀମାନେ
- ଭାଷା ଆହାରଣରେ ଶବ୍ଦ ଭଣ୍ଡାରର ଅଭିବୃଦ୍ଧି କରିବେ ।
- ପିଲାର ଭାଷା ସହ ବହି ଭାଷାର ସଂଯୋଗ କରିବେ ।
- ସର୍ଜନା ଶକ୍ତିର ବିକାଶ କରିବେ ।
- କହିବାରେ ଆଗ୍ରହ ଓ କୌତୁହଳ ସୃଷ୍ଟି କରିବେ ।

| **ପ୍ରକ୍ରିୟା**<br>**ସକ୍ରିୟାତ୍ମକ କାର୍ଯ୍ୟ** | **ଆଲୋଚ୍ୟ ବିଷୟ** |
|---|---|
| ପ୍ରଶ୍ନ ୧ ଓ ୨ ଖୋଲା ଆଲୋଚନାପ୍ରଶ୍ନ<br>୩ : ଦଳଗତ ଆଲୋଚନା ଓ ଉପସ୍ଥାପନାପ୍ରଶ୍ନ<br>୪ : ଖୋଲା ଆଲୋଚନା<br>↓<br>ଦଳଗତ କାର୍ଯ୍ୟ ଓ ଉପସ୍ଥାପନା<br><br>ଏହାର ସମସ୍ତ ପ୍ରକ୍ରିୟା ପରବର୍ତ୍ତୀ ପୃଷ୍ଠାରେ ପ୍ରଦତ୍ତ । | ୧. ସକ୍ରିୟାତ୍ମକ କାର୍ଯ୍ୟ କରିବାର ଉଦ୍ଦେଶ୍ୟ କ'ଣ ?<br>୨. ଏହି ସକ୍ରିୟାତ୍ମକ କାର୍ଯ୍ୟ ପିଲାଙ୍କ କହିବା ଦକ୍ଷତା ବଢ଼ାଇବାରେ କିପରି ସାହାଯ୍ୟ କରିବ ?<br>୩. ମାତୃଭାଷା ଭିତ୍ତିକ ବହୁଭାଷୀ ଶିକ୍ଷଣରେ କହିବା ଦକ୍ଷତାର ବୃଦ୍ଧି ନିମନ୍ତେ ଶିକ୍ଷକ କ'ଣ କରିବେ ?<br>୪. ଭାଷା ଶିକ୍ଷଣରେ କହିବା ଦକ୍ଷତାର ବୃଦ୍ଧି ଲାଗି ଆଉ କେଉଁ କେଉଁ କୌଶଳ ଗ୍ରହଣ କରାଯାଇ ପାରେ ? |

**ବି: ଦ୍ର:-** ସମସ୍ତ ଆଲୋଚ୍ୟ ପ୍ରଶ୍ନର ସମ୍ଭାବ୍ୟ ଉତ୍ତର ଗୁଡିକ ପରବର୍ତ୍ତୀ ପୃଷ୍ଠାରେ ପ୍ରଦାନ କରାଯାଇଅଛି।

**ଦଳଗତ କାର୍ଯ୍ୟ:-** ପ୍ରତି ଦଳକୁ ଗୋଟିଏ ଗୋଟିଏ କୌଶଳ ଦିଆଯିବ । ସେମାନେ ଉପସ୍ଥାପନା କରିବେ ।

**ସକ୍ରିୟାତ୍ମକ କାର୍ଯ୍ୟ:** ଆଗ ଦେଖିବା ପରେ କହିବା

ସାଧନକର୍ମୀ ପ୍ରଶିକ୍ଷାର୍ଥୀମାନଙ୍କୁ ଦୁଇ ଗୋଟି ଦଳରେ ବିଭକ୍ତ କରି ୧ମ ଦଳକୁ କିଛି ଛବି ଓ ବସ୍ତୁ ଦେବେ । ସେହି ଦଳ ଅନ୍ୟ ଦଳକୁ ଏହାର ନାମ ମାତୃଭାଷାରେ କହିବାକୁ ସୂଚନା ଦେବେ ।

- ୨ ୟ ଦଳ କିଛି Action ଅଭିନୟ ମାଧ୍ୟମର ଦେଖାଇବେ । ୧ମ ଦଳ କାର୍ଯ୍ୟଟିର ନାମ ମାତୃଭାଷାରେ କହିବେ ।
- ସାଧନାକର୍ମୀ ଶେଷରେ ବିଜେତା ଦଳ ଘୋଷଣା କରିବେ । କହିବା ବେଳେ ସେହି ଶବ୍ଦ ଗୁଡ଼ିକୁ ପ୍ରଶିକ୍ଷାର୍ଥୀ ସଂଗ୍ରହ କରିବେ ।

## -ସାଧନକର୍ମୀଙ୍କ ପାଇଁ ସୂଚନା-

**ପ୍ରଶ୍ନ ୧.**

- ଭାଷା ଆହାରଣରେ ଶବ୍ଦ ଦକ୍ଷତାର ବୃଦ୍ଧି
- ଶ୍ରେଣୀ ଶିକ୍ଷାରେ ସହଜରେ ବ୍ୟବହାର
- ପିଲାଙ୍କ ଭାଷାରେ ଶିକ୍ଷଣ ସହଜ ହୋଇପାରିବ
- ପିଲାଙ୍କର ଉପସ୍ଥାପନାରେ ସ୍ୱାଧୀନମତ ପ୍ରକାଶ

**ପ୍ରଶ୍ନ ୨.**

- ଶିକ୍ଷାର୍ଥୀ ପାଠ୍ୟ ବିଷୟକୁ ନିଜର ବାସ୍ତବ ଜୀବନ ସହିତ ସଂଯୋଗ କରିବାର ସୁଯୋଗ ପାଇବ ।
- ସହାୟକ ଭାଷାକୁ ବହୁଭାଷା ସ୍ତରରେ ଉପସ୍ଥାପିତ କରିହେବ
- ଶିକ୍ଷକକୁ ବହୁଭାଷା ବ୍ୟବହାର କରି ଶବ୍ଦ ଓ ସରଳ ବାକ୍ୟ ଗଠନରେ ସହାୟକ ହେବ
- ଉପସ୍ଥାପନା ଶୈଳୀକୁ ସହଜ, ସୁବିଧା, ସାବଲୀଳ ଓ ସମୃଦ୍ଧ କରିହେବ

**ପ୍ରଶ୍ନ ୩.**

- ଅଭିନୟ
- ପପେଟ (କଣ୍ଢେଇ ଖେଳ)
- ଗପ
- ଧନ୍ଦା
- ଖେଳ (ଶିକ୍ଷାର୍ଥୀ ଶିକ୍ଷାର୍ଥୀ ଧରେ ଖେଳିବାକୁ ସୁଯୋଗ ଦେଇ କଥନ ଦକ୍ଷତାର ବୃଦ୍ଧି କରିବା )
- Action Song
- ବସ୍ତୁ / ଚିତ୍ର ଦେଖାଇ ପଚାରିବା

❖ Action ଦେଖାଇ Action word ର ନାମ

❖ TPR

❖ Quiz Competition (ସାଧନକର୍ମୀ ଶିକ୍ଷାର୍ଥୀ ମାନଙ୍କର  ଶିକ୍ଷଣ ସ୍ତରକୁ ନେଇ Quiz କରିବେ ।)

❖ ପଦ୍ୟାଂଶ / ଗଦ୍ୟାଂଶ (ଅନ୍ତାକ୍ଷରୀ)

❖ ଅନୁଭୂତି ବର୍ଣ୍ଣନା

❖ ଯଥା- ବିଦ୍ୟାଳୟ ଆସିବା ପୂର୍ବରୁ କ'ଣ କ'ଣ ସବୁ ଦେଖ ଏବଂ ମା ପ୍ରତିଦିନ କ'ଣ କରେ, ଆଜି ବିଦ୍ୟାଳୟ ଆସିଲା ବେଳେ କ'ଣ ଦେଖିଲ ?

❖ ଘଟଣାବଳୀ ବର୍ଣ୍ଣନା

❖ ବିଭିନ୍ନ ଧ୍ୱନି ସହାୟତା ସାଧନକର୍ମୀ ଏ ସମ୍ପର୍କରେ ବିଶଦ ଆଲୋଚନା କରିବେ । ସଂଯୋଜିତ କିଛି କାର୍ଯ୍ୟକୁ ଦଳଗତ ଭାବେ କରାଇ ପାରିବେ ।

**ପ୍ରଶ୍ନ ୪ :**

❖ ଭୟମୁକ୍ତ ବାତାବରଣ ସୃଷ୍ଟି କରିବ

❖ ପିଲାମାନଙ୍କୁ କହିବା ପାଇଁ ପ୍ରୋତ୍ସାହନ(ସୁଯୋଗ) ଦେବେ

❖ ପିଲାର ମାତୃଭାଷା ମାଧ୍ୟମରେ ବିଭିନ୍ନ ଶବ୍ଦ  ଓ ସରଳ (ଛୋଟ) ବାକ୍ୟ କହିବାକୁ ସୁଯୋଗ ଦେବେ ।

❖ ପିଲାଙ୍କ ଭାଷାର ଗଳ୍ପ, ଗୀତ, ଧନ୍ଦା, ଢ଼ଗଢ଼ମାଳି ସହାୟତା ନେବେ ।

❖ ATLC ଦ୍ୱାରା ପ୍ରସ୍ତୁତି ଅଭିଧାନ, ଶବ୍ଦକୋଷ ଆଦିର ସହାୟତା ନେବେ ।

❖ ମାତୃଭାଷା ଓ ପୁସ୍ତକର ଭାଷା ମଧ୍ୟରେ ସଂଯୋଜକ ହେବେ ।

## ଦଳଗତ କାର୍ଯ୍ୟ

ଦଳ-୧ ଅଭିନୟ (ଡାକ୍ତର /ରୋଗୀ) ୫ମି.

ଦଳ-୨ ଘଟଣା (ମା ଚାହା ତିଆରି କରିବାର ସଂଳାପ)

ଦଳ-୩ TPR

ଦଳ-୪ Action Song (ଅଭିନୟ ସଂଗୀତ)

ଦଳ-୫ ଖେଳ

ଦଳ-୬ ଖନ୍ଦା / ଧନ୍ଦା

ଦଳ-୭ ଗଳ୍ପ

**ବି. ଦ୍ର:-** ସାଧନକର୍ମୀ ସମୟ ଅନୁସାରେ ଦଳସଂଖ୍ୟା ଓ କାର୍ଯ୍ୟ କରିବେ । ସମସ୍ତ କଥନ କାର୍ଯ୍ୟ ଗୁଡିକ ମାତୃଭାଷାରେ କରିବା ପାଇଁ ପ୍ରୋତ୍ସାହନ ଦେବେ ।

(ଯେଉଁ କାର୍ଯ୍ୟ ଉପସ୍ଥାପନ ହୋଇ ନ ପାରିବ ତାହା ପ୍ରତୀକ ଉପସ୍ଥାପନ ସମୟରେ କରିବେ ।)

# -ବୁଲିବା, ଦେଖିବା ଓ କହିବା-

**୩ୟ ଦିବସ** **ସମୟ: ୧ ଘ.**

**ଚତୁର୍ଥ ଅଧିବେଶନ**

**ପ୍ରତ୍ୟାଶିତ ଫଳାଫଳ:**

- ❖ ଅଂଶଗ୍ରହଣକାରୀମାନେ, ଚିହ୍ନିବା, ଦେଖିବା, ପଢ଼ିବା, ଓ କହିବା ଦକ୍ଷକାର ସମୃଦ୍ଧିକରଣ
- ❖ ପରିବେଶ ଅଧ୍ୟୟନ ମାଧ୍ୟମରେ ବହୁଭାଷୀ ଶିକ୍ଷଣ ପରିସ୍ଥିତିକୁ ଜଡିତ କରିବା

| ପ୍ରକ୍ରିୟା (ସକ୍ରିୟାତ୍ମକ କାର୍ଯ୍ୟ) | ଆଲୋଚ୍ୟ ବିଷୟ |
|---|---|
| ପ୍ରଶ୍ନ ୧, ୨ ଓ ୩ ଦଳ ଗଠନ ଖୋଲା ଆଲୋଚନା<br>ପ୍ରଶ୍ନ ୪ ଦଳଗତ ଉପସ୍ଥାପନା<br>ପ୍ରଶ୍ନ ୫ ଖୋଲା ଆଲୋଚନା<br>(ସମସ୍ତ ପ୍ରକ୍ରିୟା ପରବର୍ତ୍ତୀ ପୃଷ୍ଠାରେ ପ୍ରଦତ୍ତ) | ୧. ବାହାରେ କ'ଣ ସବୁ ଦେଖିଲେ ?<br>୨. ଏହି କାର୍ଯ୍ୟକ୍ରମରୁ ବହୁଭାଷୀୟ ଶ୍ରେଣୀରେ କେଉଁ ସହାୟତା ହେବ ?<br>୩. ଏଭଳି ଶିକ୍ଷଣ କାର୍ଯ୍ୟରେ ଶିକ୍ଷକଙ୍କ ଭୂମିକା<br>୪. ଏହି କାର୍ଯ୍ୟ ଭଳି ଆଉ କ'ଣ କ'ଣ ଶିକ୍ଷଣ କାର୍ଯ୍ୟ କରିହେବ ? |

ବି. ଦ୍ର:- ସମସ୍ତ ପ୍ରଶ୍ନର ସମ୍ଭାବ୍ୟ ଉତ୍ତର ଗୁଡିକ ପରବର୍ତ୍ତୀ ପୃଷ୍ଠାରେ ପ୍ରଦାନ କରାଯାଇଅଛି ।

# ସାଧନକର୍ମୀଙ୍କ ପାଇଁ ସୂଚନା

**କଇଁଚି, ପଥର ଓ କାଗଜ ଖେଳ ନିୟମ :**

**ଅସଂପୂର୍ଣ୍ଣ ଗପକୁ ପୂର୍ଣ୍ଣ କରିବେ-**

ଏହି ଖେଳ ଦୁଇ ଦଳ ଭିତରେ ହୋଇଥାଏ । ଜଣେ ସଂକେତ ଦେବା ପାଇଁ ରହିଥାଏ । ଯେପରିକି ତାଳି କିମ୍ବା ହୁଇସିଲ୍ ମାରିବା । ଦୁଇ ଦଳ ବିପରୀତ ମୁଖ ହୋଇ ରହିବେ ଏବଂ ପ୍ରତ୍ୟେକ ଦଳର ଦଳପତି ଯାହା ସଙ୍କେତ ଦେବେ ଯଥା- କଇଁଚି, ପଥର, ଏବଂ କାଗଜର ସଙ୍କେତ ଦେବେ । ଦଳର ସବୁ ସଭ୍ୟମାନେ ତାଳି ବା ସଙ୍କେତ ମିଳିବା କ୍ଷଣି ମୁହାଁ ମୁହିଁ ହୋଇ ସଙ୍କେତ ଦେଖାଇବେ ସେହି ସମୟରେ ଫେରି ଦେଖିବେ କେଉଁ ଦଳ କେଉଁ ସଙ୍କେତ ଦେଇଛି ଯିଏ ବଡ ଥିବ ସେହି ଦଳ ୧ ପଏଣ୍ଟ ପାଇବ ସେ ଜିତିବ ।

ଏହାପରେ ଅଂଶଗ୍ରହଣକାରୀଙ୍କୁ ସାଧନକର୍ମୀ ସୂଚନା ଦେବେ ଯେ ସେମାନେ ବାହାରକୁ ଯିବେ ଏବଂ ଭଲଭାବେ ବାହାରେ ନିରୀକ୍ଷଣ କରିବେ । ପରେ ତାଲିମ ପ୍ରକୋଷ୍ଠକୁ ଆସିବା ପରେ କ'ଣ ସବୁ ଦେଖିଲେ ନିଜ ଭାଷାରେ ଶବ୍ଦ ଓ ବାକ୍ୟରେ କହିବେ ।

**ପ୍ରଶ୍ନ ୨**

- ସିଧାସଳଖ ଯାହା ଦେଖିଲେ ତାହା କହିବାର ସୁଯୋଗ ଅଛି
- ସ୍ୱାଧୀନତା ଥିବା
- କୌଣସି ପ୍ରତିବନ୍ଧକ ନ ଥିଲା
- ନିଜ ଭାଷାରେ କହିବାର ସୁଯୋଗ ଥିଲା
- ଭିନ୍ନ ଭିନ୍ନ ଭାଷୀୟ ପିଲାମାନେ ଅନ୍ୟ ଭାଷା ସମ୍ପର୍କରେ ଜାଣିବେ

**ପ୍ରଶ୍ନ ୩**

- ଏହି ପ୍ରକାରର ଅଧିକ ଶବ୍ଦ ଓ ବାକ୍ୟ କହିବାକୁ ପ୍ରେରିତ କରିବେ ।
- ଘରୁ ଶୁଣିଥିବା ଗପ/ ଗୀତ କହିବାକୁ ସୁଯୋଗ ଦେବେ ।
- ନିଜ ଅଞ୍ଚଳର ପରିଚିତ ଲୋକଗପ, ଲୋକଗୀତ, ଢ଼ଗଢ଼ମାଳି, ଧନ୍ଦା ନାଆଁ ଦିଆ ଗୀତ ଇତ୍ୟାଦି କହିବାର ସୁଯୋଗ ଦେବେ ।

**ପ୍ରଶ୍ନ ୪**

- ବିଭିନ୍ନ ପତ୍ର ସଂଗ୍ରହ କରି କହିବା
- ଗାଁରେ ଥିବା ବିଭିନ୍ନ ଅନୁଷ୍ଠାନ
- ବିଭିନ୍ନ ବୃକ୍ଷ ସଂପର୍କରେ
- ଆସବାବପତ୍ର
- ହାଟ ବଜାର ଇତ୍ୟାଦି

## ଭାଷା ଶିକ୍ଷାରେ

## ଶୁଣିବା ଓ କହିବାର ପ୍ରତୀକ ଉପସ୍ଥାପନା

**ତୃତୀୟ ଦିବସ :** **ସମୟ :୨ ଘଣ୍ଟା**

**ପଞ୍ଚମ ଓ ଷଷ୍ଠ ଅଧିବେଶନ :**

**ପ୍ରତ୍ୟାଶିତ ଫଳାଫଳ :**

- ବହୁଭାଷୀ ଶ୍ରେଣୀରେ ଶୁଣିବା ଓ କହିବା ଦକ୍ଷତା ସମ୍ପର୍କିତ ଓ ପ୍ରତ୍ୟକ୍ଷାନୁଭୂତି ହାସଲ
- ଶୈକ୍ଷିକ ପ୍ରଗତି ହାସଲ
- ବହୁଭାଷୀ ଶ୍ରେଣୀରେ କହିବା ଓ ଶୁଣିବା କୌଶଳ ଓ ପ୍ରୟୋଗର ଧାରଣା
- ସ୍ୱର, ଧ୍ୱନି, (ସ୍ୱର, ବ୍ୟଞ୍ଜନ) ଓ ଶବ୍ଦର ସଠିକ୍ ଉପସ୍ଥାପନାର ଧାରଣା

| ପ୍ରକ୍ରିୟା | ଆଲୋଚ୍ୟ ବିଷୟ |
|---|---|
| ଦଳଗତ ଉପସ୍ଥାପନା<br><br>ସଂକ୍ଷେପଣ | ୧. ଶିକ୍ଷାଦାନ କିପରି ଲାଗିଲା ଓ କାହିଁକି ? |

# ସାଧନକର୍ମୀଙ୍କ ପାଇଁ ସୂଚନା

ସାଧନକର୍ମୀ ଅଂଶଗ୍ରହଣକାରୀଙ୍କୁ ଦଳ ଅନୁସାରେ କହିବା ଓ ଶୁଣିବା ସମ୍ପର୍କିତ ବହୁଭାଷୀୟ ଶିକ୍ଷାଦାନ ଲାଗି କହିବେ । ପରେ ଦଳରୁ ଜଣେ ଶିକ୍ଷାଦାନ ଦେବେ ।

ସାଧନକର୍ମୀ ଏଥିପୂର୍ବରୁ ପିଲାଙ୍କ ଉପଯୋଗୀ ଏକ ଗପ ଓ ଗୀତ ଉପସ୍ଥାପନ କରିବେ । ଆକର୍ଷଣୀୟ ଭାବେ ଗଳ୍ପ କଥନର ସମସ୍ତ ଧାରାକୁ ଅବଲମ୍ବନ କରିବେ ।

**ପ୍ରଶ୍ନ ୧.**

- ଆକର୍ଷଣୀୟ
- ପିଲାଙ୍କ ଭାଷା ଆଧାରିତ ଓ ଉପଯୋଗୀ
- ଠିକ୍ ଉପସ୍ଥାପନା
- ସରଳ ଶବ୍ଦ ବ୍ୟବହାର
- ଶ୍ରୁତି ମଧୁର

ବିଭିନ୍ନ ଦଳ ଗୋଟିଏ କୌଶଳ ଉପସ୍ଥାପନା କରିବେ ।

# ୪ର୍ଥ ଦିବସ

# ପ୍ରଥମ ଅଧିବେଶନ

# ପୁନରାଲୋଚନା

# ମାତୃଭାଷା ଭିତ୍ତିକ ବହୁଭାଷୀ ଶିକ୍ଷଣରେ ପଢ଼ିବା

**ଚତୁର୍ଥ ଦିବସ :** **ସମୟ : ୧ ଘଣ୍ଟା**

**ଦ୍ୱିତୀୟ ଅଧିବେଶନ :**

**ପ୍ରତ୍ୟାଶିତ ଫଳାଫଳ :**

- ଅଂଶଗ୍ରହଣକାରୀମାନେ ଅକ୍ଷର ଜ୍ଞାନର ପରିଚୟ ପ୍ରାକ୍ ପଠନର ଅଭ୍ୟାସ ସୃଷ୍ଟି କରିବା
- ବହୁଭାଷୀକ ସ୍ଥିତିରେ ସହାୟକ ଭାଷା ପ୍ରତି ଆଗ୍ରହ ବୃଦ୍ଧି କରିବା

| ପ୍ରକ୍ରିୟା<br>(ସକ୍ରିୟାତ୍ମକ କାର୍ଯ୍ୟ)<br>ପରବର୍ତ୍ତୀ ପୃଷ୍ଠାରେ ଦ୍ରଷ୍ଟବ୍ୟ- ଦଳଗଠନ | ଆଲୋଚ୍ୟ ବିଷୟ |
|---|---|
| ପ୍ରଶ୍ନ ୧ ଓ ୨ ଖୋଲା ଆଲୋଚନା<br>ପ୍ରଶ୍ନ ୩ ଓ ୪ ଦଳଗତ ଆଲୋଚନା<br>ପ୍ରଶ୍ନ ୫ : ଦଳଗତ ଉପସ୍ଥାପନା<br>ପ୍ରଶ୍ନ ୬ : ଖୋଲା ଆଲୋଚନା<br>(ସମସ୍ତ ପ୍ରକ୍ରିୟାର କ୍ରମ ପରବର୍ତ୍ତୀ ପୃଷ୍ଠାରେ- ପ୍ରଦତ୍ତ) | ୧. ଆପଣମାନେ ଚିତ୍ରକୁ ନେଇ କ'ଣ କରୁଥିଲେ ?<br>୨. ଚିତ୍ର ଗୁଡ଼ିକ ଆପଣଙ୍କୁ କିପରି ସହାୟତା କଲା ?<br>୩. ପ୍ରାକ୍- ପଠନ କ'ଣ ? (ସୂଚନା ଫର୍ଦ୍ଦ-୨)<br>୪. ପ୍ରାକ୍ -ପଠନ ମାଧ୍ୟମରେ ପଠନ ଦକ୍ଷତା କିଭଳି ଅଭିବୃଦ୍ଧି ଘଟେ ? (ସୂଚନା ଫର୍ଦ୍ଦ ୨ ଓ ୩)<br>୫. କହିବା ଓ ପଢ଼ିବା ଭିତରେ ପ୍ରଭେଦ କ'ଣ ?<br>୬. ବହୁଭାଷୀୟ ଶ୍ରେଣୀରେ ପଢ଼ାଇବାରେ ଶିକ୍ଷକଙ୍କର ଭୂମିକା କ'ଣ ? |

**ସୂଚନା:**

**ବି. ଦ୍ର:** ଆଲୋଚ୍ୟ ବିଷୟର ସମସ୍ତ ପ୍ରଶ୍ନର ସାମ୍ଭବ୍ୟ ଆଲୋଚନା ତଥ୍ୟ ପରବର୍ତ୍ତୀ ପୃଷ୍ଠାରେ ପ୍ରଦାନ କରାଯାଇଛି । ସମସ୍ତ ପ୍ରଶ୍ନକୁ ନେଇ ଆଲୋଚନା ଶେଷ ପରେ ପୃଷ୍ଠାରେ ଦିଆ ଯାଇଥିବା 'ବାଘ ଛେଳି' ଖେଳ ଓ କିଛି ଦିଆ ଯାଇଥିବା ଧାଡ଼ିକୁ ମାତୃଭାଷାରେ କହିବା ଲାଗି ସାଧନକର୍ମୀ ପ୍ରୋତ୍ସାହିତ କରିବେ । (ସୂଚନା ଫର୍ଦ୍ଦ-୪ ରେ ପ୍ରଦତ୍ତ)

# ସାଧନକର୍ମୀଙ୍କ ପାଇଁ ସୂଚନା

(ସାଧନକର୍ମୀ ପ୍ରତ୍ୟେକ ଦଳକୁ ପୂର୍ଣ୍ଣାଙ୍ଗ ଗପ ସମ୍ବଳିତ Flash Card ଦେବେ । ସେଥିରୁ ଗପ ସଂଗ୍ରହ ଲାଗି ଚେଷ୍ଟା କରିବେ । ଏଥି ପୂର୍ବରୁ ସେ ନିଜେ ଚିତ୍ର ଦେଖାଇ ଗପ ଉପସ୍ଥାପନା କରିବେ ।)

**ପ୍ରଶ୍ନ ୧ . ଚିତ୍ର ପଠନ**

(ସାଧନକର୍ମୀ ଚିତ୍ର ପଠନ ଉପରେ ବିସ୍ତୃତ ଆଲୋଚନା କରିବେ ଓ ହସଖେଳ ବହି ଗୁଡିକ ଛବିଳ ହୋଇଥାଏ କାହିଁକି ବୁଝାଇବେ ।)

**ପ୍ରଶ୍ନ ୨ .**

- ଚିତ୍ର ମାଧ୍ୟମରେ ଲିପି ଶିକ୍ଷଣ
- ବିନା ଚିତ୍ରରେ ଲିପିର ଉପସ୍ଥାପନ
- ଚିତ୍ର ଓ ଧ୍ୱନୀ ସହ ସଂଯୋଗୀକରଣ
- ସର୍ଜନାଶକ୍ତିର ପରିପ୍ରକାଶ

**ପ୍ରଶ୍ନ ୩ ଓ ୪** (ସୂଚନା ଫର୍ଦ୍ଦ ୨-୩-୪ ଦ୍ରଷ୍ଟବ୍ୟ)

**ପ୍ରଶ୍ନ ୫ . କହିବା**

- କହିବା ପାଇଁ ପ୍ରତିବନ୍ଧକ ନ ଥାଏ
- ବ୍ୟାକରଣଗତ ସମସ୍ୟା ନଥାଏ
- କହିବାରେ ଭାବର ସ୍ୱତଃସ୍ଫୁର୍ତ୍ତ ଭାବେ ଉପସ୍ଥାପନା
- ଭୟ ନ ଥାଏ
- ଉଚ୍ଚାରଣଗତ ଶୁଦ୍ଧତାର ଅବଶ୍ୟକତା ନ ଥାଏ

**ପଢ଼ିବା**

- ପଢ଼ିବା ପାଇଁ ଆଧାରର ଆବଶ୍ୟକ(ଲିପି/ ଚିତ୍ର)
- ଉପସ୍ଥାପନର ଶୈଳୀ ଓ ନିୟମ ଥାଏ
- ସଙ୍କେତ ପରିଚୟର ଆବଶ୍ୟକତା ଥାଏ
- ଉଚ୍ଚାରଣଗତ ଶୁଦ୍ଧତାର ଆବଶ୍ୟକତା ଥାଏ
- ପଢ଼ିବାରେ ଗୋଟେ କ୍ରମ ଥାଏ

**ପ୍ରଶ୍ନ ୬ .**

- ପିଲାଙ୍କ ଆଗ୍ରହ ଅନୁଯାୟୀ ସହଯୋଗ
- ସରଳରୁ ଜଟିଳକୁ ନେବାଲାଗି ସହାୟତା

❖ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର ଓ ବାରମ୍ବାର ସୁଯୋଗ ଦେବା

❖ ତ୍ରୁଟି ଧରିବା ଅପେକ୍ଷା ସୁଧାରିବାକୁ ଚେଷ୍ଟା କରିବା

❖ **ଶିକ୍ଷକଙ୍କ ପାଇଁ ଦୁଇପଦ-**

❖ ଶିକ୍ଷକଙ୍କ କଥା ଶୁଣି ପିଲା ଭାଷା ଜାଣିପାରିଲା । ଛବିଗୁଡ଼ିକ ଦେଖି ଅକ୍ଷର ଜାଣିବା ପାଇଁ ଆଗ୍ରହ ପ୍ରକାଶ କରି ପାରିଲା । ଏହା ଦେଖି ପିଲାର ମନରେ ଚିନ୍ତା ଶକ୍ତି ବୃଦ୍ଧି ପାଇବ ଓ ଚିନ୍ତା କରିବ ଯେ ସେ ଯଦି ଅକ୍ଷର ଜାଣିଥାଆନ୍ତା ତା ହେଲେ ଆହୁରି ଜାଣିବାକୁ ଚେଷ୍ଟା କରିଥାଆନ୍ତା । ଅକ୍ଷର ଶିଖିବାକୁ ମଧ୍ୟ ଆଗ୍ରହ ପ୍ରକାଶ କରିଥାଆନ୍ତା ।

❖ ପିଲାଙ୍କୁ ପଚରା ଯାଇଥିବା ପ୍ରଶ୍ନ ସଂକ୍ଷିପ୍ତ ଓ ସହଜ ହେବା ଆବଶ୍ୟକ ।

❖ ପ୍ରଶ୍ନ ଗୁଡ଼ିକୁ ବିଭିନ୍ନ ଭାଷାରେ ପଚରା ଯାଇପାରେ ।

❖ (କାହାଣୀ ପେଡ଼ି, ଅକ୍ଷର ଚାର୍ଟ ଇତ୍ୟାଦି ସୂଚନା ପୁସ୍ତିକା ଦ୍ରଷ୍ଟବ୍ୟ)

# ସୂଚନା ଫର୍ଦ୍ଦ -୨ (ପ୍ରଶ୍ନ ୩ ଓ ୪ ପାଇଁ)

❖ **ଭାଷାବିତ୍‌ମାନେ କହନ୍ତି**

❖ "ଏକ ଚାରି ବର୍ଷର ଶିଶୁ ଜଣେ ଅଭିଜ୍ଞ ଭାଷାବିତ" କହିବାର ଉଦ୍ଦେଶ୍ୟ ହେଲା – ଜଣେ ବ୍ୟକ୍ତି ତାର ଜୀବନକାଳ ମଧ୍ୟରେ ଭାଷା ଉପରେ ଯେତିକି ଦକ୍ଷତା ହାସଲ କରିଥାଏ; ତାର ଅର୍ଦ୍ଧାଧିକ ଜନ୍ମରୁ ଚାରି ବର୍ଷ ଭିତରେ ଶିଖିଥାଏ । ତେଣୁ ସେ ଅଭିଜ୍ଞ । ପ୍ରଥମ ବର୍ଷରୁ ଚାରି ବର୍ଷ ସେ ଅଧିକାଂଶ ଶୁଣେ । ଏହି ଶୁଣିବା ପ୍ରକ୍ରିୟାକୁ ତାର ମସ୍ତିଷ୍କ ଭିତରେ ସାଇତି ରଖି କହିବା ଆଡକୁ କ୍ରମେ କ୍ରମେ ଅଗ୍ରସର ହୁଏ । ପ୍ରଥମେ ଦରୋଟି ଭାଷାରୁ ଆରମ୍ଭ କରି କ୍ରମଶଃ ସଂକ୍ଷିପ୍ତ ବାକ୍ୟ ଓ ପୂର୍ଣ୍ଣ ବାକ୍ୟରେ ତାର ଅଭିବ୍ୟକ୍ତିକୁ ପରିପ୍ରକାଶ କରିଥାଏ । ଏହି ସବୁ ଆହରଣ କରିବାର ପ୍ରକ୍ରିୟା ସେ ତା ପରିବାର ଠାରୁ, ସାଙ୍ଗ ମେଳରୁ, ପରିବେଶରୁ ଓ ଅନ୍ୟାନ୍ୟ ସୂତ୍ରରୁ ଜାଣିଥାଏ ଏବଂ ଏ ସବୁ ଅବଚେତନ ଭାବରେ ଘଟେ, ଯାହା ପ୍ରାକୃତିକ । କୌଣସି ଆନୁଷ୍ଠାନିକତା ନ ଥାଏ । ପିଲାଟି ତା ସମବୟସ୍କ ଅନ୍ୟ ଭାଷାଭାଷୀ ପିଲାଟିଏ ସଂସ୍ପର୍ଶରେ ଆସେ ତେବେ ମଧ୍ୟ ତା ଭାଷା ଆୟତ୍ତ କରିବା ଓ ପ୍ରକାଶ କରିବା ତା ପାଇଁ କଷ୍ଟସାଧ୍ୟ ହୋଇନଥାଏ । ପିଲାଟି ଏଠି ମୁକ୍ତ ଓ ସ୍ୱାଧୀନ । ତାର ଆହରଣ ପ୍ରକ୍ରିୟାରେ କୌଣସି ଆକଟ ନ ଥାଏ ।

❖ ପିଲାର ଏହି ଆହରଣ ପ୍ରକ୍ରିୟା ଶ୍ରେଣୀ କୋଠରୀ ଭିତରେ ବିପରୀତ ହୋଇଯାଏ । ଆହରଣ ରୂପାନ୍ତରିତ ହୁଏ ଶିକ୍ଷଣ ପ୍ରକ୍ରିୟାରେ । ଫଳତଃ, ସେ ଯାହା ସ୍ୱତଃସ୍ଫୁର୍ତ୍ତ ଭାବେ ଶିଖି ଆସୁଥିଲା, ତାହା ଏଠି ସମ୍ଭବପର ହୁଏ ନାହିଁ । ସେହି ସ୍ୱତଃପ୍ରବୃତ୍ତ ପ୍ରକ୍ରିୟାକୁ ଯଦି କିଛି ସମୟ ସ୍କୁଲ କୋଠରୀରେ ଚାଲୁ ରଖାଯାଏ ଏବଂ ତା ଅବଚେତନ ଅବସ୍ଥାରେ ଶିକ୍ଷଣ କାର୍ଯ୍ୟକୁ ଆଗେଇ ନିଆଯାଏ ତେବେ ଆହରଣ ଓ ଶିକ୍ଷଣରୁ ସେ ସୁଫଳ ପାଇବାର ସମ୍ଭାବନା ବଢ଼େ । ଏହି କୌଶଳ ଖେଳ ମାଧ୍ୟମରେ, ଗଳ୍ପକଥନ ମାଧ୍ୟମରେ, ଗୀତ ମାଧ୍ୟମରେ ବା ଅଣଆନୁଷ୍ଠାନିକ କଥୋପକଥନ ଦ୍ୱାରା ଶୁଣିବା ଓ କହିବା ଦକ୍ଷତାକୁ ଭିତ୍ତି କରି ଶିକ୍ଷଣ ପ୍ରକ୍ରିୟାକୁ ଜାରି ରଖିଲେ ସଫଳ ହେବାର ସମ୍ଭାବନା ଅଧିକ ହୋଇପାରେ । ଶିକ୍ଷଣ ପ୍ରକ୍ରିୟାରେ ସ୍ୱତଃପ୍ରବୃତ୍ତ ଭାବରେ ଏହି ଖେଳକୁ ଉପସ୍ଥାପିତ କରି ଦର୍ଶାଇ ଦିଆ ଯାଇପାରେ ।

**ଛବି ଓ ତାର ବିଭିନ୍ନ ଭାଷାରେ ପ୍ରତିଶବ୍ଦ ପୂରଣ କରିବେ ।**

**ଛବି** **ଆଦିବାସୀ ଭାଷା**

ମାଛ

କାଉ

ବିରାଡି

ସାପ

ବେଙ୍ଗ

| ଶବ୍ଦ | ଆଦିବାସୀ ଭାଷା | ଯୁଗ୍ମ ଶବ୍ଦ/ ପଦ | ଆଦିବାସୀ ଭାଷା | ବାକ୍ୟ | ଆଦିବାସୀ ଭାଷା |
|---|---|---|---|---|---|
| ମାଛ | | ମାଛର ଲାଞ୍ଜ | | ମାଛ ପାଣିରେ ରହେ | |
| କାଉ | | କାଉର ଡେଣା | | କାଉର ରଙ୍ଗ କଳା | |
| ବିରାଡି | | ବିରାଡିର ଆଖି | | ବିରାଡି ମାଛ ଖାଏ । | |
| ବେଙ୍ଗ | | ବେଙ୍ଗର ରଡି | | ବେଙ୍ଗ ଡେଇଁ ଡେଇଁ ଯାଏ । | |
| ସାପ | | ସାପର ମୁଣ୍ଡ | | ସାପ ଗାତରେ ରହେ । | |
| ଗଛ | | ଗଛର ଡାଳ | | ଗଛରେ ପାଣି ଦିଅ । | |

**ସୂଚନା ଫର୍ଦ୍ଦ – ୩** **(ପ୍ରଶ୍ନ ୪ ପାଇଁ)**

ମାତୃଭାଷା ପର୍ଯ୍ୟବସିତ ବହୁଭାଷୀ ଶିକ୍ଷଣ–

ପିଲା ନିଜ ମାତୃଭାଷାରେ ନିଜ ପୃଥିବୀକୁ ଦେଖେ ଓ ବୁଝେ ।

ନିଜ ଭାଷାରେ ନିଜକୁ ପ୍ରକାଶିତ କରେ ।

ବସ୍ତୁ ଓ ଶବ୍ଦର ସମ୍ପର୍କ ନିଜ ଭାଷାରେ ପଢ଼ିଥାଏ ।

ଅଭିଜ୍ଞତା ବଢ଼ାଇବାରେ ନିଜ ଭାଷା ତା ପାଇଁ ବରିଷ୍ଠ ମାଧ୍ୟମ ହୋଇଥାଏ ।

ମାତୃଭାଷାରେ ଶିକ୍ଷଣ କାର୍ଯ୍ୟ ସ୍ଥାନୀୟ ଭାଷା, ସଂସ୍କୃତି ଓ ପରିବେଶକୁ ନେଇ କ୍ରମଶଃ ଦ୍ୱିତୀୟ ଓ ତୃତୀୟ ଭାଷାକୁ ସଂଯୋଗ କରିପାରେ । ଶିଶୁମାନଙ୍କର ଜ୍ଞାନ ଓ ଦକ୍ଷତା ମାତୃଭାଷାରୁ ବିଦ୍ୟାଳୟ ଭାଷାକୁ ରୂପାନ୍ତରିତ ହୁଏ ।

ପିଲାଏ ନିଜ ଭାଷାରେ ଭାବିବେ, କହିବେ ଓ ପଢ଼ିବେ ।

ତାପରେ ଅନ୍ୟ ଭାଷା ଶିଖିବା ସହଜ ହେବ ।

ଶିଶୁମାନେ ବିଦ୍ୟାଳୟକୁ ଦୈନନ୍ଦିନ ଆସିବେ ଏବଂ ସେଠାରେ ଶିଶୁ ସୁଲଭ ବାତାବରଣ ମଧ୍ୟରେ ଶିଖିବେ ।

ଅଭିଭାବକ ଓ ଗୋଷ୍ଠୀ ସକ୍ରିୟଭାବେ ସଂପୃକ୍ତ ହେବେ ।

ସାଧନକର୍ମୀ ନିମ୍ନ ଲିଖିତ କାର୍ଯ୍ୟ ସହାୟତାରେ ପ୍ରଶିକ୍ଷାର୍ଥୀମାନେ ନିଜ ମାତୃଭାଷାରେ ସେ ସବୁ କରିବେ । ଏହା ଏକ ଉଦାହରଣ । ଏହା ବ୍ୟତୀତ ସାଧନକର୍ମୀ ବିଭିନ୍ନ ଭାଷାରେ ଏଭଳି ଅଧିକ କାର୍ଯ୍ୟ କରିପାରିବେ ।

## ସୂଚନା ଫର୍ଦ୍ଦ – ୪

- ❖ ଖେଳ ମାଧ୍ୟମରେ ପିଲାମାନଙ୍କ ଶିକ୍ଷାଦାନ ପ୍ରଣାଳୀ ସହଜ ହୁଏ ।
- ❖ ହସି ଖେଳି ପାଠ ପଢ଼ିଲେ ପିଲାଙ୍କର ଆଗ୍ରହ ବଢ଼େ ।
- ❖ ପ୍ରଶିକ୍ଷକ ବିଭିନ୍ନ ପ୍ରକାର ଖେଳ (ଯାହାକୁ ପିଲାମାନଙ୍କ ମଧରେ ଖେଳା ଯାଇପାରିବ) ଆଗରୁ ପ୍ରସ୍ତୁତ କରିଥିବେ ।
- ❖ ପ୍ରଥମେ ଖେଳ ସମ୍ପର୍କରେ କହିବେ ।
- ❖ ଖେଳ ମଧରେ ଅନୁସୃତ ହେବାକୁ ଥିବା ନିୟମ ବିଷୟରେ ସୂଚନା ଦେବେ ।
- ❖ ନିଜେ ପ୍ରଶିକ୍ଷକ ରେଫ୍‌ରି ଭୂମିକାରେ ରହି ଅନୁଧାନ କରିବେ ।
- ❖ କୌଣସି ସ୍ଥାନରେ ଭୁଲ ହେଲେ ତାକୁ ସଂଶୋଧନ କରିବେ ।

## 'ବାଘ ଛେଳି ଖେଳ'

ଆଦିଭାଷୀ ଭାଷାରେ ଅନୁବାଦ ହେବ ଶିକ୍ଷକ ନିଜସ୍ୱ ସଂସ୍କୃତିର ଖେଳ ସଂଗ୍ରହ କରି ଉପସ୍ଥାପିତ କରିପାରିବେ ।

ଆସ ଗୋଟେ ଖେଳ ଖେଳିବା ।

ଖେଳର ନାଁ 'ବାଘ ଛେଳି' ଖେଳ । ସମସ୍ତେ ଗୋଲରେ ଛିଡ଼ା ହୁଅ (ପ୍ରଶିକ୍ଷକ ନିଜେ ପ୍ରଶିକ୍ଷାର୍ଥୀକୁ ଠିଆ କରାଇ ଦେବେ ) ।

ଦୁଇଜଣ ବାହାରକୁ ଆସିବେ ।

ଜଣେ ବାଘ ହେବ, ଆଉ ଜଣେ ଛେଳି ହେବ ।

ଅନ୍ୟ ସମସ୍ତେ ପରସ୍ପର ହାତକୁ ଜୋର୍‌ରେ ଭିଡ଼ି ଧରି ଛିଡା ହେବେ ।

ଜଣକର ବାମ ହାତକୁ ଅନ୍ୟ ଜଣକର ଡାହାଣ ହାତ ପାପୁଲିରେ ଧରିଥିବେ ।

ଛେଳି ଗୋଲ ଭିତରେ ରହିବ, ବାଘ ଗୋଲ ବାହାରେ ରହିବ ।

ବାଘ ଛେଳିକୁ ଖାଇବା ପାଇଁ ଗୋଲ ଭିତରକୁ ଯିବାକୁ ଚେଷ୍ଟା କରିବ ।

ହାତ ଧରା ଧରି ହୋଇଥିବା ବଳୟକୁ ବାଘ ଯେମିତି ଡେଇଁ କରି ଯାଇ ନ ପାରେ ।

ପ୍ରଶିକ୍ଷକଙ୍କ ନିର୍ଦ୍ଦେଶରେ ଖେଳର ଆରମ୍ଭ ଓ ଶେଷ ହେବ ପ୍ରଶିକ୍ଷାର୍ଥୀ ଦୁଇ ଦଳରେ ବିଭକ୍ତ ହେବେ ।

- ❖ ପୂର୍ବରୁ ଶିଖିଥିବା ଶବ୍ଦାବଳୀକୁ ନେଇ ଅନ୍ତାକ୍ଷରୀ ଖେଳ ଖେଳିବେ ।
- ❖ ପ୍ରଥମ ଦଳ ଗୋଟିଏ ଆଦିବାସୀ ଶବ୍ଦ କହିବ ।
- ❖ ତା'ର ଶେଷ ଅକ୍ଷରକୁ ନେଇ ଦ୍ୱିତୀୟ ଦଳ ଶବ୍ଦ ଗଢ଼ିବେ ।
- ❖ ଏହି ଖେଳ ଦ୍ୱାରା ସ୍ମରଣ ଶକ୍ତି ବୃଦ୍ଧି ହେବା ସଙ୍ଗେ ସଙ୍ଗେ ନୂଆ ନୂଆ ଶବ୍ଦ ବିଷୟରେ ଅବଗତ ହୋଇ ପାରିବେ ।
- ❖ ଶବ୍ଦକୁ ନେଇ ଅନ୍ତାକ୍ଷରୀ ଖେଳି ସାରିଲା ପରେ ଆଦିବାସୀ ଭାଷାରେ ଗୀତକୁ ନେଇ ମଧଅନ୍ତାକ୍ଷରୀ ଖେଳିବେ ।
- ❖ ସରଳ ବାକ୍ୟ କର୍ତ୍ତା ଓ କ୍ରିୟାକୁ ନେଇ ଗଠିତ ହେବ ।
- ❖ ଭାବ ପ୍ରକାଶର ନ୍ୟୁନତମ ମାଧ୍ୟମ ବାକ୍ୟ ହୋଇଥିବାରୁ ନିତିଦିନିଆ ସରଳ ବ୍ୟାବହାରିକ ବାକ୍ୟ ସବୁ ସଂଗ୍ରହ କରିବେ ।
- ❖ ଗୋଟିଏ ବାକ୍ୟ ପରେ ଅନ୍ୟ ଗୋଟିଏ ବାକ୍ୟ କହିବେ ଓ ଅଭ୍ୟାସ କରିବେ ।
- ❖ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ଦୁଇ ଜଣିଆ ଦଳରେ ବିଭକ୍ତ କରିବେ ।
- ❖ ଗୋଟିଏ ଦଳ ପ୍ରଶ୍ନ କରିବ, ଅନ୍ୟ ଦଳଟି ଉତ୍ତର କରିବ । ପ୍ରଶିକ୍ଷକ ଆବଶ୍ୟକ ସ୍ଥଳେ ଆଦିବାସୀ ଭାଷାର ସଂଶୋଧନ କରିବେ ।
- ❖ ବାକ୍ୟ କହିଲା ବେଳେ ଉଚ୍ଚାରଣ ଉପରେ ଦୃଷ୍ଟି ଦେବା ନିହାତି ଆବଶ୍ୟକ ।

**ଉଦାହରଣ :**

| ଓଡ଼ିଆ | ଆଦିବାସୀ ଭାଷା |
|---|---|
| ମୁଁ ଯାଇଥିଲି । | |
| ସେ ଖାଇବ । | |
| ତୁମେ ମାନେ ଶୋଇବା ପାଇଁ ଯାଉଛ । | |
| ଗାଇ ଟି ଘାସ ଖାଉଛି । | |
| ଘୁଷୁରୀ ପାଣି ପିଉଛି । | |
| ତୁମେ କେଉଁଠାରୁ ଆସିଲ ? | |
| ଆଜି ବର୍ଷା ହେଉଛି, କେମିତି ଯିବା ? | |
| ବାପା ହଳ କରୁଛନ୍ତି । | |
| ଜେଜେ ମା' ଫସଲ ଜଗିଛି । | |
| ବନମାଳୀ ହାଣ୍ଡି ଧରି ହାଟକୁ ଗଲା । | |
| ପୂଜାରୀ ବୁଢ଼ା ଫୁଲ ତୋଳୁଥିଲା । | |

# ମାତୃଭାଷା ଭିତ୍ତିକ ବହୁଭାଷୀ ଶିକ୍ଷଣରେ ପଢ଼ିବା କୌଶଳ ନିର୍ଦ୍ଧାରଣ

**ଚତୁର୍ଥ ଦିବସ :** **ସମୟ : ୧ ଘଣ୍ଟା**

**ତୃତୀୟ ଅଧିବେଶନ:**

**ପ୍ରତ୍ୟାଶିତ ଫଳାଫଳ:**

**ଅଂଶଗ୍ରହଣକାରୀମାନେ**

- ବହୁଭାଷୀ ଶିକ୍ଷଣରେ ଭାଷାର ଆହରଣ ଓ ଶିକ୍ଷଣ ବିଷୟରେ ଅବଗତ ହେବେ ।
- ବହୁଭାଷୀ ଶିକ୍ଷଣ ପରିପ୍ରେକ୍ଷୀରେ ମାତୃଭାଷାର ଗୁରୁତ୍ୱ ଉପଲବ୍ଧି କରିବେ ।

| ପ୍ରକ୍ରିୟା | ଆଲୋଚ୍ୟ ବିଷୟ |
|---|---|
| ଶିକ୍ଷଣ କାର୍ଯ୍ୟ- "Experiencing Books"ଛବିରୁ ଶିକ୍ଷା (ଆମ ଗାଁ ସକାଳ) ସାଧନକର୍ମୀ ପାଇଁ ସୂଚନା ଦେଖନ୍ତୁ ।<br>ପ୍ରଶ୍ନ ୧ରୁ ୩ ପାଇଁ ଖୋଲା ଆଲୋଚନା<br>ପ୍ରଶ୍ନ ୪ (Pre-reading discussion)<br>ପ୍ରଶ୍ନ ୪ ପାଇଁ ଖୋଲା ଆଲୋଚନା | ୧. ଏହି କାର୍ଯ୍ୟଟି ଆପଣଙ୍କୁ କିପରି ଲାଗିଲା ?<br>୨. ବହୁଭାଷୀ ଶିକ୍ଷଣରେ ଏହି କାର୍ଯ୍ୟଟି ପିଲାଙ୍କ ପାଇଁ କରାଯାଇପାରିବ କି ?<br>୩. ପ୍ରାଥମିକ ଶ୍ରେଣୀର ଶିକ୍ଷାର୍ଥୀଙ୍କ ପାଇଁ ପିଲାର ମାତୃଭାଷା ବ୍ୟବହାରର ଗୁରୁତ୍ୱ କିପରି ରହିଛି ?<br>୪. ବହୁଭାଷୀ ପରିପ୍ରେକ୍ଷୀରେ ମାତୃଭାଷାର ଗୁରୁତ୍ୱ ରହିଛି କି ? |

**ସୂଚନା :** ଆଲୋଚ୍ୟ ବିଷୟର ସମସ୍ତ ପ୍ରଶ୍ନର ସମ୍ଭାବ୍ୟ ଆଲୋଚନା ତଥ୍ୟ ପରବର୍ତ୍ତୀ ପୃଷ୍ଠା – ରେ ସୂଚନା ପ୍ରଦାନ କରାଯାଇଛି । ସମସ୍ତ ପ୍ରଶ୍ନର ଆଲୋଚନା ପରେ ସାଧନକର୍ମୀ ବିଭିନ୍ନ 'ବୃତ୍ତି' ସଂପର୍କିତ ଅଭିନୟ କରିବେ ଏବଂ ସେହି 'ବୃତ୍ତି' ଓ ବୃତ୍ତି ସଂପର୍କିତ ପ୍ରଶ୍ନ ଗୁଡିକର ଉତ୍ତର ପ୍ରଶିକ୍ଷାର୍ଥୀ ମାନେ ନିଜସ୍ୱ ମାତୃଭାଷାରେ ପ୍ରଦାନ କରିବାକୁ ପ୍ରୋତ୍ସାହିତ କରିବେ । (ସୂଚନା ଫର୍ଦ୍ଦ ୨ ରେ ପ୍ରଦତ୍ତ)

**ଛବି ଓ ତା'ର ଭାଷା (ପ୍ରଶ୍ନ: ୧,୨ ଓ ୩ ପାଇଁ)**

ହସଖୁସିରେ ପ୍ରଥମ ପାଠ "ଗାଁ ର ସକାଳ" ଚିତ୍ରରୁ ବିଭିନ୍ନ ଶବ୍ଦ ତାଲିକା ନିଜ ମାତୃଭାଷାରେ ପ୍ରସ୍ତୁତି କରାଇବେ ।

## ସୂଚନା ଫର୍ଦ୍ଦ – ୧ (ପ୍ରଶ୍ନ: ୪ ପାଇଁ)

**ମାତୃଭାଷା ପର୍ଯ୍ୟବେଶିତ ବହୁଭାଷୀ ଶିକ୍ଷଣ**

❖ ପିଲା ନିଜ ମାତୃଭାଷାରେ ନିଜ ପୃଥିବୀକୁ ଦେଖେ ଓ ବୁଝେ ।

❖ ନିଜ ଭାଷଣରେ ନିଜକୁ ପ୍ରକାଶିତ କରେ ।

❖ ବସ୍ତୁ ଓ ଶବ୍ଦର ସମ୍ପର୍କ ନିଜ ଭାଷାରେ ଗଢ଼ିଥାଏ ।

❖ ଅଭିଜ୍ଞତା ବଢ଼ାଇବାରେ ନିଜ ଭାଷା ତା ପାଇଁ ବରିଷ୍ଠ ମାଧ୍ୟମ ହୋଇଥାଏ ।

❖ ମାତୃଭାଷାରେ ଶିକ୍ଷଣ କାର୍ଯ୍ୟ ସ୍ଥାନୀୟ ଭାଷା, ସଂସ୍କୃତି ଓ ପରିବେଶକୁ ନେଇ କ୍ରମଶଃ ଦ୍ୱିତୀୟ ଓ ତୃତୀୟ ଭାଷାକୁ ସଂଯୋଗ କରିପାରେ ।

❖ ଶିଶୁମାନଙ୍କର  ଜ୍ଞାନ ଓ ଦକ୍ଷତା ମାତୃଭାଷାରୁ ବିଦ୍ୟାଳୟ ଭାଷାକୁ ରୂପାନ୍ତରିତ ହୁଏ ।

❖ ପିଲାଏ ନିଜ ଭାଷାରେ ଭାବିବେ, କହିବେ, ପଢ଼ିବେ ତା ପରେ ଅନ୍ୟ ଭାଷା ଶିଖିବା ସହଜ ହେବ ।

❖ ଶିଶୁମାନେ ବିଦ୍ୟାଳୟକୁ ଦୈନନ୍ଦିନ ଆସିବେ ଏବଂ ସେଠାରେ ଶିଶୁ ସୁଲଭ ବାତାବରରଣ ଧରେ ଶିଖିବେ ।

❖ ଅବିଭାବକ ଓ ଗୋଷ୍ଠୀ ସକ୍ରିୟଭାବେ ସଂପୃକ୍ତ ହେବେ ।

## ଭାଷା ଶିଖିବାର ବିଭିନ୍ନ ସ୍ତର

### ପ୍ରଶ୍ନ ୪ ପାଇଁ ସୂଚନା ଫର୍ଦ୍ଦ

| | ମନେ ପକାଇବା | ବୁଝିବା | ବ୍ୟବହାର କରିବା | ବିଶ୍ଳେଷଣ କରିବା | ପରୀକ୍ଷା କରିବା | ନୂଆଜ୍ଞାନ ପାଇବା |
| --- | --- | --- | --- | --- | --- | --- |
| କେତେ ପ୍ରକାର ଚିନ୍ତା କରାଯାଏ | ପ୍ରକୃତ ତଥ୍ୟ ମନେ ପକାଇବା | ବାସ୍ତବ ବିଷୟକୁ ବୁଝିବା | ପ୍ରକୃତ ତଥ୍ୟର ବ୍ୟବହାର କରିବ | ପାଠରେ ଥିବା ଆଦର୍ଶ ଉଦାହରଣ ବାହାର କରିବା | ବିଷୟ ବସ୍ତୁରେ ଥିବା ତଥ୍ୟ ଗୁଡ଼ିକୁ ତୁଳନା ଓ ଆଲୋଚନା କରିବା | ଶିଖିଥିବା ବିଷୟକୁ ନୂଆ ଜ୍ଞାନ ହାସଲ କରିବା |
| ଲେଖା ପଢ଼ା କାମରେ ତାର ବ୍ୟବହାର | ତାଲିକା କରିବା, କହିବା, ଚିହ୍ନାଇବା, ଦେଖାଇବା, ପରୀକ୍ଷା କରିବା, ନାକ କହିବା | ଗୁଢ଼ ଅର୍ଥ ଜାଣିବା, ବୁଝିବା, ସାରକଥା ଜାଣିବା, ଅନୁମାନ ସତ୍ୟ କି ନୁହଁ ଜାଣିବା, ଆଲୋଚନା କରିବା ଗୋଟିଏ ବିଷୟକୁ ଚିନ୍ତା କରି ବଢ଼ାଇବା, | ସମସ୍ୟାର ସମାଧାନ, ଅଧା ଥିଲେ ପୂରା କରିବା, ଉଦାହରଣ ଦେବା, ପ୍ରଦର୍ଶନ କରିବା, ଆଂଶିକ ପରିବର୍ତ୍ତନ କରିବା, ସମ୍ପର୍କ ସ୍ଥାପନ କରିବା, ବିଭାଗୀକରଣ କରିବା । | ତୁଳନା କରିବା, ବିଭିନ୍ନତା ଦେଖାଇବା, ବିଭିନ୍ନ ପାର୍ଟନ ଚିହ୍ନିବା, ପୁଣିଥରେ ସଜାଡ଼ିବା, ଯୋଡ଼ିବା, ବିଭାଗୀକରଣ କରିବା ସଜାଇବା | ଭୁଲ, ଠିକ୍, ଭଲ, ମନ୍ଦ ସ୍ଥିର କରିବା, ମାର୍କ ବା ଗ୍ରେଡ ଦେବା, ମାପିବା, ସପକ୍ଷରେ ମତ ଦେବା, ଅନ୍ୟକୁ ବୁଝାଇ ସମ୍ମତ କରାଇବା, ବାଛିବା, ଭୁଲକୁ ଠିକ୍ କରିବା ପାଇଁ ସାହାଯ୍ୟ କରିବା | ପଦ୍ୟ/ଗଦ୍ୟ ଲେଖିବା, ରୂପ ଆଙ୍କିବା, ଉପାୟ କରିବା, ଯୋଜନା କରିବା, ଏକତ୍ରିତ କରିବା ବିକଳ୍ପ ବ୍ୟବସ୍ଥା କରିବା, ଉଦ୍ଭାବନ କରିବା, ସୂତ୍ରରେ ପରିଣତ କରିବା, ବିଶେଷ ଘଟଣା ମାନଙ୍କରେ ସାଧାରଣ ତତ୍ତ୍ୱ ପ୍ରତିପାଦନ କରିବା, ସିଦ୍ଧାନ୍ତ କରିବା |

## ସାଧନକର୍ମୀଙ୍କ ପାଇଁ ସୂଚନା:

## (ସୂଚନା ଫର୍ଦ୍ଦ – ୨)

ସାଧନକର୍ମୀ ବିଭିନ୍ନ ବୃତ୍ତି ସଂପର୍କରେ ଅଭିନୟ କରିବେ ଏବଂ ତତ୍ ସଂପର୍କରେ ପ୍ରଶ୍ନ ପଚାରିବେ । ଉତ୍ତର ନିଜସ୍ୱ ଭାଷାରେ (ମାତୃଭାଷାରେ) କରିବେ ।

- ❖ ଏ ବୃତ୍ତିର ନାମ କ'ଣ ?
- ❖ କ'ଣ କରୁଛନ୍ତି ?
- ❖ କି କି ସାମଗ୍ରୀ ବ୍ୟବହାର କରନ୍ତି ?

ଇତ୍ୟାଦି ପ୍ରଶ୍ନ ପଚାରିବେ ଏବଂ ସେସବୁ କଳାପଟାରେ ଲେଖିବେ ।

# ଅଭିନୟ ମାଧ୍ୟମରେ ଭାଷା ଶିକ୍ଷାର ବିଭିନ୍ନ କୌଶଳ ଓ ଚିତ୍ର ପଠନ

**ଚତୁର୍ଥ ଦିବସ :** **ସମୟ: ୧ ଘ.**

**୪ର୍ଥ ଅଧିବେଶନ :**

**ପ୍ରତ୍ୟାଶିତ ଫଳାଫଳ :**

**ଅଂଶଗ୍ରହଣକାରୀମାନେ-**

❖ କହିବା ଓ ପଠନ ଦକ୍ଷତାର ସମୃଦ୍ଧିକରଣ

❖ ଶବ୍ଦ ପଠନର ବିଭିନ୍ନ କୌଶଳ ଜାଣିବେ ।

| ପ୍ରକ୍ରିୟା<br>(ସକ୍ରିୟାତ୍ମକ କାର୍ଯ୍ୟ- ପରବର୍ତ୍ତୀ ପୃଷ୍ଠାରେ ପ୍ରଦତ୍ତ)-<br>ଦଳଗଠନ | ଆଲୋଚ୍ୟ ବିଷୟ |
|---|---|
| ପ୍ରଶ୍ନ ୧ ଖୋଲା ଆଲୋଚନା<br>ପ୍ରଶ୍ନ ୨ ଓ ୩ ଦଳଗତ ଉପସ୍ଥାପନା<br>ପ୍ରଶ୍ନ ୪ (ପର ପୃଷ୍ଠାରେ ପ୍ରଦତ୍ତ ସକ୍ରିୟାତ୍ମକ କାର୍ଯ୍ୟକୁ ଦେଖିବେ)<br>ପ୍ରଶ୍ନ ୫ ଦଳଗତ ଉପସ୍ଥାପନ ।<br>(ପ୍ରକ୍ରିୟାର ସମସ୍ତ କ୍ରମ ପରବର୍ତ୍ତୀ ପୃଷ୍ଠାରେ ପ୍ରଦତ୍ତ ।) | ୧. ଏଭଳି ଅଭିନୟ (ସକ୍ରିୟାତ୍ମକ କାର୍ଯ୍ୟ) ବହୁଭାଷୀ ଶ୍ରେଣୀ ପରିସ୍ଥିତିରେ କିଭଳି ସହାୟକ ହୋଇଥାଏ ?<br>୨. କେଉଁ କେଉଁ ଅଭିନୟ ଜରିଆରେ ବହୁଭାଷୀ ଶ୍ରେଣୀରେ ସଫଳ ଶିକ୍ଷଣ କାର୍ଯ୍ୟ ସମ୍ପାଦନ କରି ପାରିବେ ।<br>୩. ସଫଳ ଅଭିନୟ ସମ୍ବଳିତ ବହୁଭାଷୀୟ ଶ୍ରେଣୀରେ ଶିକ୍ଷାଦାନ ଲାଗି କେଉଁ କେଉଁ ଦିଗ ପ୍ରତି ଦୃଷ୍ଟି ଦେବା ଜରୁରୀ ?<br>୪. ଏହି ସକ୍ରିୟାତ୍ମକ କାର୍ଯ୍ୟରୁ ବହୁଭାଷୀ ଶ୍ରେଣୀ ପରିସ୍ଥିତିରେ ଶିକ୍ଷଣ କାର୍ଯ୍ୟକୁ କିଭଳି ସହାୟତା କରିବ ?<br>୫. ବହୁଭାଷୀ ଶ୍ରେଣୀ ପରିସ୍ଥିତିରେ ଚିତ୍ର ପଠନ କିପରି ସହାୟତା କରିଥାଏ ଓ ଚିତ୍ର ପଠନର ବିଭିନ୍ନ କୌଶଳ ଗୁଡିକ କ'ଣ ହୋଇପାରେ ? |

**ସୂଚନା: - ଆଲୋଚ୍ୟ ବିଷୟ ପ୍ରଶ୍ନ ୧ରୁ ୫ ସାମ୍ଭବ୍ୟ ଆଲୋଚନା ତଥ୍ୟ ପାଇଁ ସାଧନକର୍ମୀଙ୍କ ସୂଚନା ଫର୍ଦ୍ଦ- ଦ୍ରଷ୍ଟବ୍ୟ ।**

ସାଧନକର୍ମୀ ବିନା ସଂଳାପରେ ମୁକ ଅଭିନୟ କରି ପ୍ରଜାପତି ଧରିବା/ ଜାଲ ଫିଙ୍ଗି ମାଛ ଧରିବା/ କାଠ ହାଣିବା ଇତ୍ୟାଦି ଅଭିନୟ କରି ପ୍ରଶ୍ନ ପଚାରିବେ ଓ ମାତୃଭାଷାରେ ଉତ୍ତର ଦେବାକୁ ପ୍ରୋତ୍ସାହିତ କରିବେ ।

୧ .

- ଶିକ୍ଷଣ ଫଳପ୍ରଦ ହୋଇଥାଏ ।
- ପିଲାଙ୍କୁ ଆନନ୍ଦଦାୟକ ଲାଗେ ।
- ସବୁ ଭାଷାଭାଷୀ ପିଲାମାନେ ଭାବକୁ ସହଜରେ ବୁଝନ୍ତି ।
- ନିଜ ଭାଷାରେ ଅଭିନୟକୁ ବ୍ୟକ୍ତ କରିପାରନ୍ତି ।
- ଆହ୍ୱାନ ଥାଏ

୨ . <u>ମୁକ ଅଭିନୟ</u> (ସଂଳାପ ବିହୀନ)

- ସ୍ଥିର ଅଭିନୟ
- ଚଳନ୍ତି ଅଭିନୟ

<u>ସଂଳାପ ସହିତ ଅଭିନୟ</u>

- ଏକକ-mono action
- ଏକାଙ୍କିକା-(କ୍ଷୁଦ୍ର ନାଟକ)-one act play (ଗୀତିନାଟ୍ୟ/ ସାମାଜିକ/ କାଳ୍ପନିକ)
- ନାଟକ

୩ .

- ନାଟକର ବିଷୟବସ୍ତୁ ଛୋଟ, ମଜାଳିଆ ଓ ଆକର୍ଷଣୀୟ ଥିବେ
- ଚରିତ୍ର କମ୍ ଥିବ
- ପିଲାଙ୍କ ପୂର୍ବ ଅନୁଭୂତି ସମ୍ବଳିତ ହୋଇଥିବ
- ଭାଷା ସହଜ ଓ ବୋଧଗମ୍ୟ ହୋଇଥିବ (ସଂଳାପ ଯୁକ୍ତ)
- ଭାଷା ଓ ଶାରିରୀକ ଚାଳନାରେ ସମନ୍ୱୟ ଥିବ
- ଭାବଭଙ୍ଗୀ ସମୁଚିତ ଥିବ
- ସଂଳାପରେ ଉପଯୁକ୍ତ ଉତ୍ଥାନ ପତନ ଥିବ

(ଆବଶ୍ୟକ ସ୍ଥଳେ ସାଧନକର୍ମୀ ୨ ଓ ୩ ର ସମସ୍ତ ଅଭିନୟ କରି ଦେଖାଇବେ)

# ସାଧନକର୍ମୀଙ୍କ ପାଇଁ ସୂଚନା

**ସକ୍ରିୟାତ୍ମକ କାର୍ଯ୍ୟ-**

(ଅଂଶଗ୍ରହଣକାରୀମାନଙ୍କୁ ସୂଚନା ପ୍ରଦାନ ପୂର୍ବକ O,  U, X ଲଗାଇ କିଛି ଚିତ୍ର କରିବେ । ପରେ ସେସବୁ ଆଲୋଚନା କରିବେ)

**ପ୍ରଶ୍ନ ୪**

- ନିଜ ଅନୁଭୂତିକୁ ନେଇ ଚିହ୍ନିବ, ଜାଣିବ ଓ ବୁଝିବ ।
- ସର୍ଜନାତ୍ମକ ଶକ୍ତିର ବିକାଶ ।
- ବାହ୍ୟ ଜ୍ଞାନକୁ ଜଡିତ କରିବ ।
- ନିଜ ଭାଷା ସହିତ ଅନ୍ୟ ଭାଷାଭାଷୀ ଜାଣିବାରେ ସୁଯୋଗ ଥାଏ ।

**ପ୍ରଶ୍ନ ୫**

- ସହଜରେ ନିଜ ଭାଷାରେ ବୁଝିଥାଏ ଓ ବ୍ୟକ୍ତ କରିଥାଏ ।
- ନିଜ ଭାଷାରେ କହିବା/ ପଢ଼ିବାରେ ସହାୟତା ହୋଇଥାଏ ।
- ସମସ୍ତେ ସକ୍ରିୟ ଅଂଶଗ୍ରହଣ କରିବେ ।
- ବୁଝି ପାରିଲା ଭଳି ଚିତ୍ର
- ଚିତ୍ର (କାଟି) ଯୋଡିବାକୁ କହିବେ
- ଚିତ୍ରକୁ ନେଇ ବାକ୍ୟ ଗଠନ (ମାତୃଭାଷା)
- ଚିତ୍ରକୁ ନେଇ ଗପ
- ଚିତ୍ରକୁ ନେଇ ଗୀତ
- ଚିତ୍ରକୁ ନେଇ ଧନ୍ଦା ଖେଳ
- ଚିତ୍ରକୁ ନେଇ ଢ଼ଗଢ଼ମାଳି

(ପରିଶିଷ୍ଟ)

**ସମସ୍ତ ଆଲୋଚନା ପରେ ସାଧନକର୍ମୀ ନିମ୍ନଲିଖିତ କାର୍ଯ୍ୟକୁ ନେଇ ପ୍ରଶିକ୍ଷାର୍ଥୀ ମାଧ୍ୟମରେ କରାଇବେ । ସେ ସବୁ ନିଜ ମାତୃଭାଷାଭିତ୍ତିକ ହେବା ଆବଶ୍ୟକ ।**

**ପ୍ରଣାଳୀ/ ପ୍ରକ୍ରିୟା**

- ❖ ବଞ୍ଚିବା ପାଇଁ ଖାଦ୍ୟ ନିହାତି ଆବଶ୍ୟକ ।
- ❖ ଖାଦ୍ୟ ସହିତ ସମସ୍ତଙ୍କର ସଂପର୍କ ନିବିଡ଼ ।
- ❖ ବିଦ୍ୟାଳୟ ବ୍ୟବସ୍ଥାରେ ଖାଦ୍ୟର ପ୍ରମୁଖ ଭୂମିକା ଅଛି ।
- ❖ ଖାଦ୍ୟ ସମ୍ପର୍କିତ ଯେତେସବୁ ଶବ୍ଦାବଳୀର ସଂଗ୍ରହ କରିବେ ।
- ❖ ଘର/ ବିଦ୍ୟାଳୟରେ ଖାଦ୍ୟ ସମ୍ପର୍କିତ ଯେତେ ସମ୍ଭବ ବାକ୍ୟାବଳୀ ସଂଗ୍ରହ କରିବେ ।
- ❖ ଖାଦ୍ୟ ଉପାଦାନଗୁଡିକ ଲେଖିବେ ।

**<u>ଞାଙ୍ଞାଙ୍ (ମାସ୍ତ) ଡ଼ ୟାଡିଂନା ସିଏଁଜାନିଜି ଆର୍ ବିର୍ନ୍</u>**

**ପ୍ରତ୍ୟେକ ଆଦିଭାଷୀ ଭାଷାର ଅନୁବାଦ କର**

**(ପ୍ରଶିକ୍ଷାର୍ଥୀ ମଧ୍ୟରେ କଥାବାର୍ତ୍ତା)**

ଞାଙ୍ଞାଙ୍ (ଶିକ୍ଷକ) : ଗୋପାଳ ଲାମି ଇଡିନ୍ ଜୁମ୍‌ଲେ ଇଲାଇ ?
(ଗୋପାଳ ଆଜି କ'ଣ ଖାଇ ଆସିଛୁ ?)

ଗୋପାଳ : କୁଡୁ, ଡାରିଏଁ, ଆଲୁ, ଆଣ୍ଡାରାଇ ତନ୍‌ଙ୍ଗାଲ ।
(ଭାତ, ଡାଲି, ଆଳୁ ବାଇଗଣ ଭଜା ।)

ଞାଙ୍ଞାଙ୍ (ଶିକ୍ଷକ) : ମିତା ଆମନ୍ ଇଡିନ୍ ଜୁମ୍‌ବିନ୍ ଇସୁମ୍‌ତାମ୍ ?
(ମିତା ତୋତେ କ'ଣ ଖାଇବାକୁ ଭଲ ଲାଗେ ?)

ମିତା : କୁବି ତନ୍‌ଙ୍ଗାଲ, ଓ୍ୱାପନ୍ ।
(କୋବି ତରକାରୀ, ଶାଗ ଭଜା ।)

ଞାଙ୍ଞାଙ୍ (ଶିକ୍ଷକ) : ଆମିଷ ଜାନୁମାନ ବୁଡିନ୍ ଉପଙ୍‌ତେଜି ?
(ଆମିଷ ଖାଦ୍ୟ କାହାକୁ କହନ୍ତି ?)

ଗୀତା : ଆୟ, ଜେଲୁ, ଆରେସିମ୍ ଜାକିଙ୍ ।
(ମାଛ, ମାଂସ, ଅଣ୍ଡା ଇତ୍ୟାଦି ।)

**ଞାଙ୍ଞାଙ୍** (ଶିକ୍ଷକ) : ଡିଜିଙ୍ ଓ୍ୱାପ୍ ୟାଞ୍ଜୁମ୍ ଉପଙ୍‌ବା ?
(କେତୋଟି ଶାଗର ନାମ କୁହ ?)

ନରେଶ : ମୁରିଗା, ଅଲ, ସାରୁଅଲ, କଡ଼ାନିବ, ସାତିଡ଼୍
(କୋଶିଳା, ଲେଉଟିଆ, କନସିରି, ସଜନା, ଖଡା ।)

ଞାଙ୍ଞାଙ୍ (ଶିକ୍ଷକ) : ସୁରେସ ଡିଜିଙ୍ ଜାଞାଦିଆଞ୍ଜୁମ ଉପଡ୍ ?
(ସୁରେଶ କେତୋଟି ପରିବାର ନାମ କୁହ ?)

ସୁରେଶ : ପୋଟଳ, କୁବ, ଆଣ୍ଡାରାଇ, ଡମାତ, ଲାଉ, ଅବୃତ, ଭେଣ୍ଡି, କକରୁ, ସାକୁଡ ।
(ପୋଟଳ, କୋବି, ବାଇଗଣ, କାଙ୍କଡ଼, ବିଲାତି, କଖାରୁ, ଲାଉ, ଅମୃତଭଣ୍ଡା, ଭେଣ୍ଡି ।)

ଞାଙ୍ଞାଙ୍ (ଶିକ୍ଷକ) : ଡିଜିଙ୍ ନିବାନଆଞ୍ଜୁ ଉପୁଡ଼ବ ?
(କେତୋଟି ଛୁଇଁର ନାମ କୁହ ?)

ଦ୍ୱିଲ୍ଲୀପ : ମୁରିଗା, କାନଡୁମ, ଚିଟିନ୍‌ଡାଙ୍ ।
(ସଜନାଛୁଇଁ, ଝୁଡ଼ଙ୍ଗ, ବିନ୍ ।)

ଞାଙ୍ଞାଙ୍ (ଶିକ୍ଷକ): ମୀନା ଆମନ୍ ଇଡିନ୍ ଇଡିନ୍ ଜଅନ ଜୁମ୍‌ବିନ ଇସୁମ୍‌ତେ ?
(ମୀନା ତୁମେ କେଉଁ କେଉଁ ‘ଳ ଖାଇବାକୁ ଭଲପାଅ ?)

ମୀନା : ଜିଲିକା, ଉଡ଼ା, ପାଡ଼ସା, ତାରିଷ୍, କମଲା, ପାପଟା, କୁଲ୍ଲାଡ୍, ସପୁରୀ ।
(ପିଜୁଳି, ଆମ୍ବ, ପଣସ, କେନ୍ଦୁ, କମଳା, ସପେଟା, ବେଲ, ସପୁରୀ ।)

ଞାଙ୍ଞାଙ୍ (ଶିକ୍ଷକ): ............................... ?
(ହରି କେତୋଟି ଡାଲିର ନାମ କୁହ ?)

ହରି : ................................ ?
(ହରଡ, ମୁଗ, କାନ୍ଦୁଲ, ବିରି, ମସୁର ।)

ଞାଙ୍ଞାଙ୍ (ଶିକ୍ଷକ) : ................................ ?
(ମୁନା ତୁମେ କେଉଁ କୋଳି ଖାଇଛ ?)

ମୁନା : ............................... ?
(ଖଜୁରୀ, କଣ୍ଟେଇ ।)

**ଆସ ଜାଣିବା :**

୧. ଶିକ୍ଷକ ଛାତ୍ର କ୍ରମରେ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ ମାଧ୍ୟମରେ ଖାଦ୍ୟ ସଂପର୍କିତ ବିଷୟ ଆଲୋଚନା ହେବ ।

୨. ସଉରା ଭାଷାରେ ଅନୁବାଦ କର :
(କ) ଆଉ ଭାତ ଦିଅ ।
(ଖ) ତରକରୀ ଭଲ ହୋଇଛି ।
(ଗ) ଚାଲ ସମସ୍ତେ ମିଳିମିଶି ଖାଇବା ।
(ଘ) ଖାଇବା ସମୟରେ କଥା କୁହ ନାହିଁ ।
(ଙ) ଠିକ୍ ସମୟରେ ଖାଇବା ଉଚିତ ।
(ଚ) ପଇଡ଼ ପାଣି ବଡ ମଧୁର ।

୩. ନିମ୍ନଲିଖିତ ଶବ୍ଦକୁ ଲଗାଇ ବାକ୍ୟଗଠନ କର ।
ହରଡ଼, କୋଳି, ପିଜୁଳି, ବାଇଗଣ, ସଜନା ।

୪. ତଳଲିଖିତ ପ୍ରଶ୍ନକୁ ପଢ଼ି ଉତ୍ତର ଲେଖ ।
(କ) ବଗିଚାରେ ଆମେ କେଉଁ କେଉଁ ଗଛ ଲଗାଇଥାଉ ?
(ଖ) ଆମ ଅଂଚଳରେ କି କି ଚାଷ ହୋଇଥାଏ ?
(ଗ) ତୁମେ ଖାଉଥିବା କେତୋଟି ଡାଲିର ନାମ ଲେଖ ।

# ବହୁଭାଷା ଶିକ୍ଷଣରେ ପଢ଼ିବାର ଦକ୍ଷତା ପ୍ରତୀକ ଉପସ୍ଥାପନା

**ପଞ୍ଚମ ଦିବସ** **ସମୟ : ୧ ଘ.**

**ଦ୍ୱିତୀୟ ଓ ତୃତୀୟ ଅଧିବେଶନ**

**ପ୍ରତ୍ୟାଶିତ ଫଳାଫଳ**

ବହୁଭାଷୀ ପରିସ୍ଥିତିରେ ପଢ଼ିବା ଦକ୍ଷତା ସଂପର୍କିତ ପ୍ରତ୍ୟାକ୍ଷାନୁଭୂତି ହାସଲ

ପଢ଼ିବା କୌଶଳ ପ୍ରୟୋଗର ଧାରଣା

ଶବ୍ଦ, ଧାଡ଼ି ଗଠନର ଧାରଣା

| ପ୍ରକ୍ରିୟା | ଆଲୋଚ୍ୟ ବିଷୟ |
|---|---|
| ଦଳଗତ ଉପସ୍ଥାପନା<br>↓<br>ସଂକ୍ଷେପଣ | ୧. ଶିକ୍ଷାଦାନ କିପରି ଲାଗିଲା ଓ କାହିଁକି ? |

## ସାଧନକର୍ମୀଙ୍କ ପାଇଁ ସୂଚନା

ସାଧନକର୍ମୀ ଅଂଶଗ୍ରହଣକାରୀଙ୍କୁ ଦଳ ଅନୁସାରେ ଗଢ଼ିବା ସଂପର୍କିତ ବହୁଭାଷୀୟ ପରିସ୍ଥିତିରେ ଶିକ୍ଷାଦାନ ଲାଗି କହିବେ । ପରେ ଦଳରୁ ଜଣେ ଶିକ୍ଷାଦାନ ଦେବେ ।

ସାଧନକର୍ମୀ ଏହା ପୂର୍ବରୁ ନିଜ ଇଚ୍ଛା ମୁତାବକ ପଢ଼ିବା କୌଶଳ ଯଥା ଚିତ୍ର ପଠନ/ ଅଭିନୟ / ଖେଳ କରିବେ ।

ପଶ୍ନ ୧.

- ❖ ଆକର୍ଷଣୀୟ ଥିଲା
- ❖ ପିଲାଙ୍କ ଭାଷା ଆଧାରିତ ଥିଲା
- ❖ ମନଛୁଆଁ ଥିଲା
- ❖ ଶ୍ରୁତି ମଧୁର ଥିଲା
- ❖ ନୂତନତା ଥିଲା

# ୫ମ ଦିବସ

# ୪ର୍ଥ ଦିବସର ପ୍ରଥମ ଅଧିବେଶନ

# (ପୁନରାଲୋଚନା)

# ଶବ୍ଦ ଆହରଣ ସମୃଦ୍ଧିକରଣର ବିଭିନ୍ନ କୌଶଳ

**ପଞ୍ଚମ ଦିବସ :** **ସମୟ : ୧ ଘଣ୍ଟା**

**୨ୟ ଅଧିବେଶନ :**

**ପ୍ରତ୍ୟାଶିତ ଫଳାଫଳ :**

ଅଂଶଗ୍ରହଣକାରୀମାନେ-

- ❖ ଶବ୍ଦ ଆହରଣ ଦକ୍ଷତାର ବୃଦ୍ଧି କରିବେ ।
- ❖ ଦୈନନ୍ଦିନ ଜୀବନରେ ତାହାର ପ୍ରୟୋଗ କରିବେ ।
- ❖ ନୂତନ ଶବ୍ଦପ୍ରକାଶର ଦକ୍ଷତା ବୃଦ୍ଧି କରିବେ ।

| ପ୍ରକ୍ରିୟା (ସକ୍ରିୟାତ୍ମକ କାର୍ଯ୍ୟ) | ଆଲୋଚ୍ୟ ବିଷୟ |
|---|---|
| ପ୍ରଶ୍ନ ୧ ଓ ୨ ଖୋଲା ଆଲୋଚନା<br>ପ୍ରଶ୍ନ ୩ ଦଳଗତ ଉପସ୍ଥାପନା<br>ପ୍ରଶ୍ନ ୪ ଓ ୫ ଖୋଲା ଆଲୋଚନା | ୧. ଏଇ ଗପରୁ କ'ଣ ଜାଣିବେ ?<br>୨. ଏହା ବହୁଭାଷୀ ପରିସ୍ଥିତିରେ ଶବ୍ଦ ଭଣ୍ଡାର ବୃଦ୍ଧି ଲାଗି କିଭଳି ସହାୟତା କରିବ ?<br>୩. ବହୁଭାଷୀ ପରିସ୍ଥିତିରେ ଆଉ କେଉଁ ସବୁ କୌଶଳ ଗ୍ରହଣ କରାଯାଇପାରିବ ?<br>୪. ଏହି ସବୁ କୌଶଳ ପ୍ରୟୋଗ ବେଳେ କେଉଁ କେଉଁ ଦିଗ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ ?<br>୫. ଏଥିପାଇଁ ଶିକ୍ଷକ କ'ଣ କରିବେ ? |

ବି. ଦ୍ର: - ସାଧନକର୍ମୀ ଉପରୋକ୍ତ ପ୍ରଶ୍ନର ସମ୍ଭାବ୍ୟ ଉତ୍ତର ଓ ପରିଚାଳନା କୌଶଳ ପାଇଁ ପରବର୍ତ୍ତୀ ପୃଷ୍ଠା ଦେଖନ୍ତୁ ।

# ସାଧନକର୍ମୀଙ୍କ ପାଇଁ ସୂଚନା

## ସାଧନକର୍ମୀ  ପଶୁପକ୍ଷୀ ସମ୍ବଳିତ ଗପ କହିବେ ।  (ଆଦିବାସୀ ଭାଷାର ହେବ)

## କଟାର ଭୋଜି

ଜଣେ କୃଷକ ବଳଦ, ଛେଳି, କୁକୁର, ବିଲେଇ ଓ କୁକୁଡ଼ା ପାଳନ କରିଥିଲେ । ଅମଳ ଶେଷରେ ଖଳା ଭୋଜି (କଟାର ଭୋଜି) ଲାଗି ସ୍ଥିର କଲେ । ଏହି ଭୋଜି ପାଇଁ ସଭା କରି ଦାୟିତ୍ୱ ବଣ୍ଟନ କଲେ । ଚାଉଳ ଆଣିବା ପାଇଁ ବଳଦ, ମାଂସ ପାଇଁ କୁକୁର, କ୍ଷୀର ପାଇଁ ବିରାଡ଼ି, ଶାଗ ପାଇଁ ଛେଳି, ଡାଲି ପାଇଁ କୁକୁଡାକୁ ଦାୟିତ୍ୱ ଦିଆଗଲା । ବଳଦ ତୁରନ୍ତ ଚାଉଳ ଆଣି ଭାତ ରାନ୍ଧି ଅନ୍ୟ ମାନଙ୍କୁ ଅପେକ୍ଷା କଲା । କୁକୁର ମାଂସ ଖାଇ, ଛେଳି ଶାଗ ଖାଇ, ବିଲେଇ କ୍ଷୀର ପିଇ ଏବଂ କୁକୁଡ଼ା ଡାଲି ଖାଇଦେଲେ । ଆଉ କେହି ଆସିଲେନି । ବଳଦ ବିରକ୍ତ ହୋଇ ଶେଷରେ ରାନ୍ଧିଥିବା ଭାତକୁ ଖାଇ ରାଗରେ ଚୁଲିକୁ ଶିଙ୍ଗରେ ଭାଙ୍ଗିଦେଲା । ସେଇଦିନ ଠାରୁ ପଶୁପକ୍ଷୀଙ୍କ କଟାର ଭୋଜି ବନ୍ଦ ହୋଇଗଲା । କେବଳ ଚାଷୀ ହିଁ କଟାର ଭୋଜି କରେ ।

(ସାଧନକର୍ମୀ  କଟାର ଭୋଜି ସମ୍ପର୍କରେ ଅଭିନୟ ମାଧ୍ୟମରେ ନିଜ ମାତୃଭାଷାରେ ଉପସ୍ଥାପନା କରିବେ ।)

**ପ୍ରଶ୍ନ ୧.**

- ପଶୁପକ୍ଷୀ ସଂପର୍କରେ ଜାଣିବେ
- ଖାଦ୍ୟ, ସ୍ୱର ଏବଂ ବାସସ୍ଥାନ ଜାଣିବେ
- ଗୃହ ପାଳିତ ପଶୁ ସଂପର୍କରେ ଜାଣିବେ
- ପରିବେଶ ସମ୍ବନ୍ଧୀୟ ଶବ୍ଦାବଳୀ ସହ ପରିଚିତ ହେବେ

**ପ୍ରଶ୍ନ ୨.**

- ପଶୁ ମାନଙ୍କର ନାମ/ ସ୍ୱର/ ଖାଦ୍ୟ ପେୟ/ ବାସସ୍ଥଳୀ ଇତ୍ୟାଦି  ଜାଣିବାର ସୁଯୋଗ ହ୍ରାସ

**ପ୍ରଶ୍ନ ୩.**

- ମିମିକ୍ରି
- ପପେଟ୍ ସୋ
- ଚିତ୍ର
- ଶାରୀରିକ ଭାଷା (ମୂକ ଅଭିନୟ)
- ଅଭିନୟ (ବାଘ, ହାତୀ, ଇତ୍ୟାଦି)
- କ୍ଷେତ୍ର ପରିଦର୍ଶନ
- ଖେଳ

**ପ୍ରଶ୍ନ ୪.**

- ଶବ୍ଦରୁ ଅନେକ ଶବ୍ଦ ଗଠନ ପ୍ରତି ଦୃଷ୍ଟି (.:  ଡାଳରୁ –ଡାଳେ, ମୁଣ୍ଡରୁ- ମୁଣ୍ଡେ- ମୁଣ୍ଡେଇବା...)
- ପିଲାଙ୍କ ଦକ୍ଷତା ଅଧାରିତ ହୋଇଥିବ
- ସହଜରେ ବୁଝିବା ଭଳି ପ୍ରସଙ୍ଗ

ପ୍ରଶ୍ନ ୫. କଣ୍ଢେଇ ପରି ଅନେକ ଖେଳନା, ଚିତ୍ର ଓ ଖେଳ ଜାଣିବା ଆବଶ୍ୟକ

- ଏ ସବୁର ପରିଚାଳନା କୌଶଳ ଜାଣିବା ଦରକାର
- ସ୍ୱରର ଉତ୍‌ଥାନ ଓ ପତନର ଧାରା ସହ ପରିଚିତ ଥିବା ଆବଶ୍ୟକ
- ପିଲାଙ୍କ ସକ୍ରିୟ ଅଂଶଗ୍ରହଣ ପ୍ରତି ଧ୍ୟାନ ଦେବା ଆବଶ୍ୟକ

# ବହୁଭାଷୀ ଶିକ୍ଷଣରେ ବ୍ୟବହାରିକ ବ୍ୟାକରଣ

**ପଞ୍ଚମ ଦିବସ :** **ସମୟ : ୧ ଘଣ୍ଟା**

**ତୃତୀୟ ଅଧିବେଶନ :**

**ପ୍ରତ୍ୟାଶିତ ଫଳାଫଳ :**

ଅଂଶଗ୍ରହଣକାରୀମାନେ-

- ❖ ଧ୍ୱନି, ବର୍ଣ୍ଣ, ବ୍ୟାକରଣଗତ ସଂଙ୍କେତ ସଂପର୍କରେ ସାଧାରଣ ଧାରଣା ପାଇବେ, ତାର ପ୍ରୟୋଗ କୌଶଳ ବିଷୟରେ ଅବଗତ ହେବେ ।
- ❖ ପଦ ଓ ବାକ୍ୟ ଗଠନର କୌଶଳ ସହ ପରିଚିତ ହେବେ ।

| ପ୍ରକ୍ରିୟା (ସକ୍ରିୟାତ୍ମକ କାର୍ଯ୍ୟ) | ଆଲୋଚ୍ୟ ବିଷୟ |
|---|---|
| ପ୍ରଶ୍ନ ୧ ଖୋଲା ଆଲୋଚନା<br>ପ୍ରଶ୍ନ ୨ ଦଳଗତ ଆଲୋଚନା<br>↓<br>ସଂକ୍ଷେପଣ<br>↓<br>ଉପସ୍ଥାପନା<br>ପ୍ରଶ୍ନ୩: ଖୋଲା ଆଲୋଚନା | ୧. ବ୍ୟାକରଣ କହିଲେ କ'ଣ ବୁଝ ?<br>ବ୍ୟାବହାରିକ ବ୍ୟାକରଣ କହିଲେ କ'ଣ ବୁଝ ?<br>୨. ବହୁଭାଷୀ ପରିସ୍ଥିତିରେ ବ୍ୟାବହାରିକ ବ୍ୟାକରଣ କିପରି ପ୍ରୟୋଗରେ ଆସେ ?<br>୩. ବ୍ୟାବହାରିକ ବ୍ୟାକରଣ ଶିକ୍ଷଣରେ ଶିକ୍ଷକଙ୍କ ଭୂମିକା କ'ଣ ? |

**ବି. ଦ୍ର:-** ସାଧନକର୍ମୀ ଉପରୋକ୍ତ ପ୍ରଶ୍ନର ସମ୍ଭାବ୍ୟ ଉତ୍ତର ଓ ପରିଚାଳନା କୌଶଳ ପାଇଁ ପରବର୍ତ୍ତୀ ପୃଷ୍ଠା ଦେଖନ୍ତୁ ।

(ଭାଷାଓ୍ୱାରୀ ହେବ)

# ସାଧନକର୍ମୀଙ୍କ ପାଇଁ ସୂଚନା

ସାଧନକର୍ମୀ ଗୋଟିଏ ବର୍ଣ୍ଣ ନେଇ ଆଗ, ପଛ ଓ ମଝିରେ ରଖି ଶବ୍ଦ ଗଠନ ଲାଗି ଅଂଶ ଗ୍ରହଣକାରୀ ମାନଙ୍କୁ ପ୍ରୋତ୍ସାହିତ କରିବେ ।

ଉଦାହରଣ:

| କ | ଚ | ଡ |
|---|---|---|
| କ ଠ ଉ | ଚ ପ ଲ | ଡ ମ୍ବ ରୁ |
| ସ ଡ଼ କ | ବ ଗି ଚା | ସ ଗ ଡ଼ |
| ର କ ତ | ବ ଚ ନ | ସ ଡ଼ କ |

ପ୍ରଶ୍ନ ୧

- ❖ ଭାଷାକୁ ଶବ୍ଦ ରୂପଦେବା ପାଇଁ କିଛି ନିୟମ ପାଳନ କରାଯାଏ । ସେହି ନିୟମ ଗୁଡିକ ବ୍ୟାକରଣ ଅନ୍ତର୍ଗତ । ବ୍ୟାକରଣ ସାହାଯ୍ୟରେ ଶବ୍ଦ ଓ ବାକ୍ୟ ଆଦିକୁ ଶୁଦ୍ଧ ଭାବେ ଉଚ୍ଚାରଣ କରିହୁଏ ଓ ଲେଖି ହୁଏ । ବ୍ୟାକରଣ ଭାଷାକୁ ଅଶୁଦ୍ଧିକରଣ ହେବାରୁ ବଞ୍ଚାଇଥାଏ ।

ଓ

- ❖ ଭାବନାକୁ କଥିତ ଭାଷାରେ ଉପସ୍ଥାପନା କଲାବେଳେ ଯେଉଁ ସବୁ ବ୍ୟାକରଣ ବ୍ୟବହାର କରାଯାଏ, ତାହାକୁ ବ୍ୟାବହାରିକ ବ୍ୟାକରଣ କୁହାଯାଏ ।
- ❖ ଏହି ବ୍ୟାକରଣ ଭାଷା ସହ ଜଡିତ ହୋଇ ରହିଥାଏ ।
- ❖ ଏହା ବିଦ୍ଧିବଧ ଭାବେ ଶିଖିବାକୁ ପଡି ନଥାଏ ।

ଉଦାହରଣ :

ମୁଁ ଭାତ ଖାଇଲି ।

ମୁଁ ଖାଇଲି ।

ଭାତ ଖାଇଲି ।

ସବୁଠି କ୍ରିୟା ଅଛି । କିନ୍ତୁ କର୍ତ୍ତା କିମ୍ବା ବିଶେଷ୍ୟ ଥାଇପାରେ କିମ୍ବା ନ ଥାଇ ପାରେ ।

ପ୍ରଶ୍ନ ୨. ସାଧାରଣତଃ ଭାଷାରେ ବାକ୍ୟ ଗଠନ ପ୍ରଣାଳୀରେ ପ୍ରଥମେ କର୍ତ୍ତା, କର୍ମ, କ୍ରିୟା । ଇଂରାଜୀରେ କର୍ତ୍ତା- କ୍ରିୟା- କର୍ମ, କିନ୍ତୁ ବ୍ୟାବହାରିକ ବ୍ୟାକରଣରେ କ୍ରିୟାକୁ ନେଇ ଭାବାର୍ଥକୁ ବୁଝିବାରେ ସକ୍ଷମ ହୋଇଥାଏ ।

**ଉଦାହରଣ:**

| | | | |
|---|---|---|---|
| ମୁଁ ଖାଇଲି | ମୁଇ କାଇସାରିଲି | ଞ୍ଜେନ୍ ରେଙ୍ଗାଲିନାଇ | ନାନୁ ତିଚେଏଁ |
| (ଓଡିଆ) | (ଦେଶିଆ) | (ସଉରା) | (କୁଇ) |
| ଖାଇଲି | କାଇସାରିଲି | ରେଙ୍ଗାଲିନାଇ | ତିଚେଏଁ |

❖ ବ୍ୟାବହାରିକ ଭାଷାରେ ଅଧିକାଂଶ ସର୍ବନାମରେ ବ୍ୟବହାର କରିଥାନ୍ତି।

ଯଥା- ସେ କାଇଲାନି.. । ସେ ଖାଉଛି ।

❖ ଏଠାରେ ବ୍ୟକ୍ତିର ନାମ ବଦଳରେ ସେ ବ୍ୟବହାର କରାଯାଇଛି ।

❖ ବିଶେଷଣ :

ବଡଟା ଆତି ଆଇଲାନି ।

ବଡ ହାତୀଟିଏ ଆସୁଛି । (ବଡ ହେଲା ବିଶେଷଣ)

❖ ହାତୀ ଦୀରେ ଦୀରେ ଗଲାନି ।

ହାତୀ ଧୀରେ ଧୀରେ ଯାଉଛି । (ଧୀରେ ଧୀରେ କ୍ରିୟା ବିଶେଷଣ)

❖ ମଂଗଲୁ ଆରି ଚିଂଗୁଡୁ ଆତିକୁ ଦେକିଲେନି ।

ମଂଗଲୁ ଏବଂ ଚିଗୁଡୁ ହାତୀକୁ ଦେଖୁଛନ୍ତି । (କ୍ରିୟାରେ ବହୁ ବଚନ ଅଛି ଏବଂ ର ଅବ୍ୟୟ ଅଛି ।)

ପିଲାଟି ଭାଷା ମାଧ୍ୟମରେ ଅନୌପଚାରିକ ଭାବେ ଅନେକ ବ୍ୟାବହାରିକ ବ୍ୟାକରଣ ଯଥା- କାଳ, ବଚନ, ବିଶେଷ୍ୟ, ବିଶେଷଣ, କ୍ରିୟା ବିଶେଷଣ ବିରାମ ଚିହ୍ନ ବ୍ୟବହାର କରିଥାଏ । କିନ୍ତୁ ଏ ସମ୍ପର୍କରେ ସେ ଜ୍ଞାତ ନ ଥାଏ ।

**ପ୍ରଶ୍ନ ୩**

❖ ବ୍ୟାକରଣ ଶୁଦ୍ଧତା ପ୍ରତି ସେତେଟା ଗୁରୁତ୍ୱ ନ ଦେଇ ପିଲାଙ୍କୁ କହିବାର ସୁଯୋଗ ଦେବେ ।

❖ ସ୍ୱାଧୀନ ଭାବେ ବ୍ୟକ୍ତ କରିବା ପାଇଁ ସୁଯୋଗ

❖ ସ୍ୱ ଶିକ୍ଷଣ ପ୍ରତି ଗୁରୁତ୍ୱ ଦେବେ ।

❖ ଧାରଣା ବୋଧଗମ୍ୟତା ପାଇଁ କିଏ, କାହାକୁ, କେତେବେଳେ, କେଉଁଠି, କ'ଣ ଆଦି ଲଗାଇ ପ୍ରଶ୍ନ ପଚାରିବେ ।

❖ ଶ୍ରେଣୀ ବାହାରର ପରିସ୍ଥିତି ସହିତ ଜଡିତ କରାଇବେ ।

❖ କହିଲାବେଳେ ଆବଶ୍ୟକ ମୁତାବକ ବିରାମ ରହିବାର କୌଶଳ ଶିଖାଇବେ ।

❖ ବିଭିନ୍ନ ସମ୍ବୋଧନ ଶିଖାଇବେ ..

❖ ବିଭିନ୍ନ ଶବ୍ଦର ଭିନ୍ନ ଭିନ୍ନ ବ୍ୟବହାରର କୌଶଳ ଶିଖାଇବେ ..

# ଦକ୍ଷତା ଆଧାରିତ ଭାଷା ଶିକ୍ଷଣ

**ପଞ୍ଚମ ଦିବସ :** **ସମୟ: ୧ଘ.**

**ଚତୁର୍ଥ ଅଧିବେଶନ:**

**ପ୍ରତ୍ୟାଶିର ଫଳାଫଳ :**

ଅଂଶଗ୍ରହଣକାରୀମାନେ-

- ଭାଷା ଶିକ୍ଷଣର ବିଭିନ୍ନ କୌଶଳ ସଂପର୍କରେ ଜାଣିବେ ।
- ଶିକ୍ଷଣ କାର୍ଯ୍ୟ ପରିଚାଳନାରେ ଦୃଢ଼ୀକରଣ ।
- ଶୁଣିବା, କହିବା, ପଢ଼ିବା କୌଶଳର ସମନ୍ୱିତ ଭାବେ ଉପସ୍ଥାପନାର କୌଶଳ ଜାଣିବେ ।

| **ପ୍ରକ୍ରିୟା**<br>ସକ୍ରିୟାତ୍ମକ କାର୍ଯ୍ୟ<br>(ପରବର୍ତ୍ତୀ ପୃଷ୍ଠାରେ ପ୍ରଦତ୍ତ) | **ଆଲୋଚ୍ୟ ବିଷୟ** |
|---|---|
| ପରପୃଷ୍ଠାରେ ଦିଆଯାଇଥିବା କବିତା ସହ ଉପସ୍ଥାପନା କରିବେ । | ୧. ଗୀତଟି କେଉଁ ସବୁ ପର୍ଯ୍ୟାୟ ଦେଇ ଉପସ୍ଥାପନା କରାଗଲା ?<br>୨. କେଉଁ ସବୁ ପଦ ଗୀତରେ ଅନେକ ଥର ଆସୁଛି ?<br>୩. ସେହି ପଦ ଗୁଡ଼ିକ ମଧ୍ୟରେ କେଉଁ ଅକ୍ଷରଟି ଅନେକ ଥର ଆସୁଛି ?<br>୪. ଚ ଓ ଟ କୁ ଚିହ୍ନାଇବା ପାଇଁ କେଉଁ ସବୁ ଶିକ୍ଷଣ କାର୍ଯ୍ୟ କରାଯାଇ ପାରେ ? |

**ସୂଚନା :** ଆଲୋଚ୍ୟ ପ୍ରସଙ୍ଗର ସମ୍ଭାବ୍ୟ ଉତ୍ତର ତଥା ଶ୍ରେଣୀ ପରିଚାଳନା ପାଇଁ ପୃଷ୍ଠା ନଂ- ରେ ପ୍ରଦତ୍ତ କରାଯାଇଛି । ଶ୍ରେଣୀ ପରିଚାଳନାର ପ୍ରଣାଳୀ କ୍ରମ ସୂଚନା ଫର୍ଦ୍ଦରେ ପ୍ରଦାନ କରାଯାଇଛି ।

# ସାଧନକର୍ମୀଙ୍କ ପାଇଁ ସୂଚନା

ସିନ୍ଧୁ କହୁଛି ଖେଳ – ସିନ୍ଧୁ କହୁଛି ଖେଳ ଖେଳିବା । ସାଧନକର୍ମୀ ସିନ୍ଧୁ କହୁଛି ବୋଲି ଯାହା କହିବେ ପ୍ରଶିକ୍ଷାର୍ଥୀମାନେ ଅନୁରୂପ କରିବେ ।

ଯେମିତି– ଛିଡ଼ା ହୁଅ । ପ୍ରତ୍ୟେକ ପ୍ରଶିକ୍ଷାର୍ଥୀମାନେ ଛିଡା ହେବ

ବସି ପଡ ।

ମୁଣ୍ଡ କୁଣ୍ଡାଅ ।

ପାଦେ ଆଗକୁ ଯାଅ ।

(ନିଜେ ମାତୃଭାଷାରେ କରିବେ)

(ଗୀତ ପର ପୃଷ୍ଠାରେ ପ୍ରଦତ୍ତ । ସାଧନକର୍ମୀ ମାତୃଭାଷାରେ ଗାଇବେ)

**ପ୍ରଶ୍ନ ୧.**

❖ ପ୍ରଥମେ ସାଧନକର୍ମୀ ଗୀତ ମଧୁର ସ୍ୱରରେ ଗାଇବେ
ପରେ ପ୍ରଶିକ୍ଷାର୍ଥୀ ଅନୁରୂପ ଗାଇବେ ।

❖ ସାଧନକର୍ମୀ ଗୀତ ଖଣ୍ଡକୁ ଗାଇବେ
ପ୍ରଶିକ୍ଷାର୍ଥୀ ଅନୁରୂପ ଦୋହରାଇବେ ।

❖ ସାଧନକର୍ମୀ ଗୀତ ଖଣ୍ଡକୁ ଅଭିନୟ ସହ ଗାଇବେ
ପ୍ରଶିକ୍ଷାର୍ଥୀ ଅନୁରୂପ ଦୋହରାଇବେ ।

❖ ସାଧନକର୍ମୀ ନିର୍ଦ୍ଦିଷ୍ଟ ଅକ୍ଷରକୁ ଘାତ ଦେଇ ଅଭିନୟ କରି ଗାଇବେ
ପ୍ରଶିକ୍ଷାର୍ଥୀ ଅନୁରୂପ ଦୋହରାଇବେ ।

ପ୍ରଶ୍ନ ୨. ଟୁନା,ଚୁନା, ଚକୁଳି, ଚଟଣି, ଚାଉଳ, ଚଉକି, କଟକଟ ଇତ୍ୟାଦି

ପ୍ରଶ୍ନ ୩. ଚ , ଟ, ନ,

ପ୍ରଶ୍ନ ୪

❖ ଚିତ୍ର ଦେଖାଇ

❖ ଯୋଡିବା

❖ ଅସଜଡା ପଦକୁ ସଜାଡିବା

❖ ଗୋଲ ବୁଲାଇବା

# ସୂଚନା ଫର୍ଦ୍ଦ
## ପାଠ ସମୟର ଗତିବିଧି

ଆଚ୍ଛା ପିଲାମାନେ ଆମେ ଆଜି ଗୀତ ଗାଇବା ଆଉ ନାଚିବା । ଆସ ବର୍ତ୍ତମାନ ହାତ ଧରା ଧରି ହୋଇ ଛିଡ଼ା ହୁଅ । ଗୋଲ ଗୋଲ ହୋଇଯାଅ । ଠିକ୍ ଅଛି ବର୍ତ୍ତମାନ ମୁଁ ଗୋଟିଏ ଗୀତ ବୋଲୁଛି, ତୁମେ ସବୁ ଶୁଣ । ଟୁନା.. କଙ୍କମଟ.. ଛଟପଟ । ବର୍ତ୍ତମାନ ମୁଁ ଯେମିତି ଗାଇବି ଆଉ ଯେମିତି କରିବି ତୁମେ ତାହା କରିବ । ଟୁନା ଟୁନି ଭାଇ ଭଉଣୀ (ଅଭିନୟ) ଗାଅ । ମୋ ସହିତ ଅଭିନୟ କର । ହାଁ ବଢ଼ିଆ ହେଲା । ୟା ପରେ ଗାଅ, ଆଣିଲେ ଚାଉଳ ଚୁନା । ମୋ ସହ ଅଭିନୟ କର । ଠିକ୍ ଅଛି...

ବାଘମାମୁଁ ଛଟପଟ ହଁ ଠିକ୍ ଏଭଳି ଅଭିନୟ କରି । ଆଚ୍ଛା ପିଲାମାନେ ବର୍ତ୍ତମାନ ମୁଁ ଗୀତ ଧାଡ଼ିଏ ଧାଡ଼ିଏ ଗାଉଛି ତୁମେ ଅଭିନୟ କର । ଗୀତ ଗାଇବା ଦରକାର ନାହିଁ । ଗୀତ ସରିବା ପରେ ତୁମେ ଗାଇବ ମୁଁ ଅଭିନୟ କରିବି । ଆରମ୍ଭ କରିବା, ସମସ୍ତେ ଅଭିନୟ କର । ଟୁନାଟୁନି ଭାଇ ଭଉଣୀ .. ହଁ ଠିକ୍ ଅଛି । ଆଣିଲେ ଚାଉଳ ଚୂନା.. ବାସ ବଢ଼ିଆ ହେଲା ବିରି.. ବାଘମାମୁଁ ଛଟପଟ । ଏବେ ତୁମେ ଗାଅ ମୁଁ ଅଭିନୟ କରିବି ପଦିଏ ପଦିଏ ଗାଇବ ।

ବର୍ତ୍ତମାନ ମୁଁ ଯାହାକୁ କହିବି ସିଏ ଅଭିନୟ କରିବ, ମୁଁ ଗୀତ ବୋଲିବି ହେଲା ତ, ଠିକ୍ ଅଛି ତୁମେ ସମସ୍ତେ ଅଭିନୟ ଖୁବ୍ ସୁନ୍ଦର କଲ ।

- ଏବେ ମୁଁ ଅଭିନୟ କରିବି ଯେଉଁ ପିଲାଙ୍କୁ କହିବି ସିଏ ସେହି ପଦଟି ବୋଲିବ । ହଁ ଠିକ୍ ହେଲା ।
- ବର୍ତ୍ତମାନ ଆସ ସମସ୍ତେ ଆମେ ଦୁଇ ଭାଗ ହୋଇଯିବା । ହଁ ତୁମେ ଦଳେ ସେ ପଟକୁ ଯାଅ, ଏମାନେ ଏପଟେ ଛିଡ଼ା ହୋଇ ଥାଆନ୍ତୁ । ବର୍ତ୍ତମାନ ଦଳ ଗୀତ ବୋଲିବେ ଧାଡ଼ିଏ ଧାଡ଼ିଏ ତୁମ ଦଳ ଅଭିନୟ କରିବେ । ପୁଣି ସେହି ଦଳ ଗାତ ବୋଲିବେ ତୁମେ ଅଭିନୟ କରିବ । କରିବାତ, ଠିକ୍ ଅଛି ଚାଲୁ ।
- (ଡ୍ରଇଂ ସିଟ୍‌ରେ ଲେଖାଟିକୁ ଟାଙ୍ଗି ) ବର୍ତ୍ତମାନ ଦେଖ ଏହି ଡ୍ରଇଂ ସିଟରେ ସେହି ଗୀତଟି ଲେଖା ଯାଇଛି । ତୁମେ ମୋ ସହିତ ପଢ଼ିବ । ମୁଁ ଏମିତି ଗାର ମାରି ଯାଉଛି (କଲମ ପଛ ପଟରେ ପଦତଳେ ନିର୍ଦ୍ଦେଶ କରୁଥିବା ସମୟରେ ) ମୋ ସହିତ ପଢ଼ । ଟୁନା ଟୁନି ଭାଇ ଭଉଣୀ, ହଁ ପଢ଼.. ଆଣିଲେ ଚାଉଳ ଚୂନା..(ଧାଡ଼ି ଧାଡ଼ି ପଢ଼ି).. ବାଘମାମୁଁ ଛଟପଟ ।
- ବର୍ତ୍ତମାନ ମୁଁ ପ୍ରଥମ ପଦ ପଢ଼ିଲେ ତୁମେ ଦ୍ୱିତୀୟ ପଦ ପଢ଼ିବ, କରିବା ତ ଠିକ୍ ଅଛି କୁହ..
- (ବହିର ଚିତ୍ର ଦେଖାଇ ) ଆଚ୍ଛା ପିଲାମାନେ କହିଲ ଏଇ ଯେଉଁ ଚିତ୍ର ତୁମକୁ ଦେଖାଉଛି, ସେହି ଚିତ୍ରଟି କେଉଁ ପଦରେ ଅଛି, କିଏ ବୋଲିବ ? ତୁମେ ? ବାଃ ଠିକ୍ ଅଛି (ବର୍ତ୍ତମାନ କିଏ କହିବ ଏହି ଚିତ୍ରରେ କ'ଣ ସବୁ ଦେଖୁଛ, ତୁମ ଭାଷାରେ କୁହ ।)
- ବର୍ତ୍ତମାନ ମୋ ସହିତ ପଢ଼ (ଶବ୍ଦ ଉପରେ ଧ୍ୟାନ ଦେଇ ) ଚାଉଳ, ଚୁନା, ଚକୁଳି, ଚଟିଆ, ଚିନି, ଚଟଣି, ଚଉକି । ଆଉ ଥରେ ପଢ଼ ଚାଉଳ...... ଚଉକି ।
- ବର୍ତ୍ତମାନ କହିଲ ଚାଉଳ କେଉଁଠି ଲେଖା ଯାଇଛି । ଆଚ୍ଛା ଚଟିଆ, କେଉଁଠି ଲେଖାଯାଇଛି । ଚଟଣି... ବର୍ତ୍ତମାନ କହିଲ ଚଟିଆରେ 'ଚ' କେଉଁଠି ଅଛି 'ଚ' କିଏ ଗାର ମାରି ପାରିବ ।
- ବର୍ତ୍ତମାନ ମୋ ସହିତ ପଢ଼ ଟୁନା, ଟୁନି, ବାଟିଲେ, ଚଟିଆ, କବାଟ, କଟ, ପଟ ।
- ବର୍ତ୍ତମାନ କହିଲ 'ବାଟିଲେ' କେଉଁଠି ଲେଖାଯାଇଛି , 'କବାଟ' କେଉଁଠି ଅଛି ? 'କଟ କଟ' କେଉଁଠି ଲେଖାଯାଇଛି ?... ହେଲେ ଏବେ କୁହ 'ଟ' କେଉଁଠି ? କିଏ ତା ଚାରିପଟେ ଗୋଲ ମାରିବ, ଆସ ଆସ...
- ବର୍ତ୍ତମାନ ସମସ୍ତେ ବହି ଖୋଲ ଟୁନାଟୁନି ବିଷୟଟି ଖୋଲ । ସେଠାରେ ଦେଖ କେଉଁଠି 'ଚ' ଅଛି ତଳେ ଗାର ମାରିକି ଆଣ ।
- କେଉଁଠି 'ଟ' ଅଛି ତା ଚାରିପଟେ ଗୋଲ ମାରି ଆଣ ।

# ପାଠପର ଗତିବିଧି

- ଆମେ ଆଜି ଗୋଟିଏ ଖେଳ ଖେଳିବା । ସମସ୍ତେ ଦୁଇଟି ଦଳ ହୋଇଯିବା ବର୍ତ୍ତମାନ ମୁଁ  କିଛି ଚିତ୍ର ତୁମ ଦଳକୁ ଓ ଅନ୍ୟ ଦଳକୁ ମଧ୍ୟ କିଛି ଚିତ୍ର ଦେଉଛି । ତୁମେ ପ୍ରଥମେ ସେହି ଚିତ୍ରକୁ ଦେଖ ତା ତଳେ ଯାହା ଲେଖାଯାଇଛି ତାହା କଣ? ବର୍ତ୍ତମାନ ଏପଟ ଦଳ ଗୋଟିଏ କାର୍ଡ ଦେଖାଇଲେ ଅନ୍ୟ ଦଳ ତାହା କ'ଣ କହିବ । ବର୍ତ୍ତମାନ ଭାଷାରେ ମଧ୍ୟ କହିବ ।
- ବର୍ତ୍ତମାନ ଆଉ ଗୋଟିଏ ଖେଳ ଖେଳିବା, ସମସ୍ତେ ଗୋଲାକାରରେ ଛିଡା ହେବ । ତା ପରେ ଦୁଇ ଭାଗ ହୋଇଯିବା ।   ହୋଇଯାଅ । ଠିକ୍ ଅଛି ବର୍ତ୍ତମାନ ଉଭୟ ଦଳକୁ ମୁଁ କିଛି ଚିତ୍ର କାର୍ଡ ଦେଉଛି, ସେହି ଚିତ୍ର ଗୁଡିକର ନାମ ଗୁଡିକ ତଳେ ଅଛି, ବର୍ତ୍ତମାନ ଏପଟ ଦଳକୁ ଅନ୍ୟ ଜଣେ ଦଳକୁ ଚିତ୍ରଟିଏ ଦେଖାଇବ ଓ ସେହି ଦଳର ଜଣେ ପିଲା ତାର ନାମକୁ ମଝିରେ ଥିବା କାଗଜକୁ ଖୋଜି ଦେଖାଇବ ଯଦି ଠିକ୍ କରିବ ତେବେ ଠିକ୍ ଦେଖାଇଥିବା ଦଳକୁ ୫ ନମ୍ବର ମିଳିବ । ଏବେ ଖେଳ ଚାଲୁ ।
- ବର୍ତ୍ତମାନ ଦେଖ ଏ ଯେଉଁ ଏ ଯେଉଁ ପଟିଟି ଟଙ୍ଗା ହୋଇଛି ସେଥିରେ କିଛି ଚିତ୍ର ଅଛି, ତା କଣରେ କିଛି 'ାଙ୍କ ଅଛି । ବର୍ତ୍ତମାନ ଏହି ତଳେ ସେହି ଶବ୍ଦକୁ କଟାଯାଇ ଅଲଗା ଅଲଗା କରି ରଖା ଯାଇଛି । ତୁମେ ସେହି ଶବ୍ଦକୁ ଯୋଡି ଏହି ପଟିରେ ଲଗାଇବ । ଯିଏ ଠିମ୍ କରିବ ସିଏ ଭଲ ପିଲା ହେବ । ଏବେ ଆରମ୍ଭ କରିବା ।

| | | |
|---|---|---|
| ଚ | ପ | ଲ |
| ଚ | ଟ | |
| ଚ | ର | ଖା |
| ଚା | ମ | ଚ |
| ଚ | ଉ | କି |
| ଚ | ଢ଼େ | ଇ |

- ଆଚ୍ଛା ପିଲା କହିଲ ପଟିରେ ଯେକିତି ଚ ଅଛି, ସେମିତି ଚ ଥିବା ଶବ୍ଦ କିଏ କହି ପାରିବ କହିଲ?
- ବର୍ତ୍ତମାନ ଆଉ ଗୋଟିଏ ଖେଳ ଖେଳିବା । ଖେଳର ନାମ ହେଲା ଆମ ଘରେ କ'ଣ ଅଛି? ଆମେ ସମସ୍ତେ ଗୋଲ ହୋଇ ଛିଡା ହେବା ଛିଡା ହୋଇଯାଅ କିଏ ଖେଳେଇବ । ତୁମେ, ଆଚ୍ଛା ଶୁଣ ତୁମେ ମଝିରେ ସମସ୍ତଙ୍କ ପାଖେ ପାଖେ ଚାଲିବ ଓ କହୁଥିବ ତୁମ ଘରେ କ'ଣ ଅଛି? ତୁମ ଘରେ କ'ଣ ଅଛି? କ'ଣ ଅଛି? ଯାହା ପାଖରେ ଛିଡା ହୋଇ ପଚାରିବ କ'ଣ ଅଛି, ସେ ଗୋଟିଏ ଘରେ ଥିବ ଜିନିଷର ନାମ କହିବ, ଏହି ଜିନିଷର ନାମ ପୁନରାବୃତ୍ତି ହେବ ନାହିଁ ଯିଏ କହି ନ ପାରିବ, ସିଏ ଆସି ମଝିରେ ରହି ଖେଳାଇବ । ଏବେ ଆରମ୍ଭ କରିବା । ବର୍ତ୍ତମାନ ଠିକ୍ ସେମିତି ଘରେ କିଏ ଅଛନ୍ତି? କିଏ ଅଛନ୍ତି? ଏହି ଭାବରେ ଖେଳିବା ।
- ବର୍ତ୍ତମାନ ଏହି ବହିର ୩ ନଂ ପୃଷ୍ଠାରେ କେତୋଟି ଚିତ୍ର ଅଛି କିଏ କହିବ । ଗଣିକି କୁହ । ୪ ନଂ ପୃଷ୍ଠାରେ କେତୋଟି ଚିତ୍ର ଅଛି ଗଣିକି କହିଲ । ମୋଟ କେତୋଟି ଛବି ହେଲା କିଏ ଗଣିକି କହିବ । ହଁ ଠିକ୍ ଅଛି ଖୁବ୍ ଭଲ ।
    - ବର୍ତ୍ତମାନ କିଏ "⌒" ଭଳି ଚିତ୍ର କରି ପାରିବ । କଲ ଦେଖିବା । କିଏ ଅଧିକା କରୁଛି ଦେଖିବା ।

ଉଦ୍ଦେଶ୍ୟ- ଭାଷା- ଚ ଓ ଟ କୁ ଚିହ୍ନିବା ଓ ପ୍ରାକ୍ ଲିଖନ ।

ଗଣିତ- ଗଣନ ଓ ପ୍ରାକ୍‌ଯୋଗ

ପରିବେଶ- ଘରକରଣା ଓ ସମ୍ପର୍କ

# ଶିକ୍ଷଣ ପ୍ରକ୍ରିୟା

- ପିଲାମାନଙ୍କୁ ବୃତ୍ତାକାରରେ ଛିଡା କରାଇ ଶିକ୍ଷକ ମଝିରେ ଛିଡା ହେବେ ଧାଡି ଧାଡି କରି ଶିକ୍ଷକ ଟୁନା ଟୁନି ପଦ୍ୟଟିକୁ ମୂଳରୁ ଶେଷ ପର୍ଯ୍ୟନ୍ତ ଆବୃତ୍ତି କରିବେ ।
- ପିଲାମାନେ ଶିକ୍ଷକଙ୍କୁ ଅନୁକରଣ କରି ଧାଡି ଧାଡି ବୋଲିବେ । ଏହି କାର୍ଯ୍ୟଟି ଶିକ୍ଷକ ଓ ପିଲାଙ୍କ ମଧ୍ୟରେ ୪/ ୫ ଥର ଚାଲିବ ।
- ଶିକ୍ଷକ ଦୁଇ ଦୁଇ ଧାଡିକୁ ଆବୃତ୍ତି କରିବେ ଓ ପିଲାମାନେ ତାହାକୁ ଆବୃତ୍ତି କରିବେ ।
- ଶିକ୍ଷକ ଚାରି ଚାରି ଧାଡିକୁ ନେଇ ଆବୃତ୍ତି କରିବେ ଓ ପିଲାମାନେ ଏହାକୁ ଅନୁସରଣ କରିବେ ।
- ଶିକ୍ଷକ ପ୍ରତ୍ୟେକ ଧାଡି ଆବୃତ୍ତି ସହ ଅଭିନୟ କରିବେ ପିଲାମାନେ ଏହାକୁ ଅନୁସରଣ କରିବେ ।
- ଶିକ୍ଷକ ପଦ୍ୟଟିର ଗୋଟିଏ ଧାଡି ବୋଲିଲେ ପିଲାମାନେ ତାହାକୁ ଅଭିନୟ କରିବେ ଓ ଶିକ୍ଷକ ଅଭିନୟ କଲେ ପିଲାମାନେ ଧାଡ଼ିକୁ ଆବୃତ୍ତି କରିବେ । ଏହି କ୍ରମରେ ଶିକ୍ଷକଙ୍କ ଆବୃତ୍ତି ପିଲାଙ୍କ ଅଭିନୟ ଓ ପିଲାଙ୍କ ଆବୃତ୍ତି ଶିକ୍ଷକଙ୍କ ଅଭିନୟ କାର୍ଯ୍ୟଟି ଚାଲିବ ।
- ଶିକ୍ଷକ ଗୋଟିଏ ପଦ ଅଭିନୟ କରିବେ ଓ ଯେଉଁ ପିଲାଙ୍କୁ ସେହି ଅଭିନୟ ସମ୍ପର୍କିତ ଧାଡି/ ପଦଟିକୁ ବୋଲିବାକୁ କହିବେ ସେ ବୋଲିବ ଓ ଶିକ୍ଷକ ପଦଟିକୁ / ଧାଡ଼ିଟିକୁ ଅଭିନୟ କରିବାକୁ ଯେଉଁ ପିଲାଙ୍କୁ ନିର୍ଦ୍ଦେଶ ଦେବେ ସେ ପିଲାଙ୍କ ମଝିକୁ ଆସି ଅଭିନୟ କରିବ ।
- ସମସ୍ତ ପିଲାଙ୍କୁ ଦୁଇଟି ଦଳରେ ଭାଗ କରିଦିଆଯାଇ ଗୋଟିଏ ଦଳକୁ ପଦ / ଧାଡ଼ି ଆବୃତ୍ତି କଲେ ଅନ୍ୟ ଦଳ ତାକୁ ଅଭିନୟ କରିବାକୁ ଓ ଗୋଟିଏ ଦଳ ଅଭିନୟ କଲେ ଅନ୍ୟ ଦଳ ତାକୁ ଆବୃତ୍ତି କରିବାକୁ ସୂଚନା ଦିଆଯିବ ।
- ସମ୍ପୂର୍ଣ୍ଣ ପଦ୍ୟଟିକୁ ଡ୍ରଇଂ ସିଟ୍‌ରେ ଲେଖି ପିଲାଙ୍କ ସମ୍ମୁଖରେ ଟାଙ୍ଗି ଦିଆଯିବ ଓ ଶିକ୍ଷକ ପ୍ରତ୍ୟେକ ଧାଡିକୁ ଆଙ୍ଗୁଳି ନିର୍ଦ୍ଦେଶରେ ପଢ଼ିବେ ଓ ପିଲାମାନେ ଏହାକୁ ଶିକ୍ଷକ ଙ୍କ ପଢ଼ିବା ଅନୁସାରେ ପଢ଼ିବେ ।
- ଶିକ୍ଷକ ପ୍ରଥମ ପଦଟିକୁ ପଢ଼ିଲେ ପିଲାମାନେ ତା ତଳ ପଦଟିକୁ ପଢ଼ିବାକୁ କୁହାଯିବ ଏହି କ୍ରମରେ ପଦ୍ୟଟି ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଚାଲିବ ।
- ବହିରେ ଥିବା ଚିତ୍ର ଗୁଡିକୁ ପିଲାଙ୍କୁ ଦେଖାଇଲେ ପିଲାମାନେ ତା ସମ୍ପର୍କତ ପଦଟି ବୋଲିବେ । ଏହି ଚିତ୍ରକୁ ଦେଖି ପିଲାମାନେ ତାଙ୍କ ଭାଷାରେ ଚିତ୍ର ସମ୍ପର୍କରେ କିଛି କହିବେ ।
- ଶିକ୍ଷକ 'ଚ' ଓ 'ଟ' ଥିବା ଶବ୍ଦଗୁଡିକୁ ଅଧିକ ସ୍ୱର ସହ ପଢ଼ିବେ ଓ ପିଲାମାନେ ତାହାକୁ ଅନୁସରଣ କରିବେ ।
- ଶିକ୍ଷକ କେବଳ ଶବ୍ଦଗୁଡିକୁ ପଢ଼ିବେ ଯେଉଁ ଶବ୍ଦରେ 'ଚ' ଓ 'ଟ' ଥିବ ପିଲାମାନେ ତାହାକୁ ପଢ଼ିବେ ।
- ପିଲାଙ୍କୁ ସୂଚନା ଦିଆଯିବ ଡ୍ରଇଁ ସିଟ୍‌ରେ ଥିବା 'ଚ' ଓ 'ଟ' କେଉଁଠି ଅଛି ଦେଖାଇବା ପାଇଁ ।
- ପିଲାଙ୍କୁ ବହି ଖୋଲି ସେହି ପଦ୍ୟଟିକୁ ଶିକ୍ଷକ ସହ ଆବୃତ୍ତି କରିବାକୁ ସୂଚନା ଦିଆଯିବ ଓ 'ଚ' ଓ 'ଟ' ତଳେ ଗାର ଦେବାକୁ କୁହାଯିବ ।
- ଖେଳ- ପିଲାମାନଙ୍କୁ ୨ଟି ଦଳ କରି କିଛି ଚିତ୍ର ସହ ଶବ୍ଦ ଲେଖା ହୋଇଥିବ ।

କାର୍ଡ- (ଚକ୍, ଚଷମା, ଚପଲ, ଚଟ, ଚଟୁ, ଚାବି, ଚାମଚ, ଚଉକି, ଚଟିଆ) ପ୍ରଦାନ କରାଯିବ । (ଦୁଇଟି ଦଳ ପାଇଁ ଦୁଇଟି ସେଟ୍) ପ୍ରଥମେ ଏହି ଚିତ୍ରଗୁଡିକୁ ଚିହ୍ନିବାକୁ ସୂଚନା ଦିଆଯିବ । ପରେ ଗୋଟିଏ ଦଳ ଗୋଟିଏ କାର୍ଡ ଦେଖେଇଲେ ଅନ୍ୟ ଦଳ ତାର ନାମ କହିବେ । (ଏହା ଉଭୟ ପିଲାଙ୍କ ଭାଷା ଓ ଓଡିଆ ଭାଷାରେ ହେବ ।)

- ସମସ୍ତ ପିଲାଙ୍କୁ ଗୋଲାକାରରେ ଛିଡା କରାଇ ଆବଶ୍ୟକ ଅନୁସାରେ ପୂର୍ବ ଚିତ୍ରକାର୍ଡ (ଶବ୍ଦ ଲେଖା ନଥିବା ) ଦିଆଯିବ । ପିଲାଙ୍କ ଗୋଲ ମଝିରେ ଶବ୍ଦ କାର୍ଡ ଗୁଡିକୁ ରଖାଯିବ । ବର୍ତ୍ତମାନ ପ୍ରତ୍ୟେକ ପିଲାଙ୍କୁ ସୂଚନା ଦିଆଯିବ । ସେମାନେ ଧରିବାକୁ ଚିତ୍ର ସମ୍ପର୍କିତ ଲେଖାଟିକୁ ତଳୁ ଆଣିବେ ଓ ଅନ୍ୟ ସମସ୍ତଙ୍କୁ ଦେଖାଇବେ ଯଦି ତାହା ଠିକ ହୁଏ ସମସ୍ତେ କରତାଳି ଦ୍ୱାରା ତାଙ୍କୁ ସ୍ୱାଗତ କରିବେ ।
- ପେଷ୍ଟିଙ୍ଗ୍ ବୋର୍ଡରେ ବାମ ପଟରେ ପୂର୍ବ ଚିତ୍ର ଥିବ ଓ ଡାହାଣ ପଟ ଫାଙ୍କା ଥିବ । ଶବ୍ଦଗୁଡିକ ତଳେ ଦିଆ ଯାଇଥିବା ଭଳି ଅଙ୍କାଯାଇ ରଖା ଯାଇଥିବ । ପିଲାଙ୍କୁ ସୂଚନା ଦିଆଯିବ ଚିତ୍ର ଦେଖି ତା ସମ୍ପର୍କିତ ଅକ୍ଷରକୁ ଆଣି ତା ପାର୍ଶ୍ୱରେ ଲଗାଇବେ ।ଏହା ଦୁଇ ଦଳ ମଧ୍ୟରେ ଖେଳାଯିବ ।

| ପେଷ୍ଟିଙ୍ଗ ବୋର୍ଡ | | କଟା ଶବ୍ଦ / କଟା ଅକ୍ଷର |
| --- | --- | --- |
| ଚିତ୍ର | ଲେଖା | |
| | | [ଚ] [ପ ଲ] |
| | | [ଚ] [ଟ] |
| | | [ଚ] [ର] [ଖା] |
| | | [ଚା] [ମ] [ଚ] |
| | | [ଚ] [ଉ] [କି] |
| | | [ଚ] [ଢ଼େ] [ଇ] |

- ଚାର୍ଟରେ ଯେପରି 'ଚ' ଅଛି ସେହିପରି ପିଲାଙ୍କ ଭାଷାରେ ଆଉ କିଛି ଶବ୍ଦ କହିବାକୁ କୁହାଯିବ ।
- ଖେଳ- ଆମ ଘରେ କ'ଣ ଅଛି ?
- ପିଲାଙ୍କୁ ବୃତ୍ତାକାରରେ ଛିଡା କରାଇ ଜଣେ ରହି ଖେଳ ପରିଚାନା କରିବେ । ସେ କହି କହି ବୃତ୍ତ ମଧ୍ୟରେ  କହିବେ । ଆମ ଘରେ କ'ଣ ଅଛି ? ଆମ ଘରେ କ'ଣ ଅଛି ? କ'ଣ ଅଛି ? ଯାହା ପାଖରେ କଥାଟି କହିବେ ସେ ତାଙ୍କ ଘରେ ଥିବା ଗୋଟିଏ ଜିନିଷର ନାମ କହିବେ । ଏହି ଘର ଉପକରଣ ନାମର ପୁନରାବୃତ୍ତି ହେବ ନାହିଁ । ଏହା ପିଲାଙ୍କୁ ଭାଷାରେ ଘର ଉପକରଣର ନାମ କହିବାକୁ କୁହାଯିବ ।
- ଏହିଭଳି ଖେଳରେ ପରିବାର ସଦସ୍ୟଙ୍କ ନାମ ମଧ୍ୟ କରାଯିବ ।
